

‘ପଦ୍ମାବତୀ’ ଭୂମିକାରେ
ପିଙ୍କି
▶ପୃଷ୍ଠା ୧୧ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-351 ◆BHUBANESWAR ◆THURSDAY ◆19 JUNE 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୨ ◆ସଂଖ୍ୟା-୩୫୧ ◆ଭୁବନେଶ୍ୱର ◆ଗୁରୁବାର ◆୧୯ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



# WE TEACH OUR PROBLEM SOLVERS HOW TO ADAPT TO NEW SITUATIONS.

Aakash
Medical | IIT-JEE | Foundations

## That's why we have so many rankers this year too.

NEET 2025 format was not just different, it was tough too. But be it new formats or new challenges, Aakashians have proven yet again, that when you learn the skill of problem solving you can ace any test.



675/720 **AIR 10** AARAV AGRAWAL — 1 YEAR CLASSROOM

680/720 ALL INDIA FEMALE TOPPER **AIR 5** AVIKA AGGARWAL — 3 YEAR CLASSROOM

682/720 **AIR 2** UTKARSH AWADHIYA — MADHYA PRADESH TOPPER — 3 YEAR CLASSROOM

681/720 **AIR 3** KRISHANG JOSHI — MAHARASHTRA TOPPER — 3 YEAR CLASSROOM

675/720 **AIR 9** HARSH KEDAWAT — 1 YEAR CLASSROOM

## OUR STAR PERFORMERS FROM ODISHA CLASSROOM PROGRAM

Result Summary ODISHA: **4** in Top 500 AIR | **9** in Top 1000 AIR | **39** in Top 5000 AIR | **78** in Top 10000 AIR

Result is Still Counting

| AIR | Name | Score |
|---|---|---|
| 128 | Aditya Kiran Bal | 640/720 |
| 204 | Ritesh Parija | 632/720 |
| 421 | Satwik Mohapatra | 622/720 |
| 466 | Anannya Padhy | 620/720 |
| 667 | Aditya A. Rath | 614/720 |
| 679 | Pratyasha Das | 613/720 |
| 797 | Ashmit Mohapatra | 610/720 |
| 827 | Smarak Das | 609/720 |
| 990 | Pratyush Kar | 606/720 |
| 1086 | Shrabani Dash | 605/720 |
| 1235 | Sourav Palar | 602/720 |
| 1347 | Dibyajyoti Nanda | 600/720 |
| 1660 | Ashutosh Jena | 596/720 |
| 1696 | Debshiskha Pradhan | 595/720 |
| 1787 | Simran Jena | 594/720 |
| 1942 | Nilay Mohanty | 593/720 |
| 1975 | Anisha Behera | 592/720 |
| 2092 | Swayam P. Sahoo | 591/720 |
| 2333 | Dibyajyoti Raut | 589/720 |
| 2489 | Awesh Akhtar | 588/720 |
| 2541 | Rupsita Senapati | 587/720 |
| 2581 | Adarsh A. Mohanty | 587/720 |
| 2618 | Nitish Pattanaik | 586/720 |
| 2674 | Naveen Agrawal | 586/720 |
| 2757 | Bibekananda Bhoi | 585/720 |
| 2990 | Adarsh Sabar | 584/720 |
| 3015 | Abhijeet Sahoo | 583/720 |
| 3331 | Rajdeep Tripathy | 581/720 |
| 3896 | Sashank Rath | 578/720 |
| 4084 | Shivansh Agrawal | 577/720 |
| 4155 | Vedansh Garg | 576/720 |
| 4231 | Priyanshu S. Samal | 576/720 |
| 4296 | Krishna Bhusan | 575/720 |
| 4520 | Brindamalini Parida | 574/720 |
| 4530 | Soumyaranjan Asha | 574/720 |
| 4573 | Anwesha Praharaj | 574/720 |
| 4647 | Sk Meherban | 574/720 |
| 4707 | Yashansu Mohanty | 573/720 |
| 4961 | Sradhanjali Ray | 572/720 |

& many more...

Though every care has been taken to publish the result, yet Aakash Educational Services Ltd. shall not be responsible for inadvertent error, if any.

**TO EVERY Aakash TEACHER — THANK YOU FOR BEING OUR STUDENTS' PROBLEM-SOLVERS, MENTORS, AND UNWAVERING SUPPORT.**

## ADMISSIONS OPEN

**REPEATER / DROPPER BATCHES for NEET (UG) 2026**
(XII Passed Batches)
Batches Starting From : 20th & 27th June, 2025

**Dropper Batches for JEE** (XII Passed Batches)

**CLASS 11th** — Studying Students — 2 Year Integrated courses for **NEET / JEE**

**CLASS 8th-10th** — Studying Students — Integrated courses for **School Boards / Olympiads**

Batches Starting From : 20th & 27th June, 2025

Get Up to **90% Scholarship****
Appear for instant Admission cum Scholarship Test (iACST).
Register for FREE
Visit: iacst.aakash.ac.in
Hurry! Batches Filling Fast
SCAN TO APPLY

**Terms & Conditions apply. The maximum iACST scholarship for the Regular Classroom Course (RCC) is up to 90%.

## COURSE FEE based on NEET-2025 Score

| NEET Score | Fees |
|---|---|
| Students Scoring 480 above | ₹ 20,000/- |
| Students Scoring 450-479 | ₹ 49,320/- |
| Students Scoring 425-449 | ₹ 66,000/- |
| Students Scoring 350-424 | ₹ 75,000/- |

All Course Fees Including GST

**COURSE OFFERING INCLUDES**
- All India Aakash Test Series (AIATS)
- Final Test Series for NEET
- NCERT Maps for NEET
- AI Powered Doubt Resolution
- Phygital Study Materials
- Question Bank
- NEET Challenger on My Aakash App
- Experimental Learning

**Call Your Nearest Branches : Bhubaneswar- Bhoumanagar** : 8800852494, 9337870700 **Chandrasekharpur** : 8800874104, 9311734469 **Khandagiri** : 9938896677 **Lewis Road:** 8093083567 **Cuttack** : 8800849243, 9337355230 **Shelter Chowk** : 8093083568 **Baleswar** : 8800538720, 7008000100 **Berhampur** : 8800502470, 9078884998 **Sambalpur** : 8448693770, 9338170700 **Rourkela** : 8093083553 **Angul** : 8093083557 **Balangir** : 7008112665, 8093083552 **Jajpur Road** : 9078677290 **Jeypore** : 8093083564, 9778980373

SCAN FOR NEAREST BRANCH

CALL (TOLL-FREE): 1800-102-2727 | VISIT: aakash.ac.in | Scan to Download Aakash App | Aakash Medical | IIT-JEE | Foundations

## ମହିଳା ଅତ୍ୟାଚାର ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ

# ସରକାର ପାଳୁଛନ୍ତି 'ଦୁଷ୍କର୍ମ' ଉପଲବ୍ଧି ଉତ୍ସବ: କଂଗ୍ରେସ

ଭୁବନେଶ୍ୱର,୧୮।୬(ସମିସ): ଗୋପାଳପୁର ଗଣଦୁଷ୍କର୍ମ, କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ଗଣଦୁଷ୍କର୍ମ ଓ ହତ୍ୟା, କଟକର ବାରଙ୍ଗ ଓ ଅନୁଗୁଳ ଜିଲ୍ଲାର କଣିହାଁ ବ୍ଲକ୍‌ରେ ହୋଇଥିବା ଲୋମହର୍ଷଣକାରୀ ଗଣଧର୍ଷଣ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ପ୍ରତିଦିନ ରାଜ୍ୟରେ ୧୫ରୁ ମହିଳା, ନାବାଳିକା ଗଣଧର୍ଷଣ ଓ ଧର୍ଷଣର ଶିକାର ହେଉଛନ୍ତି । ଏହି ନିର୍ଲଜ ଉପଲବ୍ଧି ପାଇଁ ରାଜ୍ୟ ସରକାର ଉତ୍ସବ ପାଳନ କରୁଛନ୍ତି ବୋଲି ଅଭିଯୋଗ କରିଛି କଂଗ୍ରେସ। ଏହାର ପ୍ରତିବାଦରେ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛି ଓ ରାଜ୍ୟ ସରକାରଙ୍କୁ କଟୁ ଭର୍ତ୍ସନା କରିଛି । ଓଡ଼ିଶାରେ ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟା ଅଣାୟତ ସ୍ଥିତିରେ ପହଞ୍ଚିଛି ଓ ରାଜ୍ୟର ମହିଳାମାନେ ସଂପୂର୍ଣ୍ଣ ଅସୁରକ୍ଷିତ ବୋଲି ଦଳ ପକ୍ଷରୁ କୁହାଯାଇଛି।



କଂଗ୍ରେସ କହିଛି ଯେ ରାଜ୍ୟରେ ପ୍ରତିଦିନ ୧୫ରୁ ଅଧିକ ମହିଳା ଓ ନାବାଳିକା ଗଣଧର୍ଷଣ ଓ ପାଶବିକ ଅତ୍ୟାଚାରର ଶିକାର ହେଉଥିବା ବେଳେ ଡବଲ ଇଞ୍ଜିନ ବିଜେପି ସରକାର ନିଜର ଏକବର୍ଷ ପୂର୍ତ୍ତିକୁ ଉତ୍ସବ ରୂପେ ପାଳନ କରୁଛନ୍ତି। ଯେଉଁ ରାଜ୍ୟରେ ୬୪ ହଜାରରୁ ଅଧିକ ମହିଳା ଓ ଶିଶୁ ନିଖୋଜ, ତାହା କି ପ୍ରକାର ଉପଲବ୍ଧି ଓ ରାଜ୍ୟ ସରକାରଙ୍କ ଏହି ବର୍ଷପୂର୍ତ୍ତି ପାଳନ ପାଇଁ ପ୍ରଧାନମନ୍ତ୍ରୀ କାହିଁକି ଓଡ଼ିଶା ଆସୁଛନ୍ତି ବୋଲି ରାଜ୍ୟ କଂଗ୍ରେସ ପ୍ରଶ୍ନ କରିଛି। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରର ହରିଚନ୍ଦନପୁରରେ ଜଣେ ମହିଳାଙ୍କୁ ଗଣଧର୍ଷଣ କରି ଗଛରେ ଦୁର୍ବୃତ୍ତମାନେ ଟାଙ୍ଗିଦେଇଛନ୍ତି। ନାବାଳିକା ଆଦିବାସୀ ସ୍କୁଲ ଯାଉଥିବା ଝିଅମାନେ ଗର୍ଭବତୀ ହେଉଛନ୍ତି। ଅନୁଗୁଳ ଜିଲ୍ଲାର କଣିହାଁ ବ୍ଲକ୍‌ରେ ଅନୁସୂଚିତ ଜାତିର ମହିଳା ସୁଭଦ୍ରାଙ୍କୁ ଗଣବଳାତ୍କାର କରି ମାରି ଫିଙ୍ଗିଦିଆଯାଇଛି। ଏଭଳି ଘଟଣା ରାଜ୍ୟରେ ଆଦିବାସୀ ଓ ଅନୁସୂଚିତ ବର୍ଗର ମହିଳାମାନଙ୍କ ପ୍ରତି ଅତ୍ୟାଚାର ସବୁ ସୀମା ଟପି ସାରିଥିବା ନେଇ ପ୍ରମାଣ ଦେଉଛି ବୋଲି ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ପ୍ରଶ୍ନ କହିଛନ୍ତି। ସାରା ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ମହିଳାମାନଙ୍କ ପ୍ରତି ଘଟୁଥିବା ଅପରାଧ ସମସ୍ତ ଜାତୀୟ ରେକର୍ଡକୁ ଭାଙ୍ଗି ବୋଲି ଉଲ୍ଲେଖ କରି ଏହା ଡବଲ ଇଞ୍ଜିନ ସରକାରର ସବୁଠାରୁ ବଡ଼ ସଫଳତା କି ବୋଲି ସେ କଟାକ୍ଷ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ପରିବର୍ତ୍ତେ ଉତ୍ସବ ପାଳନ କରିବା ଲଜ୍ଜାଜନକ ବୋଲି ସେ କହିଛନ୍ତି। ବିଧାୟକ ତାରାପ୍ରସାଦ ବାହିନୀପତି ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ ବର୍ଷିଥିବା ବେଳେ କଂଗ୍ରେସ ଦଳ ଏ ଘଟଣାକୁ ନେଇ ବିଧାନସଭାରେ ପୁନର୍ବାର ପ୍ରଶ୍ନ ଉତ୍ଥାପନ କରିବ ବୋଲି କହିଛନ୍ତି। ଘେରାଉ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ସୁରେଶ ରାଉତରାୟ, ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ, ବିଧାୟକ ଅଶୋକ ଦାସ, ସୋଫିଆ ଫିର୍ଦ୍ଦୋଶ, ମିନାକ୍ଷୀ ବାହିନୀପତି, ନବଜ୍ୟୋତି ପଟ୍ଟନାୟକ, ରଣଜିତ ପାତ୍ର, ୟାସିର ନୱାଜଙ୍କ ସହ ଅନ୍ୟ ନେତୃବର୍ଗ ଓ କଂଗ୍ରେସ କର୍ମୀମାନେ ଯୋଗଦାନ କରିଥିଲେ।

## ଗୋପାଳପୁର ଗଣଦୁଷ୍କର୍ମ ଘଟଣାକୁ ପ୍ରିୟଙ୍କା ଗାନ୍ଧୀଙ୍କ ନିନ୍ଦା

ଭୁବନେଶ୍ୱର,୧୮।୬(ସମିସ): ଗୋପାଳପୁର ସମୁଦ୍ରକୂଳରେ ହୋଇଥିବା ଗଣଦୁଷ୍କର୍ମ ଘଟଣାକୁ ନେଇ ସାରା ଦେଶରେ ଓଡ଼ିଶା ନିନ୍ଦିତ ହୋଇଛି। ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ଜଣେ କଲେଜ ପଢୁଆ ଝିଅଙ୍କୁ ୧୦ ଜଣ ଦୁଷ୍କର୍ମ କରିବା ସାରା ଦେଶରେ ଓଡ଼ିଶାର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ପଦାରେ ପକାଇଛି। ଜାତୀୟ ସ୍ତରରେ ଏହି ଖବରକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଥିବା ବେଳେ ଆଜି କଂଗ୍ରେସ ମହାସଚିବ ତଥା ସାଂସଦ ପ୍ରିୟଙ୍କା ଗାନ୍ଧୀ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ପ୍ରିୟଙ୍କା ଏକ୍ସ ଯୋଗେ ଏହି ଘଟଣାର ନିନ୍ଦା କରିବା ସହ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ଗୋପାଳପୁରରେ ୧୦ ଜଣ ଲୋକ ଜଣେ ଛାତ୍ରୀଙ୍କୁ ଯେଉଁପରି ନିର୍ଯାତନା ଦେଇଛନ୍ତି, ତାହାକୁ ନିନ୍ଦା କରିବା ପାଇଁ କଠୋରରୁ କଠୋର ଶବ୍ଦ ମଧ୍ୟ ଯଥେଷ୍ଟ ନୁହେଁ। ଓଡ଼ିଶାରେ ଦିନକୁ ଦିନ ମହିଳା ବିରୋଧୀ ହିଂସା ବୃଦ୍ଧି ପାଉଛି। ଯେଉଁ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନିଜେ ସ୍ୱୀକାର କରୁଛନ୍ତି ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ୪୪,୦୦୦ ମହିଳା ଏବଂ ଶିଶୁ ନିଖୋଜ ହୋଇଯାଇଛନ୍ତି, ସେଠାରେ ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ନ ଦେବା ମହିଳାଙ୍କ ପ୍ରତି ନିଷ୍ଠୁରତା ବୋଲି ପ୍ରିୟଙ୍କା କହିଛନ୍ତି।

## ସ୍ୱାମୀଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା ଅଭିଯୋଗ

ଧରାକୋଟ,୧୮।୬(ସମିସ): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ଗାଁର ହାଡ଼ିସାହିରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ମଦ୍ୟପ ସ୍ୱାମୀର ନିର୍ଯାତନା ଅସହ୍ୟ ହେବାରୁ ସ୍ତ୍ରୀ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଅମର ନାଇକ(୪୦)। ହତ୍ୟା ପରେ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଛି ସ୍ତ୍ରୀ। ଧରାକୋଟ ଥାନାରେ ମୃତକଙ୍କ ବଡ଼ଭାଇ ଟୁନା ନାଇକ ଅଭିଯୋଗ କରିବା ପରେ ପୁଲିସ ସ୍ତ୍ରୀ ଅଞ୍ଜନା ନାଇକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଅମର ମଦ୍ୟପାନ କରି ଆସୁଥିବାରୁ ଅଧିକାଂଶ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥାଏ। ମଙ୍ଗଳବାର ରାତିରେ ମଧ୍ୟ ଅମର ମଦ୍ୟପାନ କରି ଆସିଥିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାର କିଛି ସମୟ ପରେ ଅଞ୍ଜନା ଦେଢ଼ଶୁର ଟୁନାଙ୍କୁ ଯାଇ ଅମର ଶୋଇ ପଡ଼ିଛନ୍ତି, ଡାକିଲେ ଶୁଣୁ ନାହାନ୍ତି ବୋଲି କହିଥିଲେ। ଟୁନା ପହଞ୍ଚି ତାଙ୍କୁ ରାତି ପ୍ରାୟ ୧୨ଟାରେ ଆସିକା ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ଅମରଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଅଞ୍ଜନା ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ଟୁନା ଧରାକୋଟ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ (ନଂ.୨୩୨/୨୫)ରେ ଏକ ମାମଲା ରୁଜୁକରି ସ୍ତ୍ରୀ ଅଞ୍ଜନାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଏନେଇ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସ୍ତ୍ରୀ ଅଞ୍ଜନାକୁ ଅଟକ ରଖି ପଚରାଉଚରା ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ଅନୁସନ୍ଧାନ ବ୍ୟାପକ କରିବ ବୋଲି ଥାନାଧିକାରୀ କହିଛନ୍ତି।

## ନାଲିବତୀ ଗାଡ଼ି ସାଙ୍ଗକୁ ଆଇଏଏସ୍ ପ୍ରୋବେସନର ପ୍ଲେଟ୍

ଭୁବନେଶ୍ୱର,୧୮।୬(ସମିସ): କଳାହାଣ୍ଡି ଜିଲ୍ଲାର ଜଣେ ଆଇଏଏସ୍ ପ୍ରୋବେସନର ସରକାରୀ ସୁବିଧାର ଅପବ୍ୟବହାର କରିବା ମହଙ୍ଗା ପଡ଼ିଛି। ଗୋଟିଏ ଗାଡ଼ିରେ ନାଲିବତୀ ସାଙ୍ଗକୁ ଆଇଏଏସ ପ୍ରୋବେସନର ପ୍ଲେଟ୍ ଲଗାଇବା ଘଟଣାରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ କଳାହାଣ୍ଡିର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ



**ତଦନ୍ତ ପାଇଁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଜିଏ ବିଭାଗର ଚିଠି**

ଦେଇଛନ୍ତି। ଆଇଏଏସ୍ ପ୍ରୋବେସନରମାନେ ତାଲିମ ଗ୍ରହଣ କରୁଥିବା ସମୟରେ ସ୍ୱତନ୍ତ୍ର ଚିହ୍ନ କିମ୍ବା ସଙ୍କେତ ସହିତ ସରକାରୀ ଯାନବାହନ ଭଳି ସୁବିଧା ପାଇବାକୁ ହକଦାର ନୁହନ୍ତି। ଅଖିଳ ଭାରତୀୟ ସେବା (ଆଚରଣ) ନିୟମ, ୧୯୬୮, ଏବଂ ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନର) ନିୟମ, ୧୯୫୪, ଆଇଏଏସ ଅଧିକାରୀ ଏବଂ ପ୍ରୋବେସନରମାନଙ୍କ ଆଚରଣକୁ ନିୟନ୍ତ୍ରଣ କରେ। ଏହି ନିୟମଗୁଡ଼ିକ ଉଚ୍ଚ ନୈତିକ ମାନଦଣ୍ଡ, ସଚ୍ଚୋଟତା ଏବଂ ବୃତ୍ତିଗତ ଆଚରଣ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରେ। ପ୍ରୋବେସନରମାନଙ୍କୁ ନର୍ଦ୍ଦିଷ୍ଟ ଭାବେ କିଛି ସୁବିଧା ଦିଆଯାଇ ନ ଥାଏ। ଯେଉଁଥିରେ ଆଇଏଏସ ଅଧିକାରୀମାନେ ପାଉଥିବା ସରକାରୀ କାର ମଧ୍ୟ ଅନ୍ତର୍ଭୁକ୍ତ।

## ଆଜିଠୁ କମିବ ବର୍ଷା

**ପଛକୁପଛ ଆସୁଛି ଆଉ ୨ ଲଘୁଚାପ**

ଭୁବନେଶ୍ୱର,୧୮।୬(ସମିସ): ମୌସୁମୀ ସକ୍ରିୟ ସହ ରାଜ୍ୟରେ ଭଲ ବର୍ଷା ଅନୁଭୂତ ହୋଇଛି। ଯଦିଓ ଗୁରୁବାରଠାରୁ ବର୍ଷାର ପ୍ରଭାବ ହ୍ରାସ ପାଇବ, ମାତ୍ର ପଛକୁ ପଛ ପୁଣି ୨ ଟି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ନିୟମିତ ବ୍ୟବଧାନରେ ବଙ୍ଗୋପସାଗରରେ ଦୁଇଟି ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ପ୍ରାୟ ମାସ ଶେଷ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଜାରି ରହିବାର ସମ୍ଭାବନା ରହିଛି। ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୩-୨୪ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁଚାପ ଦ୍ୱାରା ରାଜ୍ୟରେ ଅଧିକ ପରିମାଣରେ ବର୍ଷା ହେଉଥିବାରୁ ଏହି ଲଘୁଚାପ ପ୍ରଭାବରେ ପ୍ରାୟ ୨୨ ତାରିଖରୁ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପଟେ ୨୮ ବେଳକୁ ପୁଣି ଏକ ଲଘୁଚାପ କିମ୍ବା ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବାରୁ ଏହା ଦ୍ୱାରା ମଧ୍ୟ ରାଜ୍ୟରେ ଭଲ ବର୍ଷା କରାଇବାର ସମ୍ଭାବନା ରହିଛି।

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁଁ ଗତ ୩ ଦିନ ମଧ୍ୟରେ ୨୯ ପ୍ରତିଶତ ନିଅଣ୍ଟିଆ ବର୍ଷା ଭରଣ ହୋଇଛି। ଫଳରେ ବର୍ତ୍ତମାନ ରାଜ୍ୟରେ ଜୁନ୍ ମାସରେ ବର୍ଷାର ସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଫେରିଛି। ଗତ ୧୫ ଜୁନ ବେଳକୁ ମୌସୁମୀ ଋତୁରେ ରାଜ୍ୟରେ ହାରାହାରି ବର୍ଷା ୪୨.୯ ମିମି ସହ ୪୨ ପ୍ରତିଶତ ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଥିଲା। କିନ୍ତୁ ପରେ ଘୂର୍ଣ୍ଣିବଳୟ ସୃଷ୍ଟି ସହ ସକ୍ରିୟ ମୌସୁମୀ ଏବଂ ଲଘୁଚାପ ପ୍ରଭାବରେ ମାତ୍ର ୩ ଦିନରେ ୨୯ ପ୍ରତିଶତ ନିଅଣ୍ଟିଆ ଭରଣ ସହ ବର୍ତ୍ତମାନ ରାଜ୍ୟରେ ହାରାହାରି ବର୍ଷାର ୮୬.୬ ମିମିକୁ ବୃଦ୍ଧି ହୋଇଛି।

ପଶ୍ଚିମବଙ୍ଗ ନିକଟରେ ଥିବା ଲଘୁଚାପ ବୁଧବାର ସକାଳ ସୁଦ୍ଧା ଘନୀଭୂତ ହୋଇ ସୁଦୃଶ୍ୟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି। ଏହାର ପ୍ରଭାବ ଓଡ଼ିଶା ଉପରୁ କମୁଥିବା ବେଳେ କେବଳ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ବର୍ଷା ଆଶଙ୍କା ରହିଛି। ଗୁରୁବାର ଉତ୍ତର-ଉତ୍ତର-ପଶ୍ଚିମ ଜିଲ୍ଲା ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷାର ଆଶଙ୍କା ରହିଥିବା ବେଳେ କେନ୍ଦ୍ରୀୟ ଓଡ଼ିଶାର ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଛି।

## ହାତୀ ଆକ୍ରମଣରେ ବୃଦ୍ଧା ମୃତ, ଜଣେ ଗୁରୁତର

**୨୫ଟିକିଆ ହାତୀପଲକୁ ନେଇ ଅଞ୍ଚଳବାସୀ ଭୟଭୀତ**

ମୋରଡ଼ା/ରାସଗୋବିନ୍ଦପୁର,୧୮।୬(ସମିସ): ରାସଗୋବିନ୍ଦପୁର ରେଞ୍ଜ ଅଧୀନ ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକ୍‌ରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ତତ୍ସହିତ ହାତୀ ଆକ୍ରମଣରେ କେତେକଙ୍କ ଜୀବନ ବି ଗଲାଣି। ତେବେ ବର୍ଷ ତମାମ ହାତୀ ଉପଦ୍ରବ ଲାଗି ରହିଥିବାରୁ ଅଞ୍ଚଳବାସୀ ଅତିଷ୍ଠ ହେବାସହ ଚାଷ ପାଇଁ ଚାଷୀ ମଧ୍ୟ ଭୟଭୀତ। ସୂଚନାନୁଯାୟୀ, ବୁଧବାର ଭୋର ୪ଟା ବେଳେ ରାସଗୋବିନ୍ଦପୁର ରେଞ୍ଜ ଅଧୀନ ନଳଗଜା ପଞ୍ଚାୟତ ଉକାଶୋଳ ଗ୍ରାମରେ ହାତୀପଲ ପ୍ରବେଶ କରି ଘରଭାଙ୍ଗି ଭିତରେ ଶୋଇଥିବା ଅବସ୍ଥାରେ ନାଗି ହାଁସଦାଙ୍କୁ ଘୋଷାଡ଼ି ଆଣି ଦଳିଚକଟି ଦେଇଛନ୍ତି। ଫଳରେ ବୃଦ୍ଧା ନାଗିଙ୍କ ଦେହରୁ ଗୋଡ଼ ଅଲଗା ହୋଇଯିବା ସହିତ ଅନ୍ତବୁଜଳା ବାହାରି ଆସିଥିବାର ଦେଖିବାକୁ ମିଳିଛି। ଖବର ପାଇ ରାସଗୋବିନ୍ଦପୁର ବନବିଭାଗ ପହଞ୍ଚି ନାଗିଙ୍କୁ ଉଦ୍ଧାର କରି ବାରିପଦା ମେଡିକାଲ ପଠାଇଥିଲେ। କିନ୍ତୁ ସେ ମୃତ ବୋଲି ଡାକ୍ତର ଘୋଷଣା କରିଥିଲେ। ଠିକ ସେହିପରି ଉକ୍ତ ପଞ୍ଚାୟତ ଅଧୀନ ଶୁଖିଲାଖାଲି ଗ୍ରାମ ବଡ଼ା ମୁର୍ମୁ ବାରଣ୍ଡାରେ ଶୋଇଥିବା ବେଳେ ଉକ୍ତ ୨୫ ଟିକିଆ ହାତୀପଲ ମଧ୍ୟରୁ ଦୁଇଟି ହାତୀ ତାଙ୍କୁ ଶୁଣ୍ଢରେ ଟାଣି ଆଣି କଚାଡ଼ି ଦେଇଥିଲେ। ତେବେ ପାଟି ଶୁଣି ସ୍ଥାନୀୟ ଲୋକେ ଆସି ହାତୀପଲକୁ ଘଉଡ଼ାଇବା ପରେ ସ୍ଥାନୀୟ ଲୋକେ ଉଦ୍ଧାର କରି ରାସଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

## କେନ୍ଦ୍ର ସାହିତ୍ୟ ଏକାଡେମି ପକ୍ଷରୁ ଯୁବ ଓ ବାଲ୍ ସାହିତ୍ୟ ପୁରସ୍କାର ଘୋଷିତ

ଭୁବନେଶ୍ୱର,୧୮।୬ (ସମିସ): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଚଳିତ ବର୍ଷର ଯୁବ ଓ ବାଲ୍ ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି। ନୂଆଦିଲ୍ଲୀରେ ଅନୁଷ୍ଠିତ କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ୨୩ ଜଣ ଯୁବ ଲେଖକ ଏବଂ ୨୪ ଜଣ ଶିଶୁ ସାହିତ୍ୟିକଙ୍କ ନାଁ ପୁରସ୍କାର ପାଇଁ ଅନୁମୋଦନ କରାଯାଇଥିବା ବେଳେ ଶିଶୁ ସାହିତ୍ୟିକ ରାଜକିଶୋର ପାଢୀଙ୍କୁ ବାଲ୍ ସାହିତ୍ୟ

**■ ସୁବ୍ରତ ସେନାପତି, ଫାଗୁ ବାସ୍କେଙ୍କୁ ଯୁବ ପୁରସ୍କାର**
**■ ବାଲ୍ ସାହିତ୍ୟ ପୁରସ୍କାର ପାଇବେ ରାଜକିଶୋର ପାଢୀ**

ପୁରସ୍କାର ପ୍ରଦାନ କରାଯିବା ସହ ଓଡ଼ିଆ ଲେଖକ ସୁବ୍ରତ ସେନାପତି ଏବଂ ସାନ୍ତାଳୀ ଭାଷା ପାଇଁ ଫାଗୁ ବାସ୍କେଙ୍କୁ ଯୁବ ପୁରସ୍କାର ପ୍ରଦାନ କରାଯିବ। ତେବେ ଚଳିତ ବର୍ଷ ଡୋଗରୀ ଭାଷା ପାଇଁ କାହାକୁ ମନୋନୀତ କରାଯାଇ ନାହିଁ।

ଡ. ରାଜକିଶୋର ପାଢ଼ୀ ଶିଶୁ ପୁସ୍ତକ "କେତେ ଫୁଲ ଫୁଟିଛି' ପାଇଁ ବାଲ୍ ସାହିତ୍ୟ ପୁରସ୍କାର ପାଇବେ। ୨୦୧୧ ମସିହାରେ ଶିଶୁ କାହାଣୀ ପୁସ୍ତକ 'କଥା କଳସ' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ସେହିପରି ସୁବ୍ରତ କୁମାର ସେନାପତି ତାଙ୍କ ଗଳ୍ପ ପୁସ୍ତକ 'କଦମ୍ବବନ' ପାଇଁ ଯୁବ ସାହିତ୍ୟ ପୁରସ୍କାର ପାଇବେ। ସେହିପରି ମୟୂରଭଞ୍ଜ ଜିଲ୍ଲା ଭୋଲାଗଡ଼ିଆ ଗ୍ରାମର ଯୁବକବି ଫାଗୁ ବାସ୍କେଙ୍କୁ ସାନ୍ତାଳୀ ଭାଷା ବର୍ଗରେ ତାଙ୍କ ସାନ୍ତାଳୀ କବିତା ସଂଗ୍ରହ 'ଆରା ସାଓଁ ଇନ୍' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ୨୦୨୫ ପାଇଁ ଚୟନ କରାଯାଇଛି।

ମଙ୍ଗଳବାର କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ବୈଠକରେ ୨୦୨୫ ବର୍ଷ ପାଇଁ ଓଡ଼ିଆ ସମେତ ୨୩ଟି ଭାଷା ପାଇଁ ଯୁବ ପୁରସ୍କାର ଓ ୨୪ଟି ଭାଷା ପାଇଁ ବାଲ୍ ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି। ଉଭୟ ପୁରସ୍କାର ଯୁବ ପୁରସ୍କାର ପାଇଁ ପ୍ରତ୍ୟେକ ଭାଷାରେ ତିନି ଜଣିଆ ସଦସ୍ୟ ବିଶିଷ୍ଟ ବିଚାରକ ମଣ୍ଡଳୀ ଗଠନ କରାଯାଇଥିଲା। ସେହି ବିଚାରକ ମଣ୍ଡଳୀ ଗୁଡ଼ିକର ସୁପାରିଶକ୍ରମେ ଏହି ପୁରସ୍କାର ଘୋଷଣା କରାଯାଇଛି। ତେବେ ଓଡ଼ିଆ ଭାଷା ପାଇଁ ଗଠିତ ବିଚାରକ ମଣ୍ଡଳୀରେ ବିଶିଷ୍ଟ ଲେଖିକା ଯଶୋଧାରା ମିଶ୍ର, ରବି ସ୍ୱାଇଁ ଓ ସୁଭାଷ ଶତପଥୀ ସଦସ୍ୟ ଥିବା ବେଳେ ନୀଳାଦ୍ରିଭୂଷଣ ହରିଚନ୍ଦନ, ଡ. ଶକୁନ୍ତଳା ବଳିୟାରସିଂହ ଓ ଡ. ରାମଚନ୍ଦ୍ର ନାୟକ ରହିଥିଲେ। ପରବର୍ତ୍ତୀ ସମୟରେ ହେବାକୁ ଥିବା ଏକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ।

## ଅଗଷ୍ଟ ୧୫ରୁ ନୂଆ ଫାସ୍‌ଟ୍ୟାଗ୍ ନିୟମ

# ଆରମ୍ଭ ହେବ ବର୍ଷିକିଆ ପାସ୍ ପ୍ରଚଳନ ବ୍ୟବସ୍ଥା

ନୂଆଦିଲ୍ଲୀ,୧୮।୬(ଏଜେନ୍ସି): ଦେଶରେ ଟୋଲ୍ ଟିକସ ନିୟମରେ ହେବାକୁ ଯାଉଛି ଏକ ବଡ଼ ପରିବର୍ତ୍ତନ। ଯାହା ସାଧାରଣ ଲୋକଙ୍କୁ ଦେବ ବହୁ ମାତ୍ରାରେ ଆଶ୍ୱସ୍ତି ଦେବ। ଆଗକୁ ଆରମ୍ଭ ହେବାକୁ ଯାଉଛି ବର୍ଷିକିଆ ଟୋଲ୍ ପାସ୍ ବ୍ୟବସ୍ଥା। ମାତ୍ର ୩,୦୦୦ ଟଙ୍କାରେ ବର୍ଷକ ପାଇଁ ଗାଡ଼ି

**■ ୩,୦୦୦ ଟଙ୍କାରେ ବର୍ଷକ ପାଇଁ ଫାସ୍‌ଟ୍ୟାଗ୍**
**■ ଘରୋଇ ଗାଡ଼ି ୨୦୦ ଥର ଟୋଲ୍ ପାର କରିପାରିବ**

ମାଲିକଙ୍କୁ ମିଳିବ ଫାସ୍‌ଟ୍ୟାଗ୍। ଆସନ୍ତା ଅଗଷ୍ଟ ୧୫ ତାରିଖଠାରୁ ଦେଶରେ ୩,୦୦୦ ଟଙ୍କା ମୂଲ୍ୟର ଏକ ଫାସ୍‌ଟ୍ୟାଗ୍ ଆଧାରିତ ବାର୍ଷିକ ପାସ୍ ପ୍ରଚଳନ କରାଯିବ। ଏ ନେଇ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ସୋସିଆଲ ମିଡିଆ 'ଏକ୍ସ' ଆକାଉଣ୍ଟ ମାଧ୍ୟମରେ ସୂଚନା ଦେଇଛନ୍ତି।

ଏହି ପାସ୍ ସକ୍ରିୟ ହେବା ତାରିଖରୁ ଗୋଟିଏ ବର୍ଷ ପାଇଁ କିମ୍ବା ୨୦୦ ଯାତ୍ରା ପର୍ଯ୍ୟନ୍ତ(ଯେଉଁଟି ପ୍ରଥମ) ବୈଧ ରହିବ। ଏହି ପାସ୍ ବିଶେଷ ଭାବରେ କେବଳ ଅଣ-ବାଣିଜ୍ୟିକ ଯାନ ବା ବ୍ୟକ୍ତିଗତ ଯାନ (କାର, ଜିପ୍, ଭ୍ୟାନ ଇତ୍ୟାଦି) ପାଇଁ ଡିଜାଇନ୍ କରାଯାଇଛି। ଏହା ସାରା ଦେଶରେ ଜାତୀୟ ରାଜପଥରେ ସୁଗମ ଯାତ୍ରାକୁ ସକ୍ଷମ କରିବ। ଗଡ଼କରୀ ପୋଷ୍ଟରେ ଲେଖିଛନ୍ତି ଯେ, ବାର୍ଷିକ ପାସ୍ ସକ୍ରିୟକରଣ/ନବୀକରଣ ପାଇଁ ହାଇୱେ ଟ୍ରାଭେଲ୍ ଆପ୍ ଏବଂ ଏନ୍‌ଏଚ୍‌ଏଆଇ/ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ୱେବସାଇଟରେ ଖୁବ୍ ଶୀଘ୍ର ଏକ ପୃଥକ ଲିଙ୍କ୍ ଉପଲବ୍ଧ କରାଯିବ, ଯାହା ପ୍ରକ୍ରିୟାକୁ ସରଳ ଏବଂ ସହଜ କରିବ। ଏହାର ନବୀକରଣ ପ୍ରକ୍ରିୟା ଅନଲାଇନରେ ମଧ୍ୟ କରାଯାଇପାରିବ। ନୂତନ ବାର୍ଷିକ ପାସ୍ ନୀତିର ଲକ୍ଷ୍ୟ ହେଉଛି ୬୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଅବସ୍ଥିତ ଟୋଲ୍ ପ୍ଲାଜା ସହିତ ଜଡିତ ପୁରୁଣା ସମସ୍ୟାର ସମାଧାନ କରିବା। ଏକକ ଡିଜିଟାଲ୍ କାରବାର ମାଧ୍ୟମରେ ଟୋଲ୍ ପେମେଣ୍ଟକୁ ସହଜ କରିବା, ଟୋଲ୍ ପ୍ଲାଜାରେ ଅପେକ୍ଷା ସମୟ ହ୍ରାସ କରିବା, ଭିଡ଼ କମାଇବା ଏବଂ ବିବାଦ ଦୂର କରିବା ଏହାର ପ୍ରମୁଖ ଲାଭ ବୋଲି ଗଡକରୀ କହିଛନ୍ତି।

ହେଲେ ବର୍ତ୍ତମାନ ଯେଉଁ ଯାତ୍ରୀମାନେ ପ୍ରାୟତଃ ଏକ ନିର୍ଦ୍ଦିଷ୍ଟ ଟୋଲ୍ ପ୍ଲାଜା ଦେଇ ଯାତାୟାତ କରନ୍ତି ସେମାନେ ଠିକଣା ପ୍ରମାଣ ଏବଂ ଡକ୍ୟୁମେଣ୍ଟ ଦାଖଲ କରି ମାସିକ ପାସ୍ ପାଇପାରିବେ। ଏହି ପାସର ମୂଲ୍ୟ ପ୍ରତି ମାସ ୩୪୦ ଟଙ୍କା।

## ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇରଙ୍ଗପୁର,୧୮।୬(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାର ପୋଖରିଆ ସ୍କୁଲସାହିରେ ଘରଭିତରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତ ପ୍ରେମୀଯୁଗଳ ହେଲେ ସେହି ଗାଁର ସଦାନନ୍ଦ ନାଏକ(୨୨) ଓ ଯୁବତୀ ମନୀଷା ନାଏକ(୧୫) ବୋଲି ଜଣାପଡିଛି। ସୂଚନାନୁଯାୟୀ, ବୁଧବାର ସକାଳେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାର ପୋଖରିଆ ସ୍କୁଲସାହିରେ ଜଣଙ୍କ ଘରୁ ଯୁବକ ଓ ଯୁବତୀଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକେ ପୁଲିସକୁ ଖବର ଦେଇଥିଲେ। ପରବର୍ତ୍ତୀ ସମୟରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା ବୋଲି ସୂଚନା ମିଳିଛି। ପୁଲିସ ଉଭୟ ଶବକୁ ରାଇରଙ୍ଗପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ବର୍ଗକୁ ହସ୍ତାନ୍ତର କରି ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନାହିଁ।

## ଭାଙ୍ଗିଲା ଆନ୍ଧ୍ର-ଓଡ଼ିଶା ସ୍ପେଶାଲ ଜୋନାଲ୍ ମାଓ କମିଟିର ମେରୁଦଣ୍ଡ

# ଯବାନଙ୍କ ଗୁଳିରେ ଟଳିଲେ ଉଦୟ, ଅରୁଣା ଓ ଅଞ୍ଜୁ

ମାଲକାନଗିରି, ୧୮।୬ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶରେ ଯବାନଙ୍କ ଗୁଳିରେ ମୋଟ ୬୫ ଲକ୍ଷ ଇନାମି ୩ କୁଖ୍ୟାତ ମାଓନେତା ନିହତ ହୋଇଛନ୍ତି। ମୃତ ମାଓବାଦୀ ମାନେ ହେଲେ ଗଜରଲା ରବି ଓରଫ ଉଦୟ, ରବି ଭେଙ୍କଟା ଚୈତନ୍ୟା ଓରଫ ଅରୁଣା ଏବଂ ଅଞ୍ଜୁ। ମାଲକାନଗିରି ଜିଲ୍ଲାପାଳ ଭିନେଲ୍ କ୍ରୀଷ୍ଣାଙ୍କ ଅପହରଣରେ ଉଦୟ ଓ ଅରୁଣା ସମ୍ପୃକ୍ତ ଥିଲେ। ଆଜି ସକାଳେ ମାଲକାନଗିରି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶର ଆଲୁରି ସିତରାମ ରାଜୁ



**ଆଇଏଏସ୍ ଭିନିଲ୍ କ୍ରୀଷ୍ଣା ଓ ଝୀନ୍ ହିକ୍କାଙ୍କ ଅପହରଣରେ ଥିଲେ ମାଷ୍ଟର ମାଇଣ୍ଡ**

ଜିଲ୍ଲାର ମାରେଡିମେଲୁ ଥାନା ଅଞ୍ଚଳରେ ଟପ୍ କ୍ୟାଡରର ମାଓବାଦୀ ଲୁଚି ରହିଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ମାରେଡମେଲୁ ପୁଲିସ, ଗ୍ରେହାଉଣ୍ଡ, ଏସଏସ କୋବ୍ରା ବାହିନୀର ଯବାନମାନେ ତଲାସି ଅଭିଯାନ କରିଥିଲେ। ଏହି ସମୟରେ କୋଏଲଗୁଡମ ଗ୍ରାମ ନିକଟ ଜଙ୍ଗଲରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ମୁହାଁମୁହିଁ ଗୁଳିବିନିମୟ ହୋଇଥିଲା। ଯବାନଙ୍କ ସାମ୍ନା କରି ନପାରି ମାଓବାଦୀ ମାନେ ଜଙ୍ଗଲ ମଧ୍ୟରେ ଲୁଚି ପଳାଇଥିଲେ। ଏହାପରେ ଯବାନମାନେ ଜଙ୍ଗଲରେ ତଲାସୀ କରିବା ବେଳେ ମାଓ ସଂଗଠନର ସେଣ୍ଟ୍ରାଲ କମିଟି ସଦସ୍ୟ ତଥା ଆନ୍ଧ୍ର-ଓଡ଼ିଶା ସ୍ପେଶାଲ ଜୋନାଲ କମିଟିର ସେକ୍ରେଟାରୀ ୪୦ ଲକ୍ଷ ଇନାମୀ ମାଓବାଦୀ ଗାଜେର୍ଲା ଓରଫ ଉଦୟ, ମାଓନେତ୍ରୀ ତଥା ଆନ୍ଧ୍ର-ଓଡ଼ିଶା ସ୍ପେସିଆଲ ଜୋନାଲ୍ କମିଟି ସଦସ୍ୟ ତଥା ସେଣ୍ଟ୍ରାଲ କମିଟି ସଦସ୍ୟ ୨୦ ଲକ୍ଷ ଇନାମୀ ମାଓବାଦୀ ରାଭି ଭେଙ୍କେଟ ଚୈତନ୍ୟା ଓରଫ ଅରୁଣାଙ୍କ ସହ ମାଓନେତ୍ରୀ ତଥା ଆନ୍ଧ୍ର-ଓଡ଼ିଶା ଜୋନାଲ କମିଟି ସଦସ୍ୟ ୫ ଲକ୍ଷ ଇନାମୀ ମାଓବାଦୀ ଅଞ୍ଜୁର ମରଶରୀରକୁ ଠାବ କରିଥିଲେ। ଏହାସହ ଘଟଣାସ୍ଥଳରୁ ୨ଟି ଏକେ-୪୭ ରାଇଫଲ, ବହୁ ମାଓ ସାମଗ୍ରୀ ମଧ୍ୟ ଜବତ କରିଥିଲେ। ମୃତ ଅରୁଣା ପୂର୍ବରୁ ଛତିଶଗଡ଼ରେ ଯବାନଙ୍କ ସହ ଏନ୍‌କାଉଣ୍ଟର ବେଳେ ନିହତ ହୋଇଥିବା ମାଓନେତା ଚଲପତିଙ୍କ ପତ୍ନୀ। ଆଜି ଯବାନଙ୍କୁ ଏହି ବଡ ସଫଳତା ମିଳିବା ପରେ ଅଞ୍ଚଳରେ ବର୍ତ୍ତମାନ ମଧ୍ୟ ତଲାସୀ ଅଭିଯାନକୁ ଜାରି ରଖାଯିବା ସହ ଓଡ଼ିଶା-ଆନ୍ଧ୍ର ସୀମାକୁ ସିଲ୍ କରାଯାଇଥିବା ଜଣାପଡିଛି।

# ସରକାର ମାନିଲେ ଧାନକିଣାରେ ଅନିୟମିତତା

**ଓଡ଼ିଶା ମଣ୍ଡିରେ ଛତିଶଗଡ଼ ଧାନ : ଉପମୁଖ୍ୟମନ୍ତ୍ରୀ**

ବଲାଙ୍ଗିର,୧୮।୬(ସମିସ): ବଲାଙ୍ଗିର ଜିଲ୍ଲା ମିଲ୍‌କୁ ଆସୁଛି ଛତିଶଗଡ଼ରୁ ଧାନ। ଛତିଶଗଡ଼ ଧାନକୁ ମିଲର୍ସମାନେ କମ୍ ଦରରେ କିଣି ରାଜ୍ୟ ସରକାରଙ୍କ ବୋନସ ସହାୟତାର ଫାଇଦା ନେବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି। କେବଳ ଏତିକି ନୁହଁ ଉକ୍ତ ଧାନକୁ କିଣିବା ପାଇଁ ମିଲର୍ସମାନେ ସରକାରଙ୍କ ଉପରେ ଚାପ ପକାଉଥିବା ସ୍ପଷ୍ଟ ହୋଇଛି। ଏକଥା ନିଜେ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ମଙ୍ଗଳବାର ବଲାଙ୍ଗିର ଜିଲ୍ଲା ପଥରଚେପାଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶରେ ମତ ରଖିଛନ୍ତି। କୃଷିମନ୍ତ୍ରୀ ସମାବେଶରେ କହିବା ପରେ ବଲାଙ୍ଗିର ଜିଲ୍ଲାରେ ଚାଲିଥିବା ଧାନକିଣା ଅନିୟମିତତା ପଦାରେ ପଡ଼ିଛି। ପୂର୍ବରୁ ହୋଇଥିବା ଅନିୟମିତତା ମଧ୍ୟ ସ୍ପଷ୍ଟ ହୋଇଛି।

ବଲାଙ୍ଗିର ଜିଲ୍ଲା ପଥରଚେପାଠାରେ ମଙ୍ଗଳବାର ରାଜ୍ୟସ୍ତରୀୟ କୃଷକଶକ୍ତି ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିବା ବେଳେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ସିଂହଦେଓ ନିଜ ଅଭିଭାଷଣ ରଖିଥିବା ବେଳେ ଧାନକିଣା ପ୍ରସଙ୍ଗ ସାମ୍ନାକୁ ଆଣିଥିଲେ। ଯାହାକି ଏବେ ତାଙ୍କ ନିଜ ସରକାରଙ୍କୁ ବିବାଦକୁ ଟାଣି ଆଣିଛି। ବଲାଙ୍ଗିର ତଥା ଆଖପାଖ ଜିଲ୍ଲାର ମିଲ୍‌କୁ ଛତିଶଗଡ଼ରୁ ଧାନ ଚାଲାଣ ହେଉଥିବା ସ୍ପଷ୍ଟ ହୋଇଛି। ଗତ କିଛି ଦିନ ତଳେ ତୁଷୁରା ଅଞ୍ଚଳରେ ଏକ ଧାନ ବୋଝେଇ ଟ୍ରକ୍‌କୁ ପ୍ରଶାସନ ଜବତ କରିଥିଲା। ଉକ୍ତ ଧାନ ଛତିଶଗଡ଼ରୁ ଆସିଥିବା ହୋଇଥିବା ଆଲୋଚନା ହୋଇଥିଲା। ଅଭିଯୋଗ ଅନୁସାରେ ଓଡ଼ିଶା ସୀମାକୁ ଲାଗିରହିଥିବା ଛତିଶଗଡ଼ ଅଞ୍ଚଳରୁ ବହୁ ପରିମାଣର ଧାନ ଓଡ଼ିଶାକୁ ଚାଲାଣ ହେଉଥିବାବେଳେ ଏହାକୁ ମିଲର୍ସମାନେ ସିଧାସଳଖ ଦଲାଲଙ୍କ ସହାୟତାରେ କମ୍ ଦରରେ କିଣୁଛନ୍ତି। ସେହି ଧାନକୁ ଓଡ଼ିଶାର ବିଭିନ୍ନ ମଣ୍ଡିରେ ମିଥ୍ୟା ଏଣ୍ଟ୍ରିକରି ସରକାରୀ ସ୍ତରରେ କିଣୁଥିବା ଅଭିଯୋଗ ହୋଇଛି। ଫଳରେ ମଣ୍ଡିମାନଙ୍କରେ ଟାର୍ଗେଟ ଆଗୁଆ ପୂରଣ ହେଉଥିବା ଜଣାପଡ଼ିଛି। କିନ୍ତୁ ଚଳିତ ଖରିଫ ଓ ରବିରେ ବଲାଙ୍ଗିର ଜିଲ୍ଲାରେ ବହୁ ସଂଖ୍ୟାରେ ଚାଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସେହି ଅନୁସାରେ ଖରିଫରେ ଅଧିକ ପରିମାଣର ଧାନକିଣା ଯାଇଥିବାବେଳେ ରବି ଧାନକିଣା ଟାର୍ଗେଟ ମଧ୍ୟ ବୃଦ୍ଧି କରାଯାଇଛି। ଦେଖିବାକୁ ଗଲେ ଏଥିପାଇଁ ଗୋଟିଏ ପଟେ ରାଜ୍ୟ ସରକାରଙ୍କ ସହଯୋଗ ରହିଥିବାବେଳେ ଅନ୍ୟପଟେ ରାଜ୍ୟ କୃଷିମନ୍ତ୍ରୀ ଏହି କାରବାରର ସତ୍ୟତାକୁ ପଦାରେ ପକାଇଛନ୍ତି। କୃଷକ ଶକ୍ତି ସମାବେଶରେ ଏନେଇ ନିଜ ଅଭିଭାଷଣରେ କହିବା ସହ ଛତିଶଗଡ଼ ଧାନକୁ କିଣିବା ପାଇଁ ମିଲର୍ସ ମାନେ ଚାପ ପକାଉଥିବା ମଧ୍ୟ ସେ କହିଛନ୍ତି। ଉକ୍ତ ମିଲର ମାନଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେମାନଙ୍କୁ କଳା ତାଲିକାଭୁକ୍ତ କରିବେ ବୋଲି କୃଷି ମନ୍ତ୍ରୀ କହିଥିଲେ। ଖରିଫ ଓ ରବିରେ ଚାଷୀମାନଙ୍କୁ ଦିଆଯାଇଥିବା ବୋନସ ଟଙ୍କା ପାଇଁ ଏହିଭଳି କାରବାର ଚାଲିଥିବା ପରୋକ୍ଷରେ କହିଥିବାବେଳେ ଛତିଶଗଡ଼ରୁ ଧାନ ଚାଲାଣକୁ ନେଇ ସ୍ୱୀକାର କରିଛନ୍ତି। ଏହି ଧାନ ପ୍ରାୟତଃ ବଲାଙ୍ଗିର ଓ ବରଗଡ଼ ଜିଲ୍ଲାକୁ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ତେବେ ସତରେ ଏହି ଚାଲାଣକୁ ରୋକିବା ପାଇଁ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିବେ ନା ସମାବେଶରେ ମାଇଲେଜ ନେବାକୁ ମନ୍ତ୍ରୀ କଥା ଛଳରେ ଏହି ସବୁ କଥା କହିଗଲେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ରବି ଧାନକିଣାକୁ ଆଉ କିଛି ଦିନ ବାକିଥିବାବେଳେ ବଲାଙ୍ଗିର ଜିଲ୍ଲାରେ ଏହିଭଳି ଚାଲାଣ ରୋକିବାକୁ ପ୍ରଶାସନ କ'ଣ ପଦକ୍ଷେପ ଗ୍ରହଣ କରୁଛି ଓ କେତେ ମିଲର୍ସ ଉପରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 42 ◆ISSUE-351 ◆BHUBANESWAR ◆THURSDAY ◆19 JUNE 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୫୧ ◆ଭୁବନେଶ୍ୱର ◆ଗୁରୁବାର ◆୧୯ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଟି-୨୦ରେ ମ୍ୟାକ୍ସୱେଲ୍‌ଙ୍କ କୀର୍ତ୍ତିମାନ

▶କ୍ରୀଡ଼ା ପୃଷ୍ଠାରେ...

## ପାଣିରୁ ଝାଡ଼ାବାନ୍ତି

# ଅଧା ଓଡ଼ିଶା ଆକ୍ରାନ୍ତ

### କାରଣ ଖୋଜି ପାଇଲାନି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ; ଦେଖାଇଦେଲା କେନ୍ଦ୍ରୀୟ ଟିମ୍

### ମାଡ଼ିଚାଲିଛି ଡାଇରିଆ; ମୟୂରଭଞ୍ଜ ୧୦ମ ଜିଲ୍ଲା

### ୨୧ରେ ପହଞ୍ଚିଲା ଝାଡ଼ାବାନ୍ତି ମୃତକଙ୍କ ସଂଖ୍ୟା

### ମଞ୍ଚରେ ମନ୍ତ୍ରୀ ମାରୁଛନ୍ତି 'ଉପଲବ୍ଧି'ର ବାହାସ୍ଫୋଟ



■ **ଭୁବନେଶ୍ୱର, ୧୮।୬(ସମିସ):** ଗୋଟାକ ପରେ ଗୋଟାଏ ଜିଲ୍ଲାକୁ ନିଜ କବଳକୁ ନେଉଛି ଡାଇରିଆ। ଯାଜପୁର ଜିଲ୍ଲାରୁ ଆରମ୍ଭ ହୋଇଥିବା ଡାଇରିଆ ଗୋଟିଏ ପରେ ଗୋଟିଏ ଜିଲ୍ଲାରେ ନିଜର ଭୟାବହ କାୟା ବିସ୍ତାର କରି ଏବେ ମୟୂରଭଞ୍ଜରେ ପହଞ୍ଚିଛି। ୧୦ ଜିଲ୍ଲା ଭାବରେ ବୁଧବାର ମୟୂରଭଞ୍ଜ ଜିଲ୍ଲାରେ ଡାଇରିଆ ବ୍ୟାପିଛି। ଅନ୍ୟପକ୍ଷରେ ଗତକାଲି ସୁଦ୍ଧା ଡାଇରିଆରେ ୨୦ ଜଣ ମୃତ୍ୟୁବରଣ କରିଥିବାବେଳେ ଆଜି ବାଲେଶ୍ୱରରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ଫଳରେ ଡାଇରିଆ ମୃତକଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି। ଏହି ସ୍ଥିତିରେ ଡାଇରିଆ ସ୍ଥିତି ଅନୁଧ୍ୟାନ ପାଇଁ ଆସିଥିବା କେନ୍ଦ୍ରୀୟ ଟିମ୍ ପରିସ୍ଥିତି ଯାଞ୍ଚ ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରିଥିବା ରିପୋର୍ଟ ସରକାରଙ୍କ ମୁଖା ଖୋଲିଛି। ଦୂଷିତ ପାନୀୟ ଜଳ ଓ ବିଷାକ୍ତ ଖାଦ୍ୟରୁ ଯାଜପୁର ଜିଲ୍ଲାରେ ଡାଇରିଆ ବ୍ୟାପିବା ଆରମ୍ଭ ହୋଇଛି ବୋଲି ଏହି ଟିମ୍ ରିପୋର୍ଟ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ରିପୋର୍ଟ ଦେଇଥିବା ସୂଚନା ମିଳିଛି। ଯାଜପୁର ଜିଲ୍ଲାରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ଏବେ ସାଂଘାତିକ ରୂପ ନେଇଛି। ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଝାଡ଼ାବାନ୍ତି ବା ଡାଇରିଆ ବ୍ୟାପିବାରେ ଲାଗିଛି। ବିଭିନ୍ନ ଡାକ୍ତରଖାନାରେ ହଜାର ହଜାର ଲୋକ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଶଯ୍ୟାର ଅଭାବ ରୋଗୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ଗତ କେଇମାସ ତଳେ ପୁରୀ ଜିଲ୍ଲାରେ ଡାଇରିଆ ବ୍ୟାପି ଅନେକ ଲୋକ ମୃତ୍ୟୁବରଣ କରିଥିଲେ, ଏହା ସତ୍ତ୍ୱେ ସରକାର ଯତ୍ନବାନ ନ ହେବାରୁ ରାଜି ଏପରି ଅବସ୍ଥା ସୃଷ୍ଟି ହୋଇଛି। ସେହିପରି ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ପୂର୍ବ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ପାଇପ୍ ଜଳ ପ୍ରକଳ୍ପକୁ ସରକାର ବନ୍ଦ କରି ଦେଇଛନ୍ତି। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପଞ୍ଚାୟତକୁ ଯେପରି ଆର୍ଥିକ ସହାୟତା ଦିଆଯିବା କଥା ଓ ନଳକୂପ ଖପନ କରିବା କଥା, ତାହା ମଧ୍ୟ କରାଯାଇ ନାହିଁ। ଫଳରେ ଦୂଷିତ ପାନୀୟ ଜଳ ଏବେ ପ୍ରାଣଘାତୀ ହୋଇଛି। କେନ୍ଦ୍ରୀୟ ଟିମ୍ ପଞ୍ଚାୟତିରାଜ ଓ ପାନୀୟ ଜଳ ଓ ଗୃହନିର୍ମାଣ ଓ ନଗର ଉନ୍ନୟନର ବରିଷ୍ଠ ଅଧିକାରୀମାନଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ଖାଦ୍ୟ ନିରାପତ୍ତା ବିଭାଗ ଦ୍ୱାରା ଆଜି ୨୫ଟି ଜଳ ନମୁନା ଓ ୨୦ଟି ସ୍ଥାନରୁ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଛି। ୩୫ଟି ହୋଟେଲ, ଢାବା ଓ ୱାଟର ବଟଲିଂ ପ୍ଲାଣ୍ଟ ଆଦିରେ ଚଢ଼ଉ କରାଯାଇଛି।

ତେବେ ଏ କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଭାଗକୁ ସବୁ ମହଲରେ ସମାଲୋଚନା କରାଯାଇଛି। ଡାଇରିଆରେ ୨୦ ମୁଣ୍ଡ ଗଡ଼ିବା ପରେ ଯାଜପୁର ଜିଲ୍ଲାରେ ସମୀକ୍ଷା କରିବାକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ କଟୁ ▶ପୃଷ୍ଠା-୭

# ମଧ୍ୟପ୍ରାଚ୍ୟରେ ମିସାଇଲ୍ ବର୍ଷା




■ **ତେହରାନ, ୧୮।୬(ଏଜେନ୍ସି):** ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଆଜି ଷଷ୍ଠ ଦିନରେ ପହଞ୍ଚିଥିବା ବେଳେ ଆତ୍ମସମର୍ପଣ ଲାଗି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇ। ସେ କହିଛନ୍ତି ଯେ ଇରାନ କେବେହେଲେ ଆତ୍ମସମର୍ପଣ କରିବ ନାହିଁ। ଆକ୍ରମଣ କରି ଇସ୍ରାଏଲ ଯେଉଁ ଭୁଲ କରିଛି ତାର ଉଚିତ ଜବାବ ଦେବ। ଏହାସହିତ ସେ ଟ୍ରମ୍ପଙ୍କୁ ଧମକ ଦେଇ କହିଛନ୍ତି ଯେ ଯୁଦ୍ଧରେ ଆମେରିକା ସାମିଲ ହେଲେ ଏହାର ପରିଣାମ ଭୟଙ୍କର ହେବ। ଆମେରିକୀୟ ପ୍ରତିଷ୍ଠାନ ଉପରେ ଇରାନ ଏମିତି ଆକ୍ରମଣ କରିବ ଯେ ସେହି ଦେଶକୁ ଅପୂରଣୀୟ କ୍ଷତି ସହିବାକୁ ପଡ଼ିବ। ଇରାନ ତୁରନ୍ତ ଏବଂ ବିନା ସର୍ତ୍ତରେ ଆତ୍ମସମର୍ପଣ କରୁ ବୋଲି ଗତକାଲି ଟ୍ରମ୍ପ ଚେତାବନୀ ଶୁଣାଇଥିଲେ। ସେ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ଏହି ଧମକ ଦେଇଥିବା ବେଳେ ଖାମନେଇ ମଧ୍ୟ 'ଏକ୍ସ' ମାଧ୍ୟମରେ ପ୍ରତିକ୍ରିୟା ଜଣାଇଛନ୍ତି।

ଏସଂପର୍କରେ ପ୍ରତିକ୍ରିୟା ଦେଇ ଟ୍ରମ୍ପ କହିଛନ୍ତି, 'ଇରାନ ଉପରେ ଆକ୍ରମଣରେ ଆମେରିକା ସାମିଲ ହୋଇପାରେ, ନହୋଇପାରେ। ମୁଁ କ'ଣ କରିବାକୁ ଯାଉଛି, ତାହା କେହି ଜାଣନ୍ତି ନାହିଁ। କିନ୍ତୁ ଆସନ୍ତା ସପ୍ତାହ ବଡ଼ ଘଟଣା ଘଟିବାକୁ ଯାଉଛି। ଇରାନ କଥାବାର୍ତ୍ତା କରିବାକୁ ଚାହୁଁଛି, କିନ୍ତୁ ବହୁତ ବିଳମ୍ବ ହୋଇଗଲାଣି। ଏଥର କାର୍ଯ୍ୟାନୁଷ୍ଠାନ ନିଶ୍ଚିତ।' ଇରାନ ଉପରେ ଆକ୍ରମଣ ଜାରି ରଖିବା ଲାଗି ସେ ଇସ୍ରାଏଲକୁ ପରାମର୍ଶ ଦେଇଥିବା ଟ୍ରମ୍ପ କହିଛନ୍ତି।

ଟ୍ରମ୍ପ ଓ ଖାମନେଇଙ୍କ ମଧ୍ୟରେ ବୟାନବାଜି ଚାଲିଥିବା ବେଳେ ଇରାନ ଓ ଇସ୍ରାଏଲ ପରସ୍ପର ଉପରେ କ୍ଷେପଣାସ୍ତ୍ର ଓ ବୋମାମାଡ଼ ଜାରି ରଖିଛନ୍ତି। ଆଜି ଇରାନ ପକ୍ଷରୁ ଇସ୍ରାଏଲ ଉପରେ ହାଇପରସୋନିକ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ଆକ୍ରମଣ ଯୋଗୁଁ ରାଜଧାନୀ ତେଲ ଆଭିଭରେ ଏକାଧିକ ବିସ୍ଫୋରଣ ହୋଇଥିବାର ଖବର ମିଳିଛି। ଫତାହ-୨ ନାମକ ଏହି ହାଇପରସୋନିକ କ୍ଷେପଣାସ୍ତ୍ର ଘଣ୍ଟାକୁ ୬୧୦୦ କିଲୋମିଟର ବଗରେ ଗତି କରେ। ଶବ୍ଦ ଠାରୁ ଏହାର ଗତି ୫ଗୁଣା ଅଧିକ ବୋଲି କୁହାଯାଉଛି। ଏହି କ୍ଷେପଣାସ୍ତ୍ରକୁ ଆକାଶମାର୍ଗରେ ଠାବ କରି ଅଟକାଇବା ଅସମ୍ଭବ ବୋଲି କୁହାଯାଉଛି। ତେବେ ଏହି କ୍ଷେପଣାସ୍ତ୍ର ▶ପୃଷ୍ଠା-୭

# ଚିକିତ୍ସା ପାଇଁ ମୁମ୍ବାଇ ଯିବେ ନବୀନ



### କୋକିଳାବେନ୍ ଧୀରୁଭାଇ ହସପିଟାଲରେ ହେବ ଚିକିତ୍ସା

### ନବୀନଙ୍କ ଅନୁପସ୍ଥିତିରେ ଦଳୀୟ ବ୍ୟାପାର ବୁଝିବ ପିଏସି

### ଆଶୁ ଆରୋଗ୍ୟ କାମନା କଲେ ମୋହନ, ଧର୍ମେନ୍ଦ୍ର

■ **ଭୁବନେଶ୍ୱର, ୧୮।୬ (ସମିସ):** ଆସନ୍ତା ୨୦ ତାରିଖରେ ଚିକିତ୍ସା ପାଇଁ ମୁମ୍ବାଇ ଯିବେ ବିରୋଧୀ ଦଳ ନେତା ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ। ଆସନ୍ତା ଜୁନ ୨୨ ତାରିଖରେ ମୁମ୍ବାଇର କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ ଠାରେ ତାଙ୍କର ସର୍ଭିକାଲ ଆର୍ଥ୍ରାଇଟିସ୍ ଚିକିତ୍ସା କରାଯିବ। ଏ ସମ୍ପର୍କରେ ନବୀନ ନିଜେ ସାମାଜିକ ▶ପୃଷ୍ଠା-୭

### ବିଜୁ ଯୁବ ଛାତ୍ର ଜନଜାଗରଣ ସମାବେଶରେ ସରକାରଙ୍କୁ ନିଶାଣ

# ବର୍ଷ ଏକ, ବିଫଳତା ଅନେକ



### ସରକାରଙ୍କ ମିଛ ପ୍ରଚାରକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ନବୀନଙ୍କ ପରାମର୍ଶ

■ **ପୁରୀ, ୧୮।୬ (ସମିସ):** ରାଜ୍ୟରେ ଡବଲ ଇଞ୍ଜିନ ସରକାରକୁ ବର୍ଷେ ପୂରିଛି। ହେଲେ ସରକାର ସବୁ କ୍ଷେତ୍ରରେ ବିଫଳ। ଓଡ଼ିଶାବାସୀଙ୍କୁ ମିଛ କହି ବିଜେପି ସରକାର ପ୍ରତାରିତ କରିଛି। ନିର୍ବାଚନ ବେଳେ ଅନେକ ବଡ଼ ବଡ଼ କଥା ଦେଇଥିଲେ। ହେଲେ ତାହାକୁ ପାଳନ କଲେ ନାହିଁ, ଓଲଟି ବିଜେଡ଼ି ସରକାରଙ୍କ ସବୁ କଲ୍ୟାଣକାରୀ ଯୋଜନା ବନ୍ଦ କରିଦେଲେ। ବିଏସ୍‌କେୱାଇ ପରି ଲୋକପ୍ରିୟ ଯୋଜନା ବଦଳରେ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ଆୟୁଷ୍ମାନ ଯୋଜନା ସାଧାରଣ ଲୋକଙ୍କ ପାଇଁ ସମସ୍ୟା ପାଲଟିଛି। ତେଣୁ ରାଜ୍ୟ ସରକାରଙ୍କ ମିଛ ପ୍ରଚାରକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଯୁବଛାତ୍ରମାନେ କାର୍ଯ୍ୟ କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ।

ପୁରୀ-କୋଣାର୍କ ରାସ୍ତାର ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ବିଜେଡିର ବିଶାଳ ଯୁବ-ଛାତ୍ର ଜନ ଜାଗରଣ ଅଭିଯାନ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ନବୀନ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ବିଜେଡି ସରକାର ସମୟରେ ଓଡ଼ିଶା ସମଗ୍ର ଦେଶରେ ତା'ର କାମ ପାଇଁ ସୁନାମ ଅର୍ଜନ କରିଥିଲା। କ୍ରୀଡ଼ା ▶ପୃଷ୍ଠା-୭

# ବିମାନରେ ପକ୍ଷୀମାଡ଼: ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

### ଅନ୍ୟ ବିମାନରେ କୋଲକାତା ଗଲେ ଯାତ୍ରୀ

■ **ଭୁବନେଶ୍ୱର, ୧୮।୬ (ସମିସ):** ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଏକ ବଡ଼ ଧରଣର ବିପଦ ଟଳିଯାଇଛି। ପାଇଲଟ୍‌ଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଏକ ବଡ଼ ବିପଦରୁ ଯାତ୍ରୀମାନେ ବର୍ତ୍ତିଯାଇଛନ୍ତି। ଅନ୍ୟପଟେ ବିମାନରେ ପକ୍ଷୀମାଡ଼ ଯୋଗୁଁ ଯାତ୍ରୀମାନେ ବିମାନବନ୍ଦର ପରିସରରେ ପ୍ରାୟ ୩ ଘଣ୍ଟା ପର୍ଯ୍ୟନ୍ତ ଅଟକି ରହିଛନ୍ତି। ଶେଷରେ ଅନ୍ୟ ଏକ ବିମାନରେ ଯାତ୍ରୀମାନଙ୍କୁ କୋଲକାତା ପଠାଯାଇଛି। ସୂଚନା ଅନୁଯାୟୀ ବୁଧବାର ଅପରାହ୍ଣରେ ଏକ ଇଣ୍ଡିଗୋ ବିମାନ ୬ଇ-୬୧୦୧ ଭାଇଜାଗ-କୋଲକାତା ବିମାନ ଭୁବନେଶ୍ୱରରେ ପହଞ୍ଚିଥିଲା। ଏହା ପରେ ଏହା କୋଲକାତା ଉଡ଼ାଣ ଆରମ୍ଭ କରିଥିଲା। ମାତ୍ର ବିମାନଟି ରନୱେ ଅତିକ୍ରମ କରିବା ସମୟରେ ଇଞ୍ଜିନ୍‌ରେ ଏକ ପକ୍ଷୀ ମାଡ଼ ହୋଇଥିଲା। ସୌଭାଗ୍ୟ ବଶତଃ ପକ୍ଷୀମାଡ଼ ସମ୍ପର୍କରେ ପାଇଲଟ୍ ତୁରନ୍ତ ସୂଚନା ପାଇଥିଲେ ଓ ଉଡ଼ାଣକୁ ସ୍ଥଗିତ ରଖି ରନୱେରେ ବିମାନକୁ ▶ପୃଷ୍ଠା-୭

### ରାଜ୍ୟର ମନ୍ତ୍ରୀମାନଙ୍କ ଦକ୍ଷତା ଦେଖି ଶୀର୍ଷ ନେତୃତ୍ୱଙ୍କ ଅକଲ ଗୁଡୁମ୍

# ରିପୋର୍ଟ କାର୍ଡ ସାରା ନାଲି ମୁଣ୍ଡୁଳା

### ବିଭାଗ ବଣ୍ଟନକୁ ନେଇ କେଁ

### ଟିଭି ମିଡିଆରେ ଘନଘନ ବୟାନବାଜୀ; କାମରେ ପୂରା ଶୂନ




■ **ଭୁବନେଶ୍ୱର, ୧୮।୬ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ ପରେ ରାଜ୍ୟ ମନ୍ତ୍ରିମଣ୍ଡଳର ନବକଳେବର ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି। ସମ୍ପ୍ରସାରଣ ପାଇଁ ରୂପରେଖ ପ୍ରାୟତଃ ପ୍ରସ୍ତୁତ ହୋଇ ସାରିଥିବା ବେଳେ ଆଶାୟୀଙ୍କ ଛାତି ଧଡ଼ଧଡ଼ ହେଉଛି। ମାତ୍ର ସମ୍ଭାବ୍ୟ ମନ୍ତ୍ରୀମଣ୍ଡଳର ରୂପରେଖ ପ୍ରସ୍ତୁତ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ହୋଇଛି। ମନ୍ତ୍ରିମଣ୍ଡଳରେ କାହାକୁ ନେବେ, କାହାକୁ ବାଦ୍ ଦେବେ ସେ ନେଇ ଆପାତତଃ ନିଷ୍ପତ୍ତି ହୋଇ ସାରିଛି। ମାତ୍ର କୌତୂହଳର ବିଷୟ ହେଉଛି ବିଭାଗ ହେଁ ବିଭାଗ ବଣ୍ଟନକୁ ନେଇ ବାହାରିଛି କେଁ। ମନ୍ତ୍ରୀମାନଙ୍କ ବିଭାଗଗୁଡ଼ିକର ରିପୋର୍ଟ ଦେଖିବା ପରେ ଦଳର ଶୀର୍ଷ ନେତୃତ୍ୱଙ୍କ ଅକଲ ଗୁଡୁମ୍ ହୋଇ ଯାଇଛି। ମନ୍ତ୍ରୀମାନେ ପ୍ରଦାନ କରିଥିବା ନିଜନିଜ ବିଭାଗର ରିପୋର୍ଟ କାଡର୍ କେବଳ ନାଲି ମଣ୍ଡୁଳା, ଛକି ଓ ଶୂନରେ ଭରି ଯାଇଛି। ଗତ ଏକବର୍ଷ ମଧ୍ୟରେ ରାଜ୍ୟରେ ବିକାଶ କାମ ଏକପ୍ରକାର ବନ୍ଦ ହୋଇ ଯାଇଛି। ବିଭିନ୍ନ ବିଭାଗଗୁଡ଼ିକ ନିଜର ବଜେଟ ବରାଦ ଖର୍ଚ୍ଚ କରିବାରେ ଅସଫଳ ହୋଇଛନ୍ତି। ନିଜେ ବିଜେପିର ନେତୃବୃନ୍ଦ ମଧ୍ୟ ଏଭଳି ଅପ୍ରିୟ ସତକୁ ସ୍ୱୀକାର କରୁଛନ୍ତି। ସାରା ବର୍ଷଜାକ ମନ୍ତ୍ରୀମାନେ କେବଳ ଟିଭି ମିଡିଆ ବାଇଟରେ ବଡ଼ ବଡ଼ ମୁହଁ ଫୁଟାଣି ମାରିଛନ୍ତି। ଏପରିସ୍ଥଳେ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ କାହାକୁ ଦିଆଯିବ ତାହା ମୁଖ୍ୟମନ୍ତ୍ରୀ ଓ ଦଳର ଶୀର୍ଷ ନେତୃତ୍ୱ ପାଇଁ ଅଡୁଆ ହୋଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସୁଭଦ୍ରା ଯୋଜନାରେ ୨ଟି କିସ୍ତିରେ ୧୦ ହଜାର ପ୍ରଦାନ ଏବଂ ଧାନର ଇନପୁଟ ସବସିଡି ବାବଦରେ ୮୦୦ ଟଙ୍କା ପ୍ରଦାନ ଛଡ଼ା ରାଜ୍ୟ ▶ପୃଷ୍ଠା-୭




### ଡବଲ ଇଞ୍ଜିନ ସରକାରରେ ଡବଲ ଝଟ୍‌କା

# ରେଳଷ୍ଟେସନ ପାର୍କିଂରେ ଡବଲ ଫିଂ’

**ବଲାଙ୍ଗିର, ୧୮।୬(ସମିସ)**

ବଲାଙ୍ଗିର ରେଳଷ୍ଟେସନର ପାର୍କିଂ ଫି ବଢ଼ାଇଛି ଟେନ୍‌ସନ୍। ରେଳଷ୍ଟେସନରେ ଗାଡ଼ି ରଖି ପ୍ରତିଦିନ ଶହ ଶହ ବ୍ୟକ୍ତି ଜିଲ୍ଲା ବାହାରକୁ ଗସ୍ତ କରୁଥିବା ବେଳେ ଏବେ ଫି ବାବାଦକୁ ସଂଗ୍ରହ କରାଯାଉଥିବା ଟଙ୍କାକୁ ନେଇ ଉଠିଛି ବିବାଦ। ରେଳଷ୍ଟେସନ ପାର୍କିଂ ଫି ବୃଦ୍ଧି କରାଯାଇଥିବା ବେଳେ ଏହା ସାଧାରଣ ଲୋକଙ୍କ ପକେଟ ଉପରେ ସିଧାସଳଖ ପ୍ରଭାବ ପକାଇଥିବା ଜଣାପଡ଼ିଛି। ପୂର୍ବରୁ ଏହି ଦର କମ୍ ଥିବାବେଳେ ହଠାତ ଏହି ଦରବୃଦ୍ଧି ହେବାକୁ ନେଇ ଲୋକେ ଡବଲ ଇଞ୍ଜିନ ପାଇଁ ଡବଲ ଫି ବୋଲି ଆଲୋଚା ଆରମ୍ଭ କରିଛନ୍ତି। ଏହି ଫି ଯୋଗୁଁ ଅନେକ ବାଇକ, କାର ପାର୍କିଂରେ ରଖିବାକୁ ଅସହାୟତା ପ୍ରକାଶ କରିବା ସହ ଅନ୍ୟ ସ୍ଥାନରେ ପାର୍କିଂ କରୁଥିବା ଦେଖିବାକୁ ମିଳିଛି।

ବଲାଙ୍ଗିର ରେଳଷ୍ଟେସନରେ ପ୍ରତିଦିନ ଶହ ଶହ ସରକାରୀ ଓ ବେସରକାରୀ ଚାକିରିଆ, ବ୍ୟବସାୟୀ, ଛାତ୍ରଛାତ୍ରୀ, ଯାତ୍ରୀ ନିର୍ଭର କରିଥାନ୍ତି। ବଲାଙ୍ଗିର ରେଳଷ୍ଟେସନ ରୁ ଅନ୍ୟ ସ୍ଥାନକୁ ଟ୍ରେନ ସଂଯୋଗୀକରଣ ରହିଥିବାରୁ ବଲାଙ୍ଗିର ସହର ସମେତ ଆଖପାଖ ବ୍ଲକର ଲୋକେ ଆସି ଏହି ଷ୍ଟେସନ ରୁ ହିଁ ଟ୍ରେନ ରେ ଯାତାୟାତ କରିଥାନ୍ତି। ସୂଚନା ଅନୁସାରେ ଏହି ପାର୍କିଂରେ ଦୁଇ ଘଣ୍ଟା ପାଇଁ ସାଇକଲର ୩ ଟଙ୍କା, ବାଇକ୍ ୬ ଟଙ୍କା, କାର୍ ପାଇଁ ୧୮ ଟଙ୍କା ଫି ରହିଛି। ଦୁଇରୁ ଛଅ ଘଣ୍ଟା ପାଇଁ ସାଇକଲର ୫ ଟଙ୍କା, ବାଇକ ୧୦ ଟଙ୍କା, କାର ପାଇଁ ୩୦ ଟଙ୍କା ଫି ଧାର୍ଯ୍ୟ କରାଯାଇଛି। ଛଅରୁ ବାର ଘଣ୍ଟା ପାଇଁ ସାଇକଲ ୮ ଟଙ୍କା, ବାଇକ ୧୨ ଟଙ୍କା, କାର୍ ଫି ୪୨ ଟାଙ୍କା ରଖାଯାଇଛି। ବାରରୁ ଚବିଶ ଘଣ୍ଟା ବା ଗୋଟିଏ ଦିନ ପାଇଁ ସାଇକଲର ୧୨ ଟଙ୍କା, ବାଇକ ୨୪ ଟଙ୍କା, କାର୍ ଫି ୬୫ ଟଙ୍କା ରଖାଯାଇଛି। ଗୋଟିଏ ଦିନ ପରେ ଦୈନିକ ସାଇକଲ ପାଇଁ ୨୪, ବାଇକ ପାଇଁ ୪୮ ଓ କାର ପାଇଁ ୧୩୦ ଟଙ୍କା ଫି ଅତିରିକ୍ତ ଭାବେ ସଂଗ୍ରହ କରାଯାଉଥିବା ଜଣାପଡ଼ିଛି। ସେହିପରି ମାସିକିଆ ରଖୁଥିବା ସାଇକଲ ବାବଦକୁ ୧୮୦ ଟଙ୍କା, ବାଇକ ପାଇଁ ୩୫୫ ଟଙ୍କା ଓ କାର ପାଇଁ ୧୦୩୦ ଟଙ୍କା ଫି ଧାର୍ଯ୍ୟ କରାଯାଇଛି। ପୂର୍ବ ବର୍ଷ ଏହି ଫି ଅଧା ରହିଥିବା ବେଳେ ହଠାତ ଚଳିତ ବର୍ଷ ଏତେ ଟଙ୍କା ବୃଦ୍ଧିକୁ ନେଇ ସାଧାରଣ ଲୋକେ ପ୍ରଶ୍ନ ଉଠାଇଛନ୍ତି। ବଲାଙ୍ଗିର ରେଳଷ୍ଟେସନରେ ଥିବା ଏହି ପାର୍କିଂ ଟେଣ୍ଡର ନରେନ୍ଦ୍ର କୁମାର ଏଣ୍ଟରପ୍ରାଇଜେର୍ସକୁ ଦିଆଯାଇଥିବା ବେଳେ ଏହି ଦର୍ ଏପ୍ରିଲ ୨୭ ତାରିଖରୁ ଲାଗୁ କରାଯାଇଛି। ଏହା ଆସନ୍ତା ୨୦୨୮ ଏପ୍ରିଲ ୧୭ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ତେବେ ଏହି ଦରକୁ ନେଇ ଦିନ କୁଦିନ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଧାର୍ଯ୍ୟ ଦର ବିଷୟରେ ରେଳ ବିଭାଗ ପୁନଃ ଆଲୋଚନା କରିବା ସହ ସାଧାରଣ ଲୋକଙ୍କୁ ସୁହାଇଲା ଭଳି ଦର ଧାର୍ଯ୍ୟ କରିବାକୁ ଦାବି ହୋଇଛି। ତେବେ ରାଜ୍ୟ ଓ ଦେଶରେ ଡବଲ ଇଞ୍ଜିନ ସରକାର ଆସିବା ପରେ ସମସ୍ତ ସାମଗ୍ରୀ ଦର ବୃଦ୍ଧି ପାଇଥିବା ବେଳେ ପାର୍କିଂ ଫି ଡବଲ ହେବାକୁ ନେଇ ଲୋକେ ଡବଲ ଇଞ୍ଜିନ ସରକାର ପାଇଁ ଡବଲ ଟଙ୍କା ସଂଗ୍ରହ ହେଉଥିବା ପ୍ରକାଶ କରିଛନ୍ତି। ରେଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ରକ୍ତଦାନ ଶିବିର; ୧୬ ୟୁନିଟ୍ ସଂଗ୍ରହ



**ପାଟଣାଗଡ଼, ୧୮।୬(ସମିସ):** ସ୍ଥାନୀୟ ମାରୱାଡି ଧର୍ମଶାଳାଠାରେ ବୁଧବାର ମାରୱାଡି ଯୁବାମଞ୍ଚ ଓ ସୁବର୍ଣ୍ଣରେଖା ମହିଳା ସମିତି ପାଟଣାଗଡ଼ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଅନୁଷ୍ଠିତ ଶିବିରରେ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟ ଏସଡିଏମଓ ପୀତବାସ ସା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପାଟଣାଗଡ଼ ରକ୍ତ ଭଣ୍ଡାରରେ ରକ୍ତ ଅଭାବରୁ ରୋଗୀ ଅସୁବିଧା ଭୋଗୁଛନ୍ତି, ସେଥିପାଇଁ ଏହି ଶିବିର କରାଯାଇଥିବା ଯୁବାମଞ୍ଚ ସଭାପତି କାହ୍ନା ଜୈନ କହିଛନ୍ତି। ଏହି ଶିବିରରେ ପାଟଣାଗଡ଼ ରକ୍ତ ଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିଥିବାବେଳେ ୧୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କୈଳାଶ ଅଗ୍ରୱାଲ ୮୯ ଥର ରକ୍ତଦାନ କରିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ମାରୱାଡି ଯୁବାମଞ୍ଚ ସଭାପତି କାହ୍ନା ଜୈନ, ସମ୍ପାଦକ ସୌରଭ ଅଗ୍ରୱାଲ, କୋଷାଧ୍ୟକ୍ଷ ସୌରଭ କୁମାର ଅଗ୍ରୱାଲ, ଆଶୁତୋଷ ଅଗ୍ରୱାଲ, ଯତୀନ ଛାପଡ଼ିଆ, ଅଭିଷେକ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

## ୮୦ କ୍ୱିଣ୍ଟାଲ ଖଇର କାଠ ଜବତ




**ଦେଓଗାଁ, ୧୮।୬(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବନବିଭାଗ ତରଫରୁ ବୁଧବାର ଚାଲାଣ ହେଉଥିବା ଖଇରକାଠ ବୋଝେଇ ଗାଡ଼ି ଜବତ କରିବା ସହ ଜଣକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଜଣକ ପାଟଣାଗଡ଼ ନିକଟ ରାମପାଲି ଗାଁର କିର୍ତ୍ତି ଷାଣ୍ଢ(୪୮)। ଏନେଇ ଦେଓଗାଁ ରେଞ୍ଜ ଅଫିସରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚଳିଥିବା ବିଭାଗ ସୂଚନା ଦେଇଛି। ସୂଚନା ଅନୁସାରେ ସଇଁନ୍ତଳାପଟରୁ ଏକ ଗାଡ଼ିରେ ପ୍ରାୟ ୮୦ କ୍ୱିଣ୍ଟାଲ ଖଇର କାଠ ବୋଝେଇ ହୋଇ ବରଗଡ଼ ଅଭିମୁଖେ ଯାଉଥିବା ବେଳେ ବିଶ୍ୱସ୍ତସୂତ୍ରରୁ ଖବରପାଇ ଦେଓଗାଁ ବନାଞ୍ଚଳର ରେଞ୍ଜର ଯୁଧିଷ୍ଠିର ଜାଲ ଓ ପାରାଷ୍ଟାଫ ଦେଓଗାଁ ଓ ବଙ୍ଗଳା ୨୬ନଂ ଜାତୀୟ ରାଜପଥରେ ନାକାବନ୍ଦି କରି ଚଢ଼ଉ କରି କାଠ ସମେତ ଗାଡ଼ିକୁ ଜବତ କରିଥିଲେ।

## ବିଷପିଇ ଯୁବକଙ୍କ ଆତ୍ମହତ୍ୟା

**ସଇଁତଳା, ୧୮।୬ (ସମିସ):** ସଇଁତଳା ଥାନା ଅଧୀନ କଳାହାଣ୍ଡି ଓ ବେଲଗାଁ ମଧ୍ୟରେ ଥିବା ତେଲନଦୀ ମଧ୍ୟରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ଦେଓଗାଁ ଥାନା ଅଧୀନ ରେଙ୍ଗାଲି ଗ୍ରାମର ଶୁକଦେବ ପଧାନ (୩୫) ବୋଲି ଜଣାପଡ଼ିଛି। ବୁଧବାର ସକାଳେ ବେଲଗାଁ ଅଞ୍ଚଳର କିଛି ଲୋକ ପୁରୁଣା ବ୍ରିଜ୍ ଦେଇ ନଦୀକୁ ନିତ୍ୟକର୍ମ ପାଇଁ ଯାଉଥିବାବେଳେ ନଦୀ ବାଲିରେ ଜଣେ ଯୁବକ ପଡ଼ିଥିବା ଦେଖିଥିଲେ। ଯୁବକଙ୍କ ନିକଟରେ ଏକ ବିଷ ବୋତଲ ଏବଂ ବାଇକ ଥିବା ଲୋକେ ଦେଖି ସଇଁତଳା ପୁଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବାପରେ ଯୁବକ ଜଣକ ଶୁକ୍ଳଦେବ ପଧାନ, ସେ ବିଷ ଖାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଥିଲା। ଏ ନେଇ ସଇଁତଳା ଥାନାରେ ଏକ ମାମଲା ରୁଜୁ ହୋଇଛି।

### ସରକାରୀ କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କୁ ଅଣଦେଖା

## ଅସନ୍ତୋଷ ପ୍ରକାଶ କଲେ ଜିଲ୍ଲା ସଭାପତି

**ବଲାଙ୍ଗିର, ୧୮।୬(ସମିସ):** ଜିଲ୍ଲାରେ ବିକାଶମୂଳକ କାମ ଠପ୍ ହୋଇପଡ଼ିଛି। ଜନସ୍ୱାର୍ଥ ଦୃଷ୍ଟିରୁ ସରକାର ଓ ପ୍ରଶାସନ ଯେଉଁସବୁ ପଦକ୍ଷେପ ନେବାକଥା ତାହା କରୁନାହାନ୍ତି। ପୁଣି ସରକାରୀ କାର୍ଯ୍ୟକ୍ରମରେ ଜନପ୍ରତିନିଧିମାନଙ୍କୁ ଅଣଦେଖା କରାଯାଉଛି। ସେମାନଙ୍କୁ ସୂଚନା ଦିଆଯାଉନାହିଁ। ଏଭଳି ଅଭିଯୋଗ ଆଣିଛନ୍ତି ବଲାଙ୍ଗିର ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ। ଏ ସମ୍ପର୍କିତ ଅଭିଯୋଗ କରିବାକୁ ଗଲେ ପ୍ରଶାସନୀକ ଅଧିକାରୀମାନେ ଜନପ୍ରତିନିଧିଙ୍କ କଥାକୁ ଗୁରୁତ୍ୱ ଦେଉନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି।

ବୁଧବାର ସକାଳେ ଜିଲ୍ଲା ପରିଷଦ ସଭାପତି ଦେବାକୀ ସାହୁଙ୍କ ସମେତ ଅନ୍ୟ ଜିଲ୍ଲା ପରିଷଦ ସଦସ୍ୟା ମାନେ ମିଶି ଜିଲ୍ଲାପାଳଙ୍କୁ ଦେଖାକରିବାକୁ ଯାଇଥିଲେ। ବିଜେପି ସରକାର କ୍ଷମତାରେ ଆସିବା ଦିନଠାରୁ ଜିଲ୍ଲାରେ ବିକାଶ ଠପ୍ ହୋଇ ପଡ଼ିଛି। ବର୍ତ୍ତମାନ ସୁଦ୍ଧା ପଶ୍ଚିମଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଘୋଷଣା ହୋଇନାହିଁ। କେବିକେ ଅଞ୍ଚଳରେ ଯେଉଁ ବିକାଶ ହେବା କଥା ତାହା ହୋଇନାହିଁ। ପୁଣି ଗତ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କୁ ଅଣଦେଖା କରାଯାଇଛି। ତେଣୁକରି ସମସ୍ତ ଜିଲ୍ଲା ପରିଷଦ ସଦସ୍ୟଙ୍କ ସମେତ ଜିଲ୍ଲା ପରିଷଦ ସଭାପତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଭାରତର ରାଷ୍ଟ୍ରପତିଙ୍କୁ ଏକ ଦାବିପତ୍ର ଦେବାକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। କିନ୍ତୁ ସେଠାରେ ଉପସ୍ଥିତ ଥିବା ପ୍ରଶାସନୀକ ଅଧିକାରୀ ତାଙ୍କ କଥାକୁ ଗୁରୁତ୍ୱ ଦେଉନଥିବା ସେ ଅଭିଯୋଗ ଆଣିଥିଲେ। ଏଭଳି ଭାବରେ ଅଣଦେଖା କରାଯାଉଥିବାରୁ ସେ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ। ଏବଂ ଜିଲ୍ଲାପରିଷଦ ସଭ୍ୟମାନେ ଆଲୋଚନା କରି ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବୁ ବୋଲି ଚେତାଇ ଦେଇଥିଲେ।

## ନିଟ୍ ପରୀକ୍ଷାରେ କୃତୀଙ୍କୁ ସମ୍ବର୍ଦ୍ଧନା




**ତୁଷୁରା, ୧୮।୬(ସମିସ):** ନିଟ୍ ୟୁଜି ୨୦୨୫ ପ୍ରବେଶିକା ପରୀକ୍ଷାରେ ତୁଷୁରାର ରିଜୁଲ ଜୈନ ସଫଳତା ଅର୍ଜନ କରିଥିବାରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଙ୍କର ଜାଆଁଳା ଭାଇ ସୁବ୍ରତ ଜୈନ ମଧ୍ୟ ସର୍ବ ଭାରତୀୟସ୍ତରରେ ୧୬୭୫ ର୍‌ୟାଙ୍କ ସହ ପ୍ରଥମ ଚେଷ୍ଟାରେ ସଫଳତା ହାସଲ କରିଛନ୍ତି। ଉଭୟେ ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ତୁଳସୀ ଜୈନ ଓ ଅଙ୍ଗୁରୀ ଦେବୀଙ୍କ ପୌପୁତ୍ର ଓ ବିଶିଷ୍ଟ ବ୍ୟବସାୟୀ ରାକେଶ ଜୈନ ଓ ସୀମା ଜୈନଙ୍କ ସୁପୁତ୍ର ଅଟନ୍ତି। ରିଜୁଲ ଓ ସୁବ୍ରତ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ବଲାଙ୍ଗିର ଲିଟିଲ୍ ଫ୍ଲାୱାର୍ ସ୍କୁଲରେ ସମାପନ ପରେ ରିଚମୋହନ ଗ୍ଲୋବାଲ ସ୍କୁଲ ପଶ୍ଚିମ ବିହାର ନୂଆଦିଲ୍ଲୀ ଠାରେ ଯୁକ୍ତଦୁଇ ଶିକ୍ଷା ଗ୍ରହଣ କରିଥିଲେ। ଏହାପରେ ରାଜସ୍ଥାନର କୋଟାରେ ଉଭୟ ଏଲେନ୍ କୋଚିଂ ସେଣ୍ଟରଠାରେ କୋଚିଂ ନେଇ ପ୍ରଥମ ଚେଷ୍ଟାରେ ସଫଳତା ଲାଭ କରିଛନ୍ତି। ରାଜସ୍ଥାନରୁ ଫେରିଲା ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ କାକା ସନ୍ଦୀପ ଆନନ୍ଦ, କାକୀ ରଞ୍ଜୁ ଜୈନ ଓ ଭାଇ ସିଦ୍ଧାର୍ଥ ଉପସ୍ଥିତ ଥିଲେ। ଭଉଣୀ ଅନୁଷ୍କା ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟାବାଞ୍ଜି ଏନ୍‌ଏସିରେ ବିକାଶ ବାହନ



**କଣ୍ଟାବାଞ୍ଜି, ୧୮।୬(ସମିସ):** କଣ୍ଟାବାଞ୍ଜିରେ ଶୁଭାରମ୍ଭ ହୋଇଛି ବିକାଶ ବାହାନ। ବିଜେପି ଶାସନର ବର୍ଷେ ପୂର୍ତ୍ତି ଉପଲକ୍ଷେ କଣ ସବୁ ଉପଲବ୍ଧି ହୋଇଛି ଏକ ସ୍ୱତନ୍ତ୍ର ଗାଡ଼ି ପ୍ରସ୍ତୁତ କରି ଲୋକଙ୍କ ପାଖରେ ପହଞ୍ଚି ସଚେତନ ମଧ୍ୟ କରୁଛି। ଏହି କର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷଣ ବାଗ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କର୍ଯ୍ୟକ୍ରମରେ ଏନ୍‌ଏସିରେ ଥିବା ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା, ମଧୁବାବୁ ପେନସନ, ଭିନ୍ନକ୍ଷମ ଭତ୍ତା, ନୂତନ ଖାଉଟି କାର୍ଡ ମଧ୍ୟ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ବିଜେପି ନେତା ବେଦବ୍ୟାସ ନାଗ, କାଉନସିଲର ନୀଳକଣ୍ଠ ଶତପଥୀ, ଏନ୍‌ଏସିର ସମସ୍ତ କର୍ମଚାରୀ, ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ଅନେକ ଯୋଗ୍ୟ ହିତାଧିକାରୀ ସାମିଲ ରହିଥିଲେ।

**ଜରୁରୀ ସୂଚନା**

Lakheswar Agency ପକ୍ଷରୁ OSFDC Department ନାମରେ କୌଣସି Letter କାହାରିକୁ ଦିଆଯାଇ ନାହିଁ। ଯଦି କୌଣସି ଖଳ ପ୍ରକୃତିର ବ୍ୟକ୍ତି Lakheswar Agency ନାମରେ Letter କରୁଥାଆନ୍ତି, ତେବେ ତୁରନ୍ତ ମୋବାଇଲ୍ ନମ୍ବର 8280739643 ରେ ଯୋଗାଯୋଗ କରନ୍ତୁ।

*Managing Director*
Lakheswar Agency

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ ଝୁରିଆ ମୁଦୁଲି

ତିରୋଧାନ : ୨୯.୦୬.୨୦୨୪

ଶ୍ରଦ୍ଧାଞ୍ଜଳି ସହ
ପୁତ୍ର- କୃପାସିନ୍ଧୁ ମୁଦୁଲି
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

## ରାଜ୍ୟସ୍ତରୀୟ କରାଟେ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା



**ବଲାଙ୍ଗିର, ୧୮।୬(ସମିସ):** ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଆୟୋଜିତ ୩୯ତମ କ୍ୟାଡେଟ୍ ଜୁନିୟର ଓ ୩୭ତମ ସବ-ଜୁନିୟର ରାଜ୍ୟ କରାଟେ ପ୍ରତିଯୋଗିତାରେ ବଲାଙ୍ଗିର କରାଟେ ସ୍କୁଲର ୪ ଜଣ କରାଟେକା ପଦକ ହାସଲ କରିଥିଲେ। ଏହି ପ୍ରତିଯୋଗିତାକୁ ଓଡ଼ିଶା ରାଜ୍ୟ କରାଟେ ଡୁ ସଂଘ ଆୟୋଜନ କରିଥିଲେ। ବଲାଙ୍ଗିର କରାଟେ ସ୍କୁଲର ଲୋକେଶ ବାଗ ୧୩ ବର୍ଷ ବାଳକ (-୪୦ କେଜି) ବର୍ଗ କୁମିତି ଓ କାତାରେ ୨ଟି କାଂସ୍ୟ ପଦକ, ଜସମିନ୍ ସାହୁ ୧୧ ବର୍ଷ ବାଳିକା ବର୍ଗ କୁମିତିରେ ରୌପ୍ୟ ପଦକ, ଅଂଶୁମାନ ଧରୁଆ ୯ ବର୍ଷ ବାଳକ (-୨୫ କେଜି) କୁମିତିରେ କାଂସ୍ୟ ଏବଂ ଆନନ୍ଦିନୀ ସାହୁ ୭ ବର୍ଷ ବାଳିକା (-୨୫ କେଜି) କୁମିତି ଓ କାତାରେ ୨ଟି ରୌପ୍ୟ ପଦକ ହାସଲ କରି ବଲାଙ୍ଗିର ଜିଲ୍ଲାକୁ ରାଜ୍ୟସ୍ତରରେ ନାମ କରିଛନ୍ତି। ସମ୍ବର୍ଦ୍ଧନା ଉତ୍ସବରେ ସଭାପତି ସଚିଦାନନ୍ଦ ବାଗ ଯାଦବଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି କ୍ରିକେଟ କୋଚ ଅରୁଣ ନାୟକ ଏବଂ ବଲାଙ୍ଗିର କରାଟେ ସଂଘର ବରିଷ୍ଠ କୋଚ ତଥା ପରାମର୍ଶଦାତା ମାନୁଏଲ ନାଗ କୃତୀ କରାଟେକାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ବଲାଙ୍ଗିର କରାଟେ ସ୍କୁଲର ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠ, କରାଟେ ପ୍ରେମି, ଅଭିଭାବକ, କରାଟେ ସ୍କୁଲ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସ୍କୁଲର ମୁଖ୍ୟ କୋଚ ତଥା ସମ୍ପାଦକ ହୃଦୟ ଶବର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବକୁ ରାଜେନ୍ଦ୍ର ବାଗ ଓ ମଧୁସୂଦନ ସାହୁ ସହଯୋଗ କରିଥିଲେ।

### ଉନ୍ନତିମୂଳକ କାର୍ଯ୍ୟରେ ବାଧା; ବୈଠକ ବର୍ଜନ କଲେ ସମିତିସଭ୍ୟ

## ଆଗାମୀ ଦିନରେ ଆନ୍ଦୋଳନ ଚେତାବନୀ

**ପାଟଣାଗଡ଼, ୧୮।୬ (ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକରେ ହେବାକୁ ଥିବା ସମସ୍ତ ବୈଠକ ତଥା ବର୍ତ୍ତମାନ ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରତ୍ୟେକ ପଞ୍ଚାୟତ ଗୁଡିକରେ ଚାଲିଥିବା ବିକାଶ ରଥ କାର୍ଯ୍ୟକ୍ରମକୁ ବିରୋଧ କରି ବ୍ଲକର ୨୦ରୁ ଅଧିକ ସମିତି ସଭ୍ୟ ବୈଠକ ବର୍ଜନ କରିଛନ୍ତି। ବୁଧବାର ପାଟଣାଗଡ଼ ବ୍ଲକରେ ହୋଇଥିବା ବିକାଶମୂଳକ ବୈଠକକୁ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ ତଥା ପଞ୍ଚାୟତ ଗୁଡିକର ସମିତି ସଭ୍ୟମାନେ ବର୍ଜନ କରିଛନ୍ତି। ଏହି ଘଟଣା ପଦାକୁ ଆସିବା ପରେ ବ୍ଲକ ପ୍ରଶାସନ ଓ ସମିତି ସଭ୍ୟ ମଧ୍ୟରେ ଥିବା କନ୍ଦଳକୁ ନେଇ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁସାରେ, ବୁଧବାର ସନ୍ଧ୍ୟାରେ ବିଭିନ୍ନ ପଞ୍ଚାୟତର ୧୫ରୁ ଅଧିକ ସମିତି ସଭ୍ୟ ବ୍ଲକ ପ୍ରଶାସନ ତଥା ସରକାର ଅଞ୍ଚଳର ବିକାଶ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ସମିତିସଭ୍ୟ ଜୟନ୍ତ କୁମ୍ଭାରଙ୍କ ଅଭିଯୋଗ ଅନୁସାରେ ପାଟଣାଗଡ଼ ବ୍ଲକରେ ଗତ ୬ ମାସରୁ ଅଞ୍ଚଳର ବିକାଶ ମୂଳକ କାର୍ଯ୍ୟ ଠପ୍ ହୋଇ ପଡ଼ିଛି। ବିଭିନ୍ନ ପଞ୍ଚାୟତ ତଥା ଅଞ୍ଚଳର ପୁରୁଣା କାମ ପାଇଁ ଆସିଥିବା ଅନୁଦାନ ଗୁଡ଼ିକୁ ବନ୍ଦ କରିଦିଆଯାଇଛି। ଏନେଇ ୬ ମାସ ତଳେ ପ୍ରଥମେ ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଇଥିଲା, ପରେ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଯାଇଥିଲା। ଏନେଇ ଜିଲ୍ଲାପାଳ ଦୁଇଦିନ ମଧ୍ୟରେ ବ୍ଲକକୁ ଆସି ଏହାର ସମାଧାନ କରିବେ ବୋଲି କହିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସମାଧାନ କରାଯାଇନାହିଁ। ତେଣୁ ଆମ୍ଭେ ସମିତି ସଭ୍ୟ ବ୍ଲକର ସମସ୍ତ ବୈଠକ ତଥା ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ପାଇଁ ପଞ୍ଚାୟତ ଗୁଡିକରେ କରୁଥିବା ବିକାଶ ମୂଳକ କାର୍ଯ୍ୟକୁ ବର୍ଜନ କରିଛୁ। ଏହି ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ବ୍ଲକର ସମସ୍ତ କାର୍ଯ୍ୟକ୍ରମକୁ ବର୍ଜନ କରିବୁ ବୋଲି କହିଛନ୍ତି। ଏହି ବୈଠକରେ ୧୫ ରୁ ଅଧିକ ସମିତି ସଭ୍ୟ ଉପସ୍ଥିତ ଥିବାବେଳେ ଆଗାମୀ ଦିନରେ ଏହାର ସମାଧାନ ନ ହେଲେ ବ୍ଲକ ଅଫିସକୁ ତାଲା ଦେଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

## ପ୍ରତାପରୁଦ୍ରପୁରରେ ମାଉସୀ ମା’ ମନ୍ଦିର ପ୍ରତିଷ୍ଠା






**ବଲାଙ୍ଗିର, ୧୮।୬(ସମିସ):** ବଲାଙ୍ଗିର ବ୍ଲକ ବୈଦିପାଲି ପଞ୍ଚାୟତ ପ୍ରତାପରୁଦ୍ରପୁରରେ ମାଉସୀ ମା ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନରେ କଳସ ଯାତ୍ରା ଓ ବିଭିନ୍ନ ପୂଜା ଅନୁଷ୍ଠିତ ହୋଇଥିବାବେଳେ ବୁଧବାର ମହା ଆଳତି, ବିଷ୍ଣୁ ସହସ୍ରନାମ, ଚଣ୍ଡୀପାଠ ଓ ସୁନ୍ଦରକାଣ୍ଡ ଅନୁଷ୍ଠିତ ହୋଇଥିଲା। ପରେ ମାଉସୀ ମା ମନ୍ଦିର ପ୍ରତିଷ୍ଠା ହୋଇଥିଲା। ମୁଖ୍ୟ ପୂଜକ ଛନ୍ଦାଚରଣ ମିଶ୍ର, ପୂଜକ ସୁଲଭ ଦାଶ, ପୂଜକ ଶାନ୍ତମଣି ମିଶ୍ର ପୂଜା ଦାୟିତ୍ୱ ତୁଲାଇଥିଲେ। ଗାୟକ ଶାନ୍ତନୁ କୁମାର ତ୍ରିପାଠୀ ସୁନ୍ଦରାକାଣ୍ଡ ପାଠ କରିଥିଲେ। ପୂଜାକର୍ତ୍ତା ଭାବେ ନୀଳମଣି ରଥ ଓ ତାଙ୍କ ସହ ଧର୍ମିଣୀ ନିଳାଦ୍ରୀ ରଥ ପୂଜା ଦାୟିତ୍ୱ ତୁଲାଇଥିଲେ। ନୀଳମଣୀ ରଥଙ୍କ ପିତା ସ୍ୱର୍ଗତ ମହାଦେବ ରଥଙ୍କ ଉଦ୍ଦେଶ୍ୟରେ ନିଜ ଅର୍ଥରେ ଏହି ମନ୍ଦିର ନିର୍ମାଣ କରିଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି

**କଣ୍ଟାବାଞ୍ଜି, ୧୮।୬(ସମିସ)**




ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ସଭାଗୃହଠାରେ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଅଧିକାରୀ ସରୋଜ ମେହେର, ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଜୟନ୍ତ ବାଗ, ଜିପିଡିଓ ପୁରୁଷୋତ୍ତମ ମାଝୀ, ବିତ୍ତ ଅଧିକାରୀ ଜ୍ୟୋତି ପ୍ରକାଶ ମିଶ୍ର, ସିଡିପିଓ ମାଧୁରୀ ହୋତା, କୃଷି ଅଧିକାରୀ ସ୍ମାରକୀ ପ୍ରଧାନ, ବିଏସଏସଓ ସଞ୍ଜିତ ସୁନା, ଏବିଇଓ ସୋମନାଥ ମଙ୍ଗରାଜ, ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ସତ୍ୟ ମହାନ୍ତି, ସହକାରୀ ପ୍ରାଣୀ ଚିକିତ୍ସକ ଭବାନୀ ଶଙ୍କର ବେହେରା, ସ୍ୱାସ୍ଥ୍ୟ ସୁପରଭାଇଜର ଜେମାକାନ୍ତ ବାଗ, ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ଉପସଭାପତି ଅଶୋକ ନାରାୟଣ ଭୋଇ, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ର ସମ୍ପାଦକ ହୁଲେଶ୍ୱର ହଂସ, ପଞ୍ଚାୟତର ପିଇଓ, ଅଗ୍ନିଶମ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ବିପର୍ଯ୍ୟୟ ସମୟରେ କିଭଳି ପରିଚାଳନା କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିରେ ବହୁ ବିଭାଗ ର ଅଧିକାରୀମାନେ ଅନୁପସ୍ଥିତ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

## ଦୁର୍ଘଟଣାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ବିନିକା, ୧୮ ।୬(ସମିସ):** ରାମପୁର ବିନିକା ମୁଖ୍ୟରାସ୍ତା ସାଲମାଟିକ୍ରା ରୋଡ ନିକଟରେ ମଙ୍ଗଳବାର ଏକ ଅଜଣାଗାଡି ଧକ୍କାରେ ସ୍ୱାମୀଙ୍କ ମୃତ୍ୟୁ ହୋଇଛି । ଏଥିରେ ସ୍ତ୍ରୀ ଗୁରୁତର ହୋଇଛନ୍ତି । ମୃତକ ଜଣକ ସୁନିଲ ସେଠୀ (୪୫) ହୋଇଥିବାବେଳେ ସ୍ତ୍ରୀ ପୁଷ୍ପାଞ୍ଜଳି ସେଠୀ (୪୦)ଙ୍କୁ ବିନିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନାନୁଯାୟୀ, ଉଭୟ ସ୍ୱାମୀ ସ୍ତ୍ରୀ ସିଂହିଜୁବାରେ ତାଙ୍କ ବ୍ୟବସାୟ ସାରି ବାଇକ୍‌ରେ ବିନିକା ଦଣ୍ଡସନା ପଡ଼ାସ୍ଥିତ ନିଜ ଘରକୁ ଫେରୁଥିବା ବେଳେ ସାଲମାଟିକ୍ରା ରୋଡ ନିକଟରେ ଏକ ଅଜଣାଗାଡି ତାଙ୍କୁ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ସୁନୀଲଙ୍କ ମୃତ୍ୟୁ ହୋଇଥିଲା ।

## ଶିମିଳିପଦର-ଜାମ୍ମୁମାଳ ରାସ୍ତା ଅସମ୍ପୂର୍ଣ୍ଣ

**ଶଗଡ଼ା, ୧୮ ।୬(ସମିସ):** କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ସଦର ମହକୁମାଠାରୁ ଜାମ୍ମୁମାଳ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ପିଚୁ ରାସ୍ତା ନିର୍ମାଣ କରିବା ପାଇଁ ଅନେକ ଥର ଅଭିଯୋଗ ହୋଇ ଆସୁଛି; ହେଲେ ଏହି ରାସ୍ତା ନିର୍ମାଣ ନେଇ ପ୍ରଶାସନ ଆନ୍ତରିକତା ଦେଖାଉନି । ଏଣୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏହି ରାସ୍ତା ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ ଖାଲି ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳୁଛି । କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତରୁ ମାତ୍ର ୩ କିଲୋମିଟର ଜାମ୍ମୁମାଳକୁ ଯାଇଥିବା ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଏହି ରାସ୍ତାଦେଇ ଦୈନନ୍ଦିନ ଅନେକ ଛାତ୍ରଛାତ୍ରୀଙ୍କ ସହ ହଜାର ହଜାର ଗାଡ଼ି ଯିବା ଆସିବା କରୁଛି । ଏହି ରାସ୍ତା ଉପରେ ଗବଜୋର, ପଥର୍ଲା, ଲୋକାପଡ଼ା, ଜାମ୍ମୁମାଳ, ତୁଳସୀକଟା, ଫଗୁଣାମାଳ, କୀର୍ଲା ଓ କଣ୍ଟିଆପାଲି ପ୍ରମୁଖ ଗ୍ରାମଗୁଡ଼ିକର ଲୋକେ ପଞ୍ଚାୟତକୁ ଭଡା ଓ ଚାଉଳ ନେଇଯିବା ସହ ପଡୋଶୀ ଜିଲ୍ଲା ସୁବର୍ଣ୍ଣପୁର ଯିବାକୁ ମଧ୍ୟ ଏହି ରାସ୍ତା ସୁବିଧା ହୁଏ । ଏହି ରାସ୍ତା ପାଇଁ ପଞ୍ଚାୟତ ପ୍ରଶାସନରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି । ୩ ବର୍ଷ ତଳେ ଏହି ରାସ୍ତା ପାଇଁ ମନରେଗା ଯୋଜନାରେ ୫ଲକ୍ଷ ଟଙ୍କା ଅନୁଦାନ ଆସିଥିଲା । ଟଙ୍କା ଖର୍ଚ୍ଚ ହୋଇଗଲା; ହେଲେ ରାସ୍ତା ଅସମ୍ପୂର୍ଣ୍ଣ । ବର୍ଷା ଦିନେ ଏହି ରାସ୍ତା ଖାଲଖମା ସହ ପାଣି ଥିବାରୁ ଅନେକ ଦୁର୍ଘଟଣା ଘଟିବା ସହ ଯାତାୟତରେ ଲୋକେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ନେଇ ସ୍ଥାନୀୟ ସରପଞ୍ଚ ସାର୍ଦୁଳ ନାଗ କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟରେ ହୋଇଥିବା ଜନ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି ।

## ଯୋଗ ପ୍ରଶିକ୍ଷଣ ଶିବିର

ବୀରମହାରାଜପୁର, ୧୮ ।୬(ସମିସ): ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷ୍ୟେ ସଂସଦର ସଭାପତି ଡ ପ୍ରଫୁଲ୍ଲ ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଏକ ସାଧାରଣ ସଭାରେ ଉପ ସଭାପତି ସୌମିତ୍ରୀ ମେହେର, ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, ବରିଷ୍ଠ ସଦସ୍ୟ ନାରାୟଣ ପ୍ରସାଦ ନାୟକ ଏବଂ ଜୀତେନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ । ବଳରାମ କାଣ୍ଡ ସ୍ୱାଗତ କରିଥିଲେ । ବାସୁଦେବ ପଣ୍ଡା ସଭା ସଂଯୋଜନା କରିଥିବାବେଳେ ତ୍ରିନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଦପଲା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍

ଶଗଡ଼ା, ୧୮ ।୬(ସମିସ): ମନମୁଣ୍ଡା ବିଦ୍ୟୁତ୍ ବିଭାଗ ଅଞ୍ଚଳରେ ଥିବା ଦପଲା ଫିଡର ଅଞ୍ଚଳରେ ବିଦ୍ୟୁତ କାଟକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ବଢୁଛି । ବିଦ୍ୟୁତ୍ ପାଇଁ ଲୋକେ ଅତିଷ୍ଠ ହୋଇ ପଡ଼ିଲେଣି । ଟାଟା ପାୱାର ବିଜୁଳି ବିତରଣ କମ୍ପାନୀ ଲୋକଙ୍କ ସହ ଲୁଚକାଳି ଖେଳୁଛି । ଏମିତି କୌଣସି ଦିନ ନାହିଁ ଯେଉଁ ଦିନ ୧ ଘଣ୍ଟା ନିରନ୍ତର ବିଜୁଳି ରହୁଛି । ମରାମତି ନାଁରେ ସବୁଦିନ ବିଦ୍ୟୁତ୍ ସରାବରାହ ବିଚ୍ଛିନ୍ନ ହେଉଛି । ଯେଉଁ ଦିନଠାରୁ ଟାଟା ପାୱାର କମ୍ପାନୀ ବିଜୁଳି ବିତରଣ ଲାଗି ଦାୟିତ୍ୱ ନେଇଛି ସେହି ଦିନଠାରୁ ଦପଲା ଅଞ୍ଚଳରେ ଏଭଳି ବିଜୁଳି ବିଭ୍ରାଟ ନିତିଦିନିଆ ଘଟଣା ପାଲଟିଛି । ଏହି କମ୍ପାନୀ ଆସିବା ଆଗରୁ ଅଞ୍ଚଳରେ କେବଳ ଜଣେ ସ୍ଥାନୀୟ ଅସ୍ଥାୟୀ କର୍ମଚାରୀ ଥିଲେ । ଏବେ ଟାଟା ପାୱାର କମ୍ପାନୀର ଏକାଧିକ କର୍ମଚାରୀ ବୋଲେରୋରେ ବିଭିନ୍ନ ଅଞ୍ଚଳ ଗସ୍ତ କରି ମଧ୍ୟ ବିଜୁଳି ସରବରାହ ନିରନ୍ତର ହୋଇପାରୁନି । ବାରମ୍ବାର ବିଦ୍ୟୁତ୍ ବିଭ୍ରାଟକୁ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଲେ ମଧ୍ୟ ସେ ନାନା ବାହାନା ଦେଖାଇ ଚୁପ୍ ରହୁଥିବା ଲୋକେ କହିଛନ୍ତି । ଉଚ୍ଚ ଅଧିକାରୀ ଫୋନ୍ ରିସିଭ କରୁନାହାନ୍ତି । ଜରୁରୀକାଳୀନ ବିଦ୍ୟୁତ୍ ଟିମ୍ ବିଳମ୍ବରେ ଆସି ସଜାଡ଼ିବା ବାହାନା ଦେଖାଇ ଅଭିନୟ କରି କୌଣସି କାମ ନ କରି ଅଫିସକୁ ପଳାଉଛନ୍ତି । ଯଦି ଏମିତି ବିଦ୍ୟୁତ୍ କାଟ ଜାରି ରହେ ତେବେ ଲୋକେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କଡା ଚେତାବନୀ ଦେଇଛନ୍ତି ।

## ମୂର୍ମୁରି ଜୋର ବ୍ରିଜ୍‌ରେ ବସ୍ ଦୁର୍ଘଟଣା



**ବିନିକା, ୧୮ ।୬(ସମିସ):** ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ମୂର୍ମୁରି ଜୋର ବ୍ରିଜ ବାଡ଼ରେ ପିଟି ହୋଇ ବୁଧବାର ସକାଳେ ଦୁର୍ଘଟଣା ଗ୍ରସ୍ତ ହୋଇଛି । ତେବେ ଏଥିରେ ବସିଥିବା ୩୫ ଜଣ ଯାତ୍ରୀ ଅଳ୍ପକେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି । ସୂଚନାନୁଯାୟୀ, ଶୁଭଲକ୍ଷ୍ମୀ ନାମକ ଏକ ବସ୍ (ଓଆର୍ ୧୭ ଏଚ୍ ୭୮୪୨) ବରଗଡ଼ରୁ ବିନିକା ଦେଇ ବୌଦ୍ଧ ଯାଉଥିଲା । ବ୍ରିଜ୍ ନିକଟରେ ଭାରସାମ୍ୟ ହରାଇ ବସ୍‌ଟି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ପରେ ଯାତ୍ରୀମାନେ ପ୍ରାଣ ବିକଳରେ ଗାଡିରୁ ଓହ୍ଲାଇ ଯିବାରୁ ସମସ୍ତେ ବର୍ତ୍ତିଯାଇଥିଲେ । କେତେକ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି । ଦୁର୍ଘଟଣା ପରେ ବସ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା ।

## ବୌଦ୍ଧ ନାଗରିକ କମିଟିର ବୈଠକ

ବୌଦ୍ଧ, ୧୮ ।୬(ସମିସ): ବୌଦ୍ଧ ମାଉସୀ ମା' ମନ୍ଦିରରେ ବୌଦ୍ଧ ନାଗରିକ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୌଦ୍ଧ ପଞ୍ଚାୟତ କଲେଜରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିବା, ବୌଦ୍ଧ ମହିଳା କଲେଜ୍ ଓ ହରଭଙ୍ଗାରେ +୩ ଖୋଲିବା, ହରଭଙ୍ଗା ଓ ବୌଦ୍ଧ ବ୍ଲକରେ ବିଜ୍ଞାନ କଲେଜ ପ୍ରତିଷ୍ଠା, ନନ୍ଦନ ବନ ଓ ଅନ୍ୟ ପର୍ଯ୍ୟଟନ ସ୍ଥଳର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା । ଏ ସମ୍ପର୍କରେ କମିଟି ପକ୍ଷରୁ ପ୍ରଶାସନ, ସରକାର ଓ ଜନପ୍ରତିନିଧିମାନଙ୍କ ନିକଟରେ ଦୃଢ ଦାବି ଉପସ୍ଥାପନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

## ତଳଗାଁରେ ବୃଷ୍ଟିପୃଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନା ବାଟବଣା

# କୁଣ୍ଡ ଗୋଟିଏ; ହିତାଧିକାରୀ ଦୁଇ

**ବୌଦ୍ଧ, ୧୮ ।୬(ସମିସ):**

କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ସମ୍ମନ୍ୱିତ କୃଷି ଯୋଜନାରେ ଅନ୍ତର୍ଭୁକ୍ତ ଚାଷୀ ପରିବାରକୁ ଅଧିକ କୃଷି ଉତ୍ପାଦନ ବୃଦ୍ଧି ସାଙ୍ଗକୁ ଜୀବିକା ଅଗ୍ରଗତି ଲକ୍ଷ୍ୟରେ ଜଳଛାୟା ବିଭାଗ ଜରିଆରେ ବୃଷ୍ଟିପୃଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନାରେ ଚାଷୀଙ୍କୁ ୩୦ ହଜାର ଟଙ୍କା ଲେଖାଏଁ ସରକାରୀ ପ୍ରୋତ୍ସାହନ ରାଶି ଯୋଗାଇ ଦେଉଛନ୍ତି । ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ତଳଗାଁ କ୍ଲଷ୍ଟରରେ ଏହି ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଉଠୁଛି । ବିଶେଷକରି ଚାଷୀଙ୍କ ସରଳତାର ସୁଯୋଗ ନେଇ କିଛି ଦଲାଲ୍ ଚାଷୀଙ୍କଠାରୁ ମୋଟା ଅଙ୍କର ଟଙ୍କା ଅସୁଲ କରିଥିବା ମଧ୍ୟ ଅଭିଯୋଗ ପଦାକୁ ଆସିଛି । ଅନ୍ୟପଟେ ଗୋଟିଏ ଗୋଟିଏ ଜିଆଖତ ସିମେଣ୍ଟ କୁଣ୍ଡରେ ୨ ଜଣ ହିତାଧିକାରୀଙ୍କ ନାମ ଲେଖାଯାଇ ଯୋଜନା ଅର୍ଥ ବାଟମାରଣା କରାଯାଇଥିବା ଭଳି ସାଂଘାତିକ ଘଟଣା ନଜରକୁ ଆସିଛି । ଏହା ସହ ଦୋକାନ କରି ବ୍ୟବସାୟ କରୁଥିବା ହିତାଧିକାରୀଙ୍କୁ ମଧ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ଅଭିଯୋଗ ଉଠୁଛି । ଯୋଜନାରେ ଏଭଳି ଅନିୟମିତତା ଜଳଛାୟା ବିଭାଗର ଦୃଷ୍ଟିଗୋଚର ନ ହେବା ଘଟଣା ଦୁର୍ନୀତି ଏବଂ ବାଟମାରଣା ପଛରେ ଏମାନଙ୍କ ସମ୍ପୃକ୍ତିକୁ ସିଧାସଳଖ



ଅଙ୍ଗୁଳି ନିର୍ଦ୍ଦେଶ କରୁଛି । କେନ୍ଦ୍ର ସରକାର ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ବୃଷ୍ଟିପୃଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନାରେ ଚାଷୀଙ୍କ ଆର୍ôଥକ ମେରୁଦଣ୍ଡକୁ ସୁଦୃଢ କରିବା ଲକ୍ଷ୍ୟରେ ପାଣ୍ଠି ଯୋଗାଇ ଦେଉଛନ୍ତି । ଏଥିପାଇଁ କୃଷି, ଉଦ୍ୟାନ କୃଷି, ପ୍ରାଣୀ ଚିକିତ୍ସା ବିଭାଗ ସାଙ୍ଗକୁ ମତ୍ସ୍ୟ ବିଭାଗ ସହଭାଗିତାରେ ଚାଷୀ ଚୟନ ପାଇଁ କଡା ନିୟମ ରହିଛି । ଅନ୍ୟପଟେ ପ୍ରଥମତଃ ଜଣେ ଚାଷୀ ସମ୍ମନ୍ୱିତ କୃଷି ଅନ୍ତର୍ଭୁକ୍ତ ହୋଇଥିବା ବାଧ୍ୟତାମୂଳକ । ଏହା ସହ ଚାଷୀ ସମ୍ମନ୍ୱିତ କୃଷି ଯୋଜନାରେ ବିଭିନ୍ନ ଶସ୍ୟଜାତୀୟ ଫସଲଠାରୁ ଆରମ୍ଭ କରି ଉଦ୍ୟାନକୃଷି ଯୋଜନାରେ ବିଭିନ୍ନ ପନିପରିବା, ଫଳଜାତୀୟ ବୃକ୍ଷ ଚାଷ ସହ ପ୍ରାଣୀପାଳନ ଯୋଜନାରେ ଗାଇ, ମଇଁଷି, ମେଣ୍ଢା, ଛେଳି, କୁକୁଡା, ବତକ ଭଳି ସମ୍ମନ୍ୱିତ କୃଷି କରୁଥିବା ଆବଶ୍ୟକ । ସମ୍ମନ୍ୱିତ କୃଷି ସହ ମାଛ ଜଆଁଳ ଉତ୍ପାଦନ ୟୁନିଟ, ମହୁମାଛି ଚାଷ, ଘାସ ଚାଷ ଏବଂ ଜିଆଖତ ଉତ୍ପାଦନ ମଧ୍ୟରୁ ଯେକୌଣସି ଗୋଟିଏ ଥିଲେ ଏହି ଯୋଜନାରେ ଚାଷୀଙ୍କୁ ୩୦ହଜାର ଟଙ୍କା ଲେଖାଏଁ ଜଳଛାୟା ବିଭାଗ ପକ୍ଷରୁ ଯୋଗାଇଦେବାର ନିୟମ ରହିଛି । ହିତାଧିକାରୀ ଚୟନ ପାଇଁ କୃଷି, ଉଦ୍ୟାନକୃଷି, ପ୍ରାଣୀପାଳନ ଏବଂ ମତ୍ସ୍ୟ ବିଭାଗ ଅଧିକାରୀଙ୍କ ସମ୍ମନ୍ୱୟରେ ଏବଂ ତତ୍ତ୍ୱାବଧାନରେ ହିତାଧିକାରୀ ଚୟନ କରାଯିବାର କଡା ଆଇନ ରହିଛି; ମାତ୍ର ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଜଳଛାୟା ବିଭାଗ ପକ୍ଷରୁ ୨୦୨୫-୨୬ ଆର୍ôଥକ ବର୍ଷରେ ତଳଗାଁ କ୍ଲଷ୍ଟରରେ ବୃଷ୍ଟିପୃଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନାରେ ମନଇଚ୍ଛା ହିତାଧିକାରୀ ଚୟନ କରାଯାଇ ଅନୁଦାନ ରାଶି ବଣ୍ଟନ ହୋଇଥିବା ଅଭିଯୋଗ ଉଠୁଛି । ଏହାଫଳରେ ତଳଗାଁ କ୍ଲଷ୍ଟରରେ ଏହି ଯୋଜନା ବାଟବଣା ହେବା ସହ ଚାଷୀଙ୍କ ଅନୁଦାନ ରାଶିକୁ ଦଲାଲ ଜରିଆରେ ଆଦାୟ କରି ତଳୁ ଉପରଯାଏଁ ଭାଗବଣ୍ଟା କରି ଚଳୁ କରିଥିବା ଅଭିଯୋଗ ଉଠୁଛି । ତେବେ ଏ ସମ୍ପର୍କରେ ବୌଦ୍ଧ ଜଳଛାୟା ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ ମହାନ୍ତିଙ୍କୁ ପଚାରିବାରୁ ସର୍ବନିମ୍ନ ୨ଟି କମ୍ପୋନେଟ ରହିଥିବା ହିତାଧିକାରୀଙ୍କୁ ଡିବିଟି ଜରିଆରେ ୩୦ହଜାର ଟଙ୍କା ଅନୁଦାନରାଶି ପ୍ରଦାନ କରାଯାଇଛି; ହେଲେ ଗୋଟିଏ ଗୋଟିଏ କୁଣ୍ଡରେ ଦୁଇ ଦୁଇ ଜଣ ହିତାଧିକାରୀଙ୍କ ନାମ ଲେଖାଯାଇ ଅନୁଦାନ ରାଶି ବାଟମାରଣା କରାଯାଇଥିବା ବିଷୟରେ ପଚାରିବାରୁ ତଦନ୍ତ କଲେ ଜଣାପଡ଼ିବ ବୋଲି କହିଥିଲେ ।

## ନିଟ୍‌ରେ ସୌମ୍ୟପ୍ରିୟା, ପାର୍ଥସାରଥି, ସିଦ୍ଧାର୍ଥଙ୍କ ସଫଳତା

**ବୀରମହାରାଜପୁର, ୧୮।୬(ସମିସ):** ନିଟ୍ ( ୟୁଜି) ପ୍ରବେଶିକା ପରୀକ୍ଷାରେ ବୀରମହାରାଜପୁରର ସୌମ୍ୟପ୍ରିୟା ମେହେର, ସିଦ୍ଧାର୍ଥ ପ୍ରଧାନ ଓ ଉଲୁଣ୍ଡାର ପାର୍ଥସାରଥି ଦେହୁରୀ ସଫଳତା ପାଇଛନ୍ତି । ସୌମ୍ୟା ପ୍ରିୟା ବୀରମହାରାଜପୁର ବ୍ଲକ ସୁବଳୟା ଗ୍ରାମର ହୋଇଥିବା ବେଳେ ସିଦ୍ଧାର୍ଥ ଲୁତୁରପଙ୍କ ଗ୍ରାମର ଏବଂ ପାର୍ଥସାରଥି ଦେହୁରୀ ଉଲୁଣ୍ଡା ବ୍ଲକ ଅଇଁଲାଛାଟ ଗ୍ରାମର ଅଟନ୍ତି । ସୌମ୍ୟପ୍ରିୟା ୫୬୮ ନମ୍ବର ରଖି ୫୮୦୦ ର୍‌ୟାଙ୍କ ହାସଲ କରିଛନ୍ତି । ପାର୍ଥସାରଥି ଦେହୁରୀ ୫୩୦ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୨୦୫୧୨ ର୍‌ୟାଙ୍କ ହାସଲ କରି ଡାକ୍ତରୀ ପାଠ ପଢ଼ା ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସୌମ୍ୟପ୍ରିୟା ସୁବଳୟାର ପୂର୍ବତନ ସରପଞ୍ଚ ସ୍ୱର୍ଗତ ଅନନ୍ତନାରାୟଣ ମେହେରଙ୍କ ଝିଅ ଅଟନ୍ତି ।





ସେହିପରି ପାର୍ଥସାରଥି ଅଇଁଲାଛାଟ ଗ୍ରାମର ଶିକ୍ଷକ ପ୍ରଫୁଲ୍ଲ ଦେହୁରୀଙ୍କ ପୁତ୍ର ଅଟନ୍ତି । ସେହିପରି ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ଗ୍ରାମର ସିଦ୍ଧାର୍ଥ ପ୍ରଧାନ ୫୨୨ ନମ୍ବର ରଖି ୨୯୩୦୦ ର୍‌ୟାଙ୍କ ହାସଲ କରି ଡାକ୍ତରୀ ପାଠ ପଢ଼ିବାକୁ ଯୋଗ୍ୟ ହୋଇଛନ୍ତି । ସିଦ୍ଧାର୍ଥ ଲୁତୁରପଙ୍କ ଗ୍ରାମର ଶିକ୍ଷକ ରୋହିତ ପ୍ରଧାନଙ୍କ ବଡ଼ପୁଅ ଅଟନ୍ତି ।

## କାମ ନ କରି ସରକାରୀ ଟଙ୍କା ଆତ୍ମସାତ

**ଶଗଡ଼ା, ୧୮ । ୬ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାସପୁର ପଞ୍ଚାୟତ ଅଧୀନ ଦିନବନ୍ଧୁପୁର ଗ୍ରାମର ରାସ୍ତା କାମ ନାଁରେ ସରକାରୀ ଅର୍ଥ ଆତ୍ମସାତ ହୋଇଛି । ପଞ୍ଚାୟତ ସମିତି ପକ୍ଷରୁ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଜିଆଇଏ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୨ଲକ୍ଷ ୧ ହଜାର ୯୧୯ଟଙ୍କା ଅନୁଦାନ ଆସିଥିଲା; ହେଲେ କାମ ନ କରି ବିଭାଗୀୟ ଅଧିକାରୀ ଅର୍ଥ ହଡପ କରିଛନ୍ତି । ଆମ୍ବେଦକର ଦଳିତ ସମାଜ ବିକାଶ ପରିଷଦର ଜିଲ୍ଲା ସମ୍ପାଦକ ମହାଦେବ କଲତା ଏଭଳି ଗୁରୁତର ଅଭିଯୋଗ ଆଣିଛନ୍ତି । ଏ ସମ୍ପର୍କରେ ସେ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି । ଗାଁରେ ଏକ କଂକ୍ରିଟ ରାସ୍ତା ହୋଇଛି । ୨୦୨୦-୨୧ ବର୍ଷ ପରେ ଗାଁକୁ କୌଣସି ଅନୁଦାନ ଆସିନି । ଏହା ସତ୍ତ୍ୱେ କିଭଳି ଏବଂ କେଉଁ କାର୍ଯ୍ୟ କରାଯାଇଥିବା ଦର୍ଶାଇ ଟଙ୍କା ଆତ୍ମସାତ କରାଯାଇଛି ତାହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ।

## ମରଣଯନ୍ତା ପାଲଟିଛି ବିଚିକା ରାସ୍ତା

# ଅଭିଯୋଗ ପରେ ମଧ୍ୟ ପ୍ରଶାସନ ଚୁପ୍

**ଶଗଡ଼ା, ୧୮ ।୬(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାଶପୁର ପଞ୍ଚାୟତ ମନମୁଣ୍ଡା-ଶଗଡ଼ା ରାସ୍ତାରୁ ବିଚିକା ଯାଇଥିବା ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି । ଥାଟିପାଲି, ଜୁନାନି, ସିନ୍ଦୂରପୁର ଜମାଳାପଦର, ବିଚିକା ଗ୍ରାମର ଲୋକେ ଦୈନିନ୍ଦିନ ଏହି ରାସ୍ତାରେ ଯିବା ଆସିବା କରିଥାନ୍ତି । ଏହି ରାସ୍ତା ପାଇଁ ଦୀର୍ଘ ବର୍ଷ ହେଲା ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି ଜଣାଇ ଆସୁଛନ୍ତି; ହେଲେ ସମାଧାନ ହୋଇ ପାରୁନାହିଁ । ପ୍ରଶାସନ ନିଦା ବିଷ୍ଣୁ ସାଜିଛି । ପ୍ରବଳ ବର୍ଷା ହେଲେ ଗାଁକୁ ଆମ୍ବୁଲାନ୍ସ ତ ଦୂରର କଥା ବାଇକ୍ ମଧ୍ୟ ଆସି ପାରେ ନାହିଁ । ବର୍ଷା



ଦିନେ ଖାଲଖମା ସହ ପାଣି ଭର୍ତ୍ତି ହୋଇଯାଉଥିବାରୁ ଲୋକେ ହଇରାଣ ହେଉଛନ୍ତି । ବର୍ଷା ଦିନେ ଅଞ୍ଚଳର ଛାତ୍ରଛାତ୍ରୀ କାଦୁଅ ରାସ୍ତାରେ ସ୍କୁଲ ଯାତାୟତ କରୁଛନ୍ତି । ଅନେକ ରାସ୍ତାରେ ପଡୁଛନ୍ତି । ବହି ବସ୍ତାନି ସହ ପ୍ୟାଣ୍ଟ ସାର୍ଟ ମଧ୍ୟ ଭିଜି ଯାଉଛି । ଅନେକ ଆହତ ମଧ୍ୟ ହୋଉଛନ୍ତି । ଦୀର୍ଘଦିନ ହେବ ଅଞ୍ଚଳବାସୀଙ୍କ ଏଭଳି ରାସ୍ତା ସମସ୍ୟା ଲାଗି ରହିଛି । ସ୍ଥାନୀୟ ଲୋକ ପ୍ରତିନିଧି କି ଜିଲ୍ଲା ପ୍ରଶାସନ କାହାରି ବି ନଜର ପଡୁନି । ଏଣୁ ଲୋକଙ୍କ ଭିତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ରାସ୍ତା ଖୁବ ଶୀଘ୍ର ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବିଧାୟକଙ୍କ ନିର୍ମାଣାଧୀନ ବୌଦ୍ଧ ଷ୍ଟେସନ ପରିଦର୍ଶନ

ବୌଦ୍ଧ, ୧୮ ।୬(ସମିସ): ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ହରଭଙ୍ଗା ବ୍ଲକ ସରସରା ନିକଟରେ ନିର୍ମାଣାଧୀନ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ବୌଦ୍ଧ ଷ୍ଟେସନ ପରିଦର୍ଶନ କରିଛନ୍ତି । ୨୦ ତାରିଖରେ ବହୁ ପ୍ରତୀକ୍ଷିତ ଏହି ରେଳ ଷ୍ଟେସନ ଉଦ୍‌ଘାଟିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି  ପରିଦର୍ଶନ ସମୟରେ ରେଳବାଇ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ ।

## କଂଗ୍ରେସର ସର୍ବୋଦୟ ସଂକଳ୍ପ ଶିବିର




**ବିନିକା, ୧୮ ।୬(ସମିସ):** ବିନିକା ସ୍ଥିତ ଚନ୍ଦ୍ରମା ସଭାଗୃହରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ଓଡ଼ିଶା ତରଫରୁ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଦୁଇ ଦିନିଆ ସର୍ବୋଦୟ ସଂକଳ୍ପ ଶିବିର ବୁଧବାରଠାରୁ ଆରମ୍ଭ ହୋଇଛି । ଏହାକୁ ଜିଲ୍ଲା କଂଗ୍ରେସ ସଭାପତି ତଥା ସୋନପୁର ପୂର୍ବତନ ବିଧାୟକ ବିନୋଦ ପାତ୍ର ଉଦଘାଟନ କରିଥିଲେ । ଏଥିରେ ଅତିଥି ଭାବରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ଜଟିତସ୍ତର ଉପସଭାପତି କୁନାଲ ବାନାର୍ଜୀ, ଆରଜିପିଆର୍‌ଏସ୍ ରାଜ୍ୟ ସଭାପତି ସୁଦର୍ଶନ ଦାସ, ସାଧାରଣ ସମ୍ପାଦକ ବିଜୟ ପ୍ରଧାନ, ରୂପକ ତୁରୁକ, ସୋନପୁର ମହିଳା କଂଗ୍ରେସ ସଭାପତି ଭବାନୀଜି ପି ଦୀପ, ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ପ୍ରଦୀପ ସେଠୀ, ସୋନପୂର ବିଧାୟକ ପ୍ରାର୍ଥୀ ପ୍ରିୟବ୍ରତ ସାହୁ, ଜିଲ୍ଲା ଆରଜିପିଆଇଏସ୍ ସାଧାରଣ ସମ୍ପାଦକ ଲବ କୁମାର ସାହୁ ପ୍ରମୁଖ ଯୋଗଦେଇ ସଂଗଠନର ଉଦ୍ଦେଶ୍ୟ, କାର୍ଯ୍ୟକଳାପ ଓ ତାର ସଫଳତା ଉପରେ ପ୍ରାଞ୍ଜଳ ଭାବେ ଅବଗତ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଂଗ୍ରାମ କେଶରୀ ନାୟକ, ରାଘବ ଦାସ, ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ହୋତା, ନରେନ୍ଦ୍ର ପଣ୍ଡା, ସୁଧାଂଶୁ ପଣ୍ଡା, ସପନେଶ୍ୱର୍ ପୃଷ୍ଟି, ସୁମନ୍ତ ସାହୁ, ମହେନ୍ଦ୍ର ଥନାପତି, ବିକାଶ ପଣ୍ଡା, ସୁନିଲ ପ୍ରଧାନ, ସୁରେଶ ପଣ୍ଡା, ନରେନ୍ଦ୍ର ସାହୁ, ଅନିଲ ନାୟକ, ଉମାକାନ୍ତ ଦୀପ, ଗୋବିନ୍ଦା ଝାଙ୍କର, ପ୍ରଭୁଦତ୍ତ ବସ୍ତିଆ, ରାଜୁ ବାରିକ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ ସାମିଲ ହୋଇଥିଲେ ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି




**ବୌଦ୍ଧ, ୧୮ ।୬(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କୀତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ସୁବ୍ରତ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ । ସାମ୍ଭାବ୍ୟ ବର୍ଷା ବନ୍ୟା ଜନିତ ବିପର୍ଯ୍ୟୟକୁ ମୁକାବିଲା ପାଇଁ ସମସ୍ତ ସରକାରୀ ବିଭାଗ ସଦା ସର୍ବଦା ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ ବାଣୁଆଙ୍କ ସମେତ ପୁଲିସ, ଅଗ୍ନିଶମ ବାହିନୀ, ଓଡ୍ରାଫ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

# ୨ ମାସରେ ନଷ୍ଟ ହୋଇଗଲା କଣ୍ଟାମାଳ-ତରଭା ରାସ୍ତା


**ଶଗଡ଼ା, ୧୮ ।୬(ସମିସ):**

ବୌଦ୍ଧ ଜିଲ୍ଲା କଣ୍ଟାମାଳ-ତରଭା ତେଲ୍ ନଦୀ ସେତୁର କଣ୍ଟାମାଳ ପଟରୁ ଯାଇଥିବା ସଂଯୋଗୀକରଣ ରାସ୍ତାର ଅନେକ ସ୍ଥାନରେ ବଡ ବଡ ଖାଲ ହୋଇଛି । ରାସ୍ତାରେ ଗାତ ସୃଷ୍ଟି ହୋଇଥିବା ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି । ଏହା ଫଳରେ ଦୁର୍ଘଟଣାର ଆଶଙ୍କା ଦେଖା ଦେଇଛି । ବାରମ୍ବାର ଏହି ରାସ୍ତା ମରାମତି ହେଲେ ସୁଦ୍ଧା ଭାରୀଯାନ ଯାତାୟାତ ଯୋଗୁଁ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ୨୦୧୨ ମସିହାରେ ଏହି ସେତୁ କାର୍ଯ୍ୟ ୨୦କୋଟି



୯୯ଲକ୍ଷ ୨୭ ହଜାର ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ କରାଯାଇଥିଲା । ବହୁ ବିଳମ୍ବରେ ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା । ୪୫୯.୪୫ ମିଟର ଦୈର୍ଘ୍ୟ ଓ ୭.୫୦ ମିଟର ପ୍ରସ୍ଥ ବିଶିଷ୍ଟ ସେତୁ ବିଳମ୍ବରେ ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ଆପ୍ରୋଚ ରାସ୍ତା ଲୋକଙ୍କ ପାଇଁ ମରଣଯନ୍ତା ସାଜିଛି । ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତତ୍ପରତା ଦେଖା ଦେଇଥିଲା । ୨ ମାସ ପୂର୍ବେ ଏହା ମରାମତି କରାଯାଇଥିଲା । ବର୍ତ୍ତମାନ ଏହି ରାସ୍ତାରେ ଅନେକ ଖାଲଖମା ହେଲାଣି । ସାମାନ୍ୟ ବର୍ଷା ହେଲେ ପାଣିରେ ଭର୍ତ୍ତି ହୋଇ ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଯେତେ ଥର ଏହି ରାସ୍ତା ମରାମତି ହେଲେ ପୁଣି ଖରାପ ହେବ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ କଣ୍ଟାମାଳ-ତରଭା ସେତୁର ସୋନପୁର ଜିଲ୍ଲା ତରଭା ଅଞ୍ଚଳରେ ୫ଟି କ୍ରସର ରହିଛି । ଏହି କ୍ରସର ଗୁଡ଼ିକରୁ ଦୈନିକୟ ଭାରୀଯାନରେ ଶହ ଶହ ଟ୍ରିପ୍ ଚିପ୍ସ, ବାଲି, କ୍ରସର ଗୁଣ୍ଡ ପରିବହନ କରାଯାଉଛି । ରାସ୍ତାର କ୍ଷମତା ବାହାରେ ଭାରୀଯାନ ଯାତାୟାତ କରୁଛି । ଏଣୁ ଅଳ୍ପ ଦିନରେ ରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହେଉଛି । ସୋନପୁର ଜିଲ୍ଲା ତରଭା ଅଞ୍ଚଳରେ ଥିବା କ୍ରସରଗୁଡିକ ଉପରେ ପ୍ରଶାସନର ଲଗାମ ନାହିଁ । ଏହି ସେତୁ ରାସ୍ତା ଦେଇ ଭାରୀଯାନ ଯାତାୟାତ ବନ୍ଦ କରା ନ ଗଲେ ଯଥା ପୂର୍ବ ତଥା ପରମ ହେବ ବୋଲି ଅଞ୍ଚଳର ଲୋକେ କହିଛନ୍ତି ।

# ସମ୍ପାଦକୀୟ



ସଂଘର୍ଷ ବିହୀନ ଓ ଅପରୀକ୍ଷିତ ଜୀବନ ମୂଲ୍ୟହୀନ।
-ସକ୍ରେଟିସ୍

ସକାଳ
THE SAKALA

## ପ୍ରତୀକ୍ଷିତ ସୁମାରି

କରୋନା ମହାମାରୀର ପ୍ରତିକୂଳ ପରିବେଶରେ ୨୦୨୧ରେ ହେବାକୁ ଥିବା ଜନଗଣନା ଶେଷ ମୁହୂର୍ତ୍ତରେ ସ୍ଥଗିତ ରଖାଯାଇଥିଲା। ତେଣୁ ଦଶବର୍ଷର ବ୍ୟବଧାନରେ ହେବାକୁ ଥିବା ଜନଗଣନା ୧୬ ବର୍ଷ ପରେ ୨୦୨୭ ମାର୍ଚ୍ଚ ୧ରୁ ଆରମ୍ଭ ହେବାକୁ ଯାଉଛି। ଭୌଗୋଳିକ ଦୃଷ୍ଟିରୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଥିବା ବରଫାବୃତ୍ତ ଲଦାଖ, ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ଜନସୁମାରି ୨୦୨୬ ଅକ୍ଟୋବର ୧ରୁ ଆରମ୍ଭ ହେବ। ଗତ ସୋମବାର ଏଥିସକାଶେ କେନ୍ଦ୍ର ସରକାର ଗେଜେଟ୍ ବିଜ୍ଞପ୍ତି ଜାରି କରିଛନ୍ତି। ୧୯୪୮ ଜନଗଣନା ଆଇନ ଧାରା ୩ ଓ ୧୯୯୦ ନିୟମାବଳୀ ଭିତ୍ତିରେ ଏହି ଜନସୁମାରି କରାଯିବ। ଏହି ବିଜ୍ଞପ୍ତି ଜାରି ପରବର୍ତ୍ତୀ ସମୟଠାରୁ ପ୍ରଶାସନିକ ଆବଶ୍ୟକତା ଦୃଷ୍ଟିରୁ କୌଣସି ଥାନା, ଜିଲ୍ଲା, ତହସିଲ ପରିସର ବୃଦ୍ଧି କରାଯାଇପାରିବ ନାହିଁ।

ଆଗାମୀ ଜନଗଣନା ଏହି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଯେ ଜନସୁମାରି ସହିତ ଏକାସଙ୍ଗରେ ଜାତି ଗଣନା ହେବ। ପୁଣି ଏହି ଜନଗଣନା ଆଧାରରେ ସଂସଦ ଓ ବିଧାନସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ହେବାର ସମ୍ଭାବନା ରହିବ ଏବଂ ବିଧାନପାଳିକାରେ ମହିଳାଙ୍କ ସକାଶେ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ବାଟ ଫିଟିବ। ଲୋକସଭା ଓ ବିଧାନସଭା ନିର୍ବାଚନମାନଙ୍କରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ସୁବିଧା ପ୍ରଦାନ ସକାଶେ ସରକାରଙ୍କ ପକ୍ଷରୁ ଆଗତ ପ୍ରସ୍ତାବ ସଂସଦରେ ଗୃହୀତ ହୋଇଥିବା ବେଳେ ତାହାର କାର୍ଯ୍ୟକାରିତା ନେଇ ବିଭିନ୍ନ ମହଲରେ ସନ୍ଦେହ ଉଙ୍କି ମାରିଥିଲା। ସେତେବେଳେ ଯେଉଁମାନେ ଏହାକୁ ବିରୋଧ କରୁଥିଲେ ସେମାନେ ଆଇନର ଦାୟରେ ପଡ଼ି ମହିଳା ପ୍ରାର୍ଥୀ ଦେବାକୁ ବାଧ୍ୟ ହେବେ।

ସେହିଭଳି ଗତ ସାଧାରଣ ନିର୍ବାଚନରେ ବିରୋଧୀ ଦଳ ପକ୍ଷରୁ ଜାତିଭିତ୍ତିକ ଜନଗଣନାକୁ ଏକ ପ୍ରମୁଖ ପ୍ରସଙ୍ଗ କରାଯାଇଥିଲା। ଏପରିକି କେତେକ ବିରୋଧୀ ଦଳ ଶାସିତ ରାଜ୍ୟରେ ଜାତିଭିତ୍ତିକ ଜନସୁମାରି ମଧ୍ୟ କରାଯାଇଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜାତିଆଣ ରାଜନୀତିକୁ ବଳ ଦେବା ପାଇଁ ଏ ଦିଗରେ ଉଦ୍ୟମ କରି ଯେଉଁ ଜନମତ ସୃଷ୍ଟି କରିଥିଲେ ତାହାର ପ୍ରଭାବ ମଧ୍ୟ ଗତ ଲୋକସଭା ନିର୍ବାଚନରେ ଅନୁଭୂତ ହୋଇଥିଲା। ଜାତି ଆଧାରରେ ଜନଗଣନା ଦାବିକୁ ଭିତ୍ତି କରି ଜାତୀୟ ରାଜନୀତିରେ ସୃଷ୍ଟି ହୋଇଥିବା ବିବଦମାନ ପରିସ୍ଥିତିର ଅବସାନ ପାଇଁ ଏହା ସପକ୍ଷରେ ସରକାରଙ୍କୁ ନିଷ୍ପତ୍ତି ନେବାକୁ ପଡ଼ିଥିଲା। ତେଣୁ ଜନଗଣନା ବିଜ୍ଞପ୍ତିର ଯଥେଷ୍ଟ ପୂର୍ବରୁ(ଏପ୍ରିଲ୍ ୩୦) ରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ରାଜନୈତିକ ବ୍ୟାପାର କମିଟି ବୈଠକରେ ପ୍ରସ୍ତାବ ଅନୁମୋଦନ ଲାଭ କରିଥିଲା। ତେବେ ଏହାର ଆଧାରଶିଳାକୁ ନେଇ ବିଭିନ୍ନ ମହଲରେ ମତଭେଦ ଜାରି ରହିଛି। ଜାତି ଆଧାରରେ ଜନଗଣନା ଓ ତାହା ଭିତ୍ତିରେ ସଂରକ୍ଷଣ ସୁବିଧା ପ୍ରଦାନକୁ ନେଇ ପୁଣି ଯେ ବିବାଦ ମୁଣ୍ଡ ନ ଟେକିବ ଏ କଥା ନୁହେଁ। ମଣ୍ଡଳ ଆନ୍ଦୋଳନରୁ ସୃଷ୍ଟି ହୋଇଥିବା ଭୟଙ୍କର ପରିସ୍ଥିତି ଏବେ ବି ମନରୁ ଲିଭିନାହିଁ।

ଅନ୍ୟ ଏକ ଦିଗ ହେଲା, ଜନଗଣନା ରିପୋର୍ଟ ଭିତ୍ତିଭୂମିରେ ଲୋକସଭା ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କରାଯିବାର ଯେଉଁ ସୁଯୋଗ ରହିଛି ତାହାକୁ ଭିତ୍ତି କରି ପୁଣି ଏକ ବିଭାଜନର ସୀମାରେଖା ଟାଣିଲା ଭଳି ପରିସ୍ଥିତି ଉପୁଜିବ। ଏଥିମଧ୍ୟରେ ଏହାର ପ୍ରାକ୍ ସୂଚନା ମିଳିସାରିଲାଣି। ଗୋଟିଏ ପକ୍ଷରେ ଦେଶର ଜନବିସ୍ଫୋରଣକୁ ରୋକିବା ପାଇଁ ସରକାରୀ କାର୍ଯ୍ୟକ୍ରମକୁ ସଫଳ କରିଥିବା ରାଜ୍ୟ ସମୂହ ଏବଂ ଅନ୍ୟପକ୍ଷରେ ଅନିୟନ୍ତ୍ରିତ ଜନସଂଖ୍ୟା ବୃଦ୍ଧି ଘଟାଇଥିବା ଅନଗ୍ରସର ରାଜ୍ୟ। ସଂସଦରେ ପ୍ରତିନିଧିତ୍ୱ ବୃଦ୍ଧି ଓ ହ୍ରାସ ଭଳି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପ୍ରସଙ୍ଗ ମୁଣ୍ଡ ଟେକିବା ଏକପ୍ରକାର ଥୟ। ଏନ୍‌ଡିଏ ସରକାର ପ୍ରମୁଖ ସହଯୋଗୀ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ନିକଟରେ ଏହି ସମ୍ଭାବନା ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କାରଣ ତାଙ୍କ ରାଜ୍ୟ ମଧ୍ୟ ଏହି ଫର୍ମୁଲାରେ କ୍ଷତିଗ୍ରସ୍ତ ହେବ। ଅଥଚ କ୍ଷମତା ରାଜନୀତିର ସମ୍ଭାବନା ଦୃଷ୍ଟିରୁ ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ କେନ୍ଦ୍ରରେ କ୍ଷମତାସୀନ ସରକାର ସାଲିସ୍ କରିବା ପ୍ରଶ୍ନ ଉଠୁନାହିଁ।

ଏ କଥା ଅସ୍ୱୀକାର କରିବାର ନାହିଁ ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନସଂଖ୍ୟା ଅନୁପାତରେ ପ୍ରତିନିଧିତ୍ୱ ଅଧିକାରକୁ ଏଡ଼ାଇ ଯିବା ସମ୍ଭବ ନୁହେଁ। କିନ୍ତୁ ସମୟର ଆବ୍ୟଶ୍ୟକତା ଦୃଷ୍ଟିରୁ ସମୃଦ୍ଧିର ଦିଗ ନିର୍ଣ୍ଣୟ କରିବାରେ ଅସଫଳ ରାଜ୍ୟକୁ ଅଧିକ ପ୍ରତିନିଧିତ୍ୱ ସୁଯୋଗ ଦେବା କେତେଦୂର ସମୀଚୀନ ତାହା ମଧ୍ୟ ବିଚାର୍ଯ୍ୟ। ଯଦି ଆଶଙ୍କା ଅନୁରୂପ ସୀମା ପୁନଃନିର୍ଦ୍ଧାରଣ ବେଳେ ଜନସଂଖ୍ୟାର ଘନତ୍ୱ ଗୁରୁତ୍ୱ ଲାଭ କରିବ ତେବେ ସରକାର ଗଠନରେ ସଂଖ୍ୟା ରାଜନୀତି ପୁଣି ପ୍ରଭାବ ବିସ୍ତାର କରିବ। ଏହି ବିବଦମାନ ପ୍ରସଙ୍ଗକୁ ଯଥାସମ୍ଭବ ଦୂରେଇ ରଖିବା ପାଇଁ ୧୯୭୧ ମସିହାରୁ ଲୋକସଭା ଆସନ ସଂଖ୍ୟା ଅପରିବର୍ତ୍ତିତ ରଖିବାକୁ ଅତୀତର ସରକାରମାନେ ବାଧ୍ୟ ହୋଇଛନ୍ତି। ଆଗାମୀ ଜନଗଣନା ପରେ କେନ୍ଦ୍ର ସରକାରଙ୍କ ଆଗରେ ଏହିସବୁ ଆହ୍ୱାନ ସୃଷ୍ଟି ହେବ।

ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ଜନଗଣନା ପାଇଁ କେନ୍ଦ୍ରୀୟ ବଜେଟ୍‌ରେ ୩, ୭୬୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବାସଗୃହ ଗଣତି ଓ ଦ୍ୱିତୀୟ ପର୍ଯ୍ୟାୟରେ ଲୋକସଂଖ୍ୟା ଗଣତି କରାଯିବ। ଏଥିରେ ପରିବାର ଓ ବ୍ୟକ୍ତିଗତ ସମ୍ପତ୍ତି, ଆୟ, ଆୟର ଉତ୍ସ, ଜାତି, ଉପଜାତି ଏବଂ ସାମାଜିକ ଓ ସାଂସ୍କୃତିକ ଦିଗ ସମ୍ପର୍କରେ ତଥ୍ୟ ରହିବ। ଜନଗଣନା ପରିଚାଳନା ସକାଶେ ୩୪ ଲକ୍ଷ ତଥ୍ୟ ସଂଗ୍ରାହକ ଓ ତଦାରଖକାରୀଙ୍କୁ ନିଯୁକ୍ତି ଦିଆଯିବ ଏବଂ ୧.୩ ଲକ୍ଷ ଜନଗଣନା ଅଧିକାରୀ ସମ୍ପୃକ୍ତ ରହିବେ। ଆମ ଦେଶରେ ସ୍ୱାଧୀନତା ପୂର୍ବରୁ ୧୮୮୧ ରୁ ଜନଗଣନା କରାଯାଉଛି। ସେହି ଆଧାରରେ ସମ୍ପ୍ରତି ଜନଗଣନା ବିଜ୍ଞପ୍ତି ଷୋଡ଼ଶ ହୋଇଥିଲେ ମଧ୍ୟ ସ୍ୱାଧୀନତା ପରେ ଆମ ସରକାରଙ୍କ ଦ୍ୱାରା ପରିଚାଳିତ ଏହା ଅଷ୍ଟମ ସଂସ୍କରଣ। ●

## ଓଡ଼ିଶାର ଅସ୍ମିତା ଓ ବିକାଶର ସ୍ୱପ୍ନ କେତେ ବାସ୍ତବ?

ରାମ ନାରାୟଣ ମିଶ୍ର

ଦୀର୍ଘ ଚବିଶବର୍ଷର ବିଜେଡି ସରକାର ପରେ ଏବେ ବିଜେପି ସରକାର ରାଜ୍ୟ ଶାସନ ଡଙ୍ଗାର ମଙ୍ଗୁଆଳ ସାଜିଛନ୍ତି। ନିର୍ବାଚନ ବେଳେ ଓଡ଼ିଶାର ଅସ୍ମିତାକୁ ନେଇ ରାଜନୈତିକ ଦଳମାନଙ୍କ ଭିତରେ ବାଦାନୁବାଦ ଚାଲିଥିଲା ବେଳେ ଏହାକୁ ଆୟୁଧ କରି ସେମାନେ ନିର୍ବାଚନ ରଣକ୍ଷେତ୍ରକୁ ଓହ୍ଲାଇଥିଲେ। ରାଜ୍ୟର ସାଢ଼େଚାରିକୋଟି ଲୋକଙ୍କୁ ରାଜ୍ୟର ଅସ୍ମିତା ଓ ସ୍ୱାଭିମାନ ରକ୍ଷା ସହିତ ସାମୂହିକ ବିକାଶ ନିମନ୍ତେ ଡବଲ ଇଞ୍ଜିନ୍ ସରକାର ଅନେକ ପ୍ରତିଶ୍ରୁତି ଦେଇଛନ୍ତି। ଶାସନଭାର ହାତକୁ ନେବା ମାତ୍ରେ ଓଡ଼ିଶାର ଇଷ୍ଟ ପ୍ରଭୁ ଜଗନ୍ନାଥଙ୍କୁ ନିର୍ବିଘ୍ନରେ ଦର୍ଶନ ପାଇଁ ଶ୍ରୀମନ୍ଦିରର ଚାରିଦୁଆର ଖୋଲିଦେଲେ। ରତ୍ନଭଣ୍ଡାର ଖୋଲିଦେବା ସହ ଏହାର ମରାମତି କାମକୁ ହାତକୁ ନେଲେ। କିନ୍ତୁ ସେ କାମ ଏବେ ବି ଅଧୁରା, ଭକ୍ତଙ୍କୁ ସୁବିଧାରେ ଦର୍ଶନ ମିଳିବାରେ ଅନେକ ବାଧା।

ସାଧାରଣଲୋକଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖୋଲିଲା ଏବଂ ହଜାର ହଜାର ସଂଖ୍ୟାରେ ଅଭିଯୋଗପତ୍ର ନିଜେ ମୁଖ୍ୟମନ୍ତ୍ରୀ ଲୋକଙ୍କ ହାତରୁ ଗ୍ରହଣ କଲେ। ସେଗୁଡ଼ିକ ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଗଲା, ତା' ଜାଣିବା ତ ସମ୍ଭବ ନୁହେଁ। ଏବେ ପ୍ରାୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ତାଙ୍କର ବିଭିନ୍ନ କାର୍ଯ୍ୟବ୍ୟସ୍ତତା ଯୋଗୁଁ ବନ୍ଦ ରହୁଛି। ଏହି କାମଟି ଅବିରତ ଚାଲୁ ରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ଦୁଇ ଉପମୁଖ୍ୟମନ୍ତ୍ରୀ ଅବା ଅନ୍ୟ ଜଣେ ଭାରପ୍ରାପ୍ତ ମନ୍ତ୍ରୀ କ'ଣ ଦାୟିତ୍ୱ ନେଇ ପାରି ନ ଥା'ନ୍ତେ? ଋଣ କରି ଘିଅ ଖାଇବାରେ ଏବର ସରକାର ଏତେ ତତ୍ପର ଯେ ରାଜ୍ୟର ବିକାଶ ନାମରେ ଏପରି ଖର୍ଚ୍ଚମାନ କରୁଛନ୍ତି, ଯ'ଦ୍ୱାରା ମୁଣ୍ଡପିଛା ଋଣଭାର ବଢ଼ି ଚାଲିଛି। ଆମ୍ପ୍ରଚାର ନିମନ୍ତେ ପ୍ରତିଦିନ ଅଯଥାରେ କୋଟି କୋଟି ଟଙ୍କାର ବିଜ୍ଞାପନ ଜନିତ ବ୍ୟୟ କରାଯାଉଛି। ଅନାବଶ୍ୟକ ଆଭ୍ୟନ୍ତରୀଣ ଗସ୍ତ ଖର୍ଚ୍ଚ କମୁନାହିଁ। ଯେଉଁକାମ ସ୍ଥାନୀୟ ସରକାରୀ କର୍ମଚାରୀ ବା ଲୋକପ୍ରତିନିଧି ଅନାୟାସରେ କରିପାରନ୍ତେ, ତା'କୁ ରାଜଧାନୀରୁ ମନ୍ତ୍ରୀ, ଅଧିକାରୀମାନେ ଯାଇ ଶିଳାନ୍ୟାସ ବା ଉଦ୍ଘାଟନ କରି ବାହାବା ନେଉଛନ୍ତି।

ଏବେ ବିଜେପି ସରକାର ବିଗତ ସରକାର ଅମଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ନାମ ଓ ରଙ୍ଗ ବଦଳେଇବା ଆରମ୍ଭ କରିଛନ୍ତି। ଏଥିରେ କେବଳ ଦଳୀୟ ସ୍ୱାର୍ଥ ଛଡ଼ା ସାଧାରଣ ଲୋକଙ୍କର କିଛି ଲାଭ ହେଲା କି? ବିଜେପି ସରକାର ଏବେ ନୂଆ ନୂଆ ଯୋଜନା ଓ ପ୍ରତିଶ୍ରୁତି ଗଣମାଧ୍ୟମରେ ଉପସ୍ଥାପନ କରିବା ସହିତ ୨୦୩୬ ବେଳକୁ ନୂଆ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖାଇବା ଆରମ୍ଭ କଲେଣି। ଭଲ କଥା, କିନ୍ତୁ ସେ ସବୁକୁ ଏବେଠାରୁ ନେଇ ଆଣି ଥୋଇ ପାରିବାର ବ୍ୟବସ୍ଥା ନ କଲେ ସେଇ ନଥିପତ୍ର ଭିତରେ ରହି ଉଇ ଚରିଯିବ, ଯାହା ଆଗରୁ ଅନେକବାର ହୋଇଛି। କଥାରେ ଅଛି, କାଲି କାମ ଆଜି କର ଆଉ ଆଜି କାମ ଏବେ କର। ଓଡ଼ିଶାର ଯେଉଁ ବରପୁତ୍ରମାନେ ଓଡ଼ିଶାର ଅସ୍ମିତା ଓ ସ୍ୱାଭିମାନ ପାଇଁ ନିଜକୁ ଉତ୍ସର୍ଗକରି ଦେଶର ସ୍ୱାଧୀନତା ଆଣିବା ସହିତ ଆମକୁ ଭାଷାଭିତ୍ତିକ ରାଜ୍ୟଟିଏ ଦେଇଗଲେ, ସେମାନଙ୍କ ଭିତରୁ ଜଣେ ବି ଏ ଯାଏଁ 'ଭାରତରତ୍ନ' ସମ୍ମାନରେ ସମ୍ମାନିତ ହୋଇପାରିଲେ ନାହିଁ। ଏଥିରେ ଆମ ରାଜ୍ୟର ଅସ୍ମିତା କ୍ଷୁଣ୍ଣ ହେଉନି କି? ଏହାଠାରୁ ଦୁଃଖର କଥା ଆଉ କ'ଣ ହୋଇପାରେ?

ଓଡ଼ିଶାର ଯୋଗ୍ୟ ସନ୍ତାନ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଅନେକ ପଦକ୍ଷେପ ନେଇ ଓଡ଼ିଶାରେ ଶିଳ୍ପ ବିପ୍ଳବର ମୂଳଦୁଆ ସ୍ଥାପନ କରିଥିଲେ। ଉତ୍କଳଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁଙ୍କର ସେ ପ୍ରକୃତ ଦାୟାଦ ଥିଲେ ବୋଲି ଆମେ କହିବାରେ କିଛି ଭୁଲ୍ ହେବନି। ସେତେବେଳର ଓଡ଼ିଶାରେ ଶିଳ୍ପ ବିକାଶ ଉତ୍ତୁଙ୍ଗ ଶିଖରକୁ ଛୁଇଁ ପାରିଥିଲା। ପାରାଦୀପ ବନ୍ଦର, ରାଉରକେଲା ଇସ୍ପାତ ଓ ସାର କାରଖାନା, ହୀରାକୁଦ ଡ୍ୟାମ, ବଡ଼ମ୍ବା ଓ ବରଗଡ଼ ଚିନି କାରଖାନା, ଓଡ଼ିଶା ଟେକ୍ସଟାଇଲ ମିଲ୍, କୋଣାର୍କ ଟେଲିଭିଜନକୁ କେହି ଭୁଲିପାରିବେ କି? ସରକାର ବଦଳିଗଲା ବୋଲି ତାଙ୍କ ଅବଦାନକୁ ଭୁଲିଯିବା ଅପରାଧରେ ଗଣାହେବ। ଓଡ଼ିଶା ପ୍ରଶାସନକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ସେ ୧୩ଟି ଜିଲ୍ଲାରୁ ୩୦ଟି ଜିଲ୍ଲା ଗଠନ କରିଥିଲେ। ତାଙ୍କର ସେଇ ମହତ୍ ଉଦ୍ଦେଶ୍ୟ ଏବେ ପୂରଣ ହୋଇ ପାରୁଥିଲା ପରି ମନେ ହେଉନାହିଁ।

ଜିଲ୍ଲାମାନଙ୍କରେ ନିୟୋଜିତ ହଜାର ହଜାର ସରକାରୀ କର୍ମଚାରୀଙ୍କ ବେତନ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲା ବେଳେ ଅଧ୍ୟୁଷିତ ଅଞ୍ଚଳରେ ବାସ କରୁଥିବା ସାଧାରଣ ଲୋକମାନଙ୍କର ସେମାନେ ଆସ୍ଥାଭାଜନ ହୋଇପାରୁ ନାହାନ୍ତି। କାରଣ ସେମାନଙ୍କ ସୁଖ ସୁବିଧା ଦେଖିବା ବଦଳରେ ଅନେକ ନିଜର ସୁଖ ସୁବିଧାକୁ ଅଧିକ ଶ୍ରେୟ ମନେ କରୁଛନ୍ତ। ପୋଲଭରମ୍ ନିମନ୍ତେ ଆମ ରାଜ୍ୟର ଅପୂରଣୀୟ କ୍ଷତି ହେବାକୁ ବସିଛି। ଛତିଶଗଡ଼ ଆମ ରାଜ୍ୟର ଜୀବନଧାରା ମହାନଦୀରେ ଏକାଧିକ ବ୍ୟାରେଜ୍ ନିର୍ମାଣ କରିବା ଫଳରେ ମହାନଦୀ ଓ ତା' ଶାଖାନଦୀର ଶଯ୍ୟାମାନ ବର୍ଷସାରା ଶୁଖିଲା ପଡୁଛି। ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଆମର ମାତୃଭାଷା ଓଡ଼ିଆକୁ ଏବେ ବି ଓଡ଼ିଶାର ବିଚ୍ଛିନ୍ନାଞ୍ଚଳରେ ବାସ କରୁଥିବା ଓଡ଼ିଆ ଭାଇଭଉଣୀ ମାନେ ଶିକ୍ଷା କରିବାର ମୌଳିକ ଅଧିକାରରୁ ବଞ୍ଚିତ।

ପ୍ରତିଦିନ ଖବରକାଗଜମାନଙ୍କରେ ପ୍ରକାଶ ପାଉଥିବା ବିଭିନ୍ନ ଅଞ୍ଚଳର ସମସ୍ୟାବହୁଳ ଅନେକ ବାସ୍ତବ ବିକଳ ଚିତ୍ରମାନ ଶାସନକଳର ଦୃଷ୍ଟିକୁ ଆସୁଥିଲା ପରି ମନେ ହେଉନାହିଁ। ରୋଗୀ ବଣଜଙ୍ଗଲର ଦୁର୍ଗମ ରାସ୍ତାରେ ଖଟିଆ-ଭାରରେ ଡାକ୍ତରଖାନାକୁ ଆସିବା, ପିଇବାପାଣି ପାଇଁ କେତେ କିଲୋମିଟର ବାଟ ଚାଲି ଚାଲି ଯିବା, ଅନାହାରରେ ଆମ୍ବଟାକୁଆ ଜାଉ ଖାଇବା, ଛାତ୍ରଛାତ୍ରୀମାନେ ବିପଦସଙ୍କୁଳ ଭରାନଦୀରେ ପଶି ପାରିହେବା, ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ଫର୍ମାସିଷ୍ଟ ନଥିବା ଯୋଗୁଁ ରୋଗୀ ହନ୍ତସନ୍ତ ହେବା, ସୁଲଭ ଦରରେ ବିହନ, ସାର ଓ ଅନ୍ୟାନ୍ୟ କୃଷି ସାମଗ୍ରୀ ପାଇବା ପାଇଁ ଚାଷୀଭାଇ ଅସୁବିଧାରେ ପଡ଼ିବା - ଏମିତି ଅଗଣିତ ସମସ୍ୟାର ଜାଲରେ ପଡ଼ି ଛଟପଟ ହେଉଥିବା ଲୋକଙ୍କ ପାଇଁ ସରକାରଙ୍କ ଭୂମିକା କ'ଣ କିଛି ନାହିଁ?

ଏବେ ରାଜ୍ୟରେ ଦାଦନ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। କାମ ନପାଇ ଲୋକେ ବାହାରକୁ ଯାଇ ଯାହା ତ ରୋଜଗାର କରୁଛନ୍ତି, ତହିଁରେ ଅତ୍ୟାଚାରିତ ଓ ମୃତ୍ୟୁର ଶିକାର ହେଉଛନ୍ତି। ଚାଷୀ ଭାଇଙ୍କ ଦୁଃଖ କେବେ ଲାଘବ ହେବ ସେ କଥା ସରକାରଙ୍କୁ ଜଣା। ଅଭାବୀ ବିକ୍ରୀ ସହିତ ଫସଲ ସାଇତି ରଖିବାର ଘୋର ଅସୁବିଧା ପାଇଁ ସେମାନେ କି ହଇରାଣ ହରକତ ହେଉଛନ୍ତି ସେ କଥା ସମସ୍ତେ ଜାଣୁଥିଲେ ବି ପ୍ରତିକାର ବ୍ୟବସ୍ଥା ହୋଇ ପାରୁନାହିଁ। ଶୀତଳ ଭଣ୍ଡାର ନିର୍ମାଣ ଘୋଷଣା ପରେ ପୂରାପୁରି ଶିଥିଳ ପଡ଼ିଯାଇଛି।

ଏଣୁ ହେ ସରକାର! ୨୦୩୬ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖନ୍ତୁ, ମନା ନାହିଁ। କିନ୍ତୁ ବର୍ତ୍ତମାନ ସରକାରର ଅବଧି ଆଉ ଚାରିବର୍ଷ ଆଖିର ପଲକରେ ଚାଲିଯିବ। ତେବେ ସେଇ ସ୍ୱପ୍ନରୁ କିଛିଟା ସାକାର କରିବାକୁ ଚେଷ୍ଟାକରିବା ନିମନ୍ତେ ଏବେଠାରୁ ମନ୍ତ୍ରୀ, ନେତା ଓ ରାଜ୍ୟସ୍ତରୀୟ ପଦାଧିକାରୀମାନେ ପ୍ରତି ମାସରେ ଅନ୍ତତଃ ଗୋଟିଏ ଜିଲ୍ଲାରେ ସାତଦିନ ରହଣି କରି ସେ ଜିଲ୍ଲାର କୋଣ ଅନୁକୋଣର ସୁବିଧା ଅସୁବିଧାକୁ ହୃଦୟଙ୍ଗମ କରନ୍ତୁ। ସମୀକ୍ଷା କରନ୍ତୁ ଏବଂ ସେ ସବୁର ଆଶୁ ସମାଧାନ ପାଇଁ ଚେଷ୍ଟା କରନ୍ତୁ। ଏ ପ୍ରକ୍ରିୟା ସେତେଦିନ ଯାଏଁ ଚାଲୁ ରହୁ, ଯେତେବେଳେ ପର୍ଯ୍ୟନ୍ତ ରାଜ୍ୟର ସାଧାରଣ ଲୋକଟିର ମୁହଁରେ ସନ୍ତୋଷର ଆଭା ଫୁଟି ଉଠି ନଥିବ। ●

ଭୁବନେଶ୍ୱର, ମୋ: ୭୯୭୮୪୬୬୪୧୫

## ଚିକିତ୍ସା ବିଜ୍ଞାନ ବନାମ ଆଧ୍ୟାତ୍ମିକତା

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଅସୁସ୍ଥ ବ୍ୟକ୍ତି ଡାକ୍ତରଙ୍କ ନିକଟକୁ ଯାଇଥା'ନ୍ତି ନିଜର ରୋଗ ଉପଶମ ପାଇଁ। ରୋଗ ନିର୍ଣ୍ଣୟ ପାଇଁ ଡାକ୍ତର ରୋଗୀକୁ ନାନା ପ୍ରଶ୍ନ ପଚାରିଥା'ନ୍ତି ରୋଗ ସଂପର୍କରେ। କିନ୍ତୁ ସେ କ'ଣ ଜାଣିବାକୁ ଚାହିଁଥା'ନ୍ତି ଯେ ରୋଗୀ ଆସ୍ତିକ କି ନାସ୍ତିକ? ମନ୍ଦିର କି ମସ୍‌ଜିଦ୍ କିମ୍ବା ଚର୍ଚ୍ଚ ଯା'ନ୍ତି କି ନା? ଯୋଗ ଦିଅନ୍ତି କି ନା ପ୍ରାର୍ଥନା ସଭାରେ? ଯୋଗ, ଧ୍ୟାନ ଇତ୍ୟାଦି କରିବାର ଅଭ୍ୟାସ ଅଛି କି ନାହିଁ? ରୋଗୀକୁ ଏହି ପ୍ରକାରର ପ୍ରଶ୍ନ ପଚାରିବା ବିତର୍କିତ। କାରଣ ଧର୍ମାଚରଣ କିମ୍ବା ବିଶ୍ୱାସ-ଅବିଶ୍ୱାସ ରୋଗୀର ବ୍ୟକ୍ତିଗତ ବ୍ୟାପାର। ସେ ବିଷୟରେ ପ୍ରଶ୍ନ ପଚାରିବା କ'ଣ ରୋଗୀର ବ୍ୟକ୍ତିଗତ ସ୍ୱାଧୀନତା ଉପରେ ହସ୍ତକ୍ଷେପ ନୁହେଁ? ତା'ଛଡ଼ା ରୋଗୀକୁ ସେସବୁ ପ୍ରଶ୍ନ ପଚାରିବା କ'ଣ ଚିକିତ୍ସା ଶାସ୍ତ୍ର ଅନୁମୋଦିତ? ଯେଉଁ ଚିକିତ୍ସାବିଦ୍ୟା ବିଜ୍ଞାନ ଭାବରେ ଗଣ୍ୟ, ତାହା ଧର୍ମକୁ କାହିଁକି ଆମନ୍ତ୍ରଣ ଜଣେଇବ?

ମଣିଷର ସ୍ୱାସ୍ଥ୍ୟ ଉପରେ କିନ୍ତୁ ଧର୍ମର ପ୍ରଭାବ ନାନା ଭାବରେ ରହିଛି ବୋଲି କହିଛନ୍ତି ପେନ୍‌ସିଲ୍‌ଭାନିଆ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ତଥା ସ୍ନାୟୁ ବିଜ୍ଞାନୀ ଆନ୍ଦ୍ରୁ ନିଉବର୍ଗ। ସହକର୍ମୀ ସ୍ନାୟୁ ବିଜ୍ଞାନୀ କାର୍ମ ରବର୍ଟ ଓ୍ୱାଲ୍ଡମ୍ୟାନ୍‌ଙ୍କ ସଙ୍ଗେ ମିଳିତ ଭାବେ ନିଉବର୍ଗ ଲେଖିଛନ୍ତି ସାଢ଼େ ତିନିଶହ ପୃଷ୍ଠାର ଖଣ୍ଡେ ବହି। ବହିଟିର ନାଁ 'ହାଓ ଗଡ୍ ଚେଞ୍ଜେସ୍ ଇୟୋର୍ ବ୍ରେନ୍: ବ୍ରେକ୍ ଥ୍ରୁ ଫାଇଣ୍ଡିଙ୍ଗସ୍ ଫ୍ରମ୍ ଏ ଲିଡିଂ ନିଉରୋସାଇଣ୍ଟିଷ୍ଟ।' ଉଦ୍ଦେଶ୍ୟ ପ୍ରାର୍ଥନା କିମ୍ବା ଧ୍ୟାନ ଭଳି ଧର୍ମାଚରଣର ସହିତ ସୁସ୍ୱାସ୍ଥ୍ୟର ସମ୍ପର୍କ ନିର୍ଣ୍ଣୟ। ଧର୍ମ ବିଶ୍ୱାସ ସଙ୍ଗେ ସ୍ୱାସ୍ଥ୍ୟର ସମ୍ପର୍କ ବିଷୟରେ ଆହୁରି ଖଣ୍ଡେ ବହି 'ମେଡିସିନ, ରିଲିଜିୟନ ଆଣ୍ଡ ହେଲ୍‌ଥ' ଶୀର୍ଷକରେ ପ୍ରକାଶିତ ହୋଇଛି। ଡିଉକ୍ ବିଶ୍ୱବିଦ୍ୟାଳୟର 'ସେଣ୍ଟର ଫର ସ୍ପିରିଚୁଆଲିଟି, ଥିୟୋଲୋଜି ଆଣ୍ଡ ହେଲ୍‌ଥ' କେନ୍ଦ୍ରର ନିର୍ଦ୍ଦେଶକ ହ୍ୟାରଲ୍ଡ କୋନିଗ୍ ଏହି ପୁସ୍ତକର ରଚୟିତା। ବ୍ୟାଧି ଉପଶମରେ ଔଷଧ ସହିତ ଆଧ୍ୟାତ୍ମିଚିନ୍ତନର ଉପଯୋଗ କିପରି ଭାବରେ କରିବେ ଚିକିତ୍ସକମାନେ ସେହି ବିଷୟରେ ସେ ପୁସ୍ତକଟିରେ ପରାମର୍ଶ ଦେଇଛନ୍ତି। 'ହାଓ ଗଡ୍ ଚେଞ୍ଜେସ୍ ଇୟୋର ବ୍ରେନ୍' ବହିଟିରେ ନିଉବର୍ଗ ଓ ଓ୍ୱାଲ୍ଡମ୍ୟାନ୍ ଜଣେଇଛନ୍ତି ସେମାନଙ୍କର ଏକାଧିକ ପରୀକ୍ଷା ଏବଂ ସମୀକ୍ଷାର କଥା। ସେମାନଙ୍କ ନିକଟକୁ ଚିକିତ୍ସା ପାଇଁ ଆସିଥିବା ଶତାଧିକ ରୋଗୀଙ୍କ ଉପରେ ବିଶେଷ ପରୀକ୍ଷା ନିରୀକ୍ଷା କରି ସେମାନେ ଜାଣିପାରିଛନ୍ତି ଯେ ଧ୍ୟାନ, ପ୍ରାର୍ଥନା ଓ ଭଜନ କରୁଥିବା ବେଳେ ମଣିଷ ମସ୍ତିଷ୍କର ଫ୍ରଣ୍ଟାଲ୍ ଲୋବ ଅଂଶଟି ପ୍ରଥମେ ଜଡ଼ିତ ହୋଇପଡ଼େ। ଗଭୀର ଭାବରେ ମଗ୍ନ ରହିଥିବା ଅବସ୍ଥାରେ କ୍ରିୟାଶୀଳ ହୋଇଥାଏ ମସ୍ତିଷ୍କର ପାରିଏଟାଲ୍ ଲୋବ୍ ନାମକ ଅଂଶଟି। ଯେଉଁମାନେ ୧୦-୧୫ ବର୍ଷ ଧରି ଲଗାତାର ଧ୍ୟାନ, ପ୍ରାର୍ଥନା ଇତ୍ୟାଦିରେ ରତ ରହିଥିଲେ ସେମାନଙ୍କ ମସ୍ତିଷ୍କର ଫ୍ରଣ୍ଟାଲ୍ ଲୋବ୍ ତୁଳନାତ୍ମକ ଭାବେ ସ୍ଫୀତ ହୋଇଯାଇଥିଲା। ପୁଣି ଆଧ୍ୟାତ୍ମବାଦୀଙ୍କ ମସ୍ତିଷ୍କର ଥାଲାମସ୍ ଅଂଶଟି ବି ଭିନ୍ନ ଥିବା ସେମାନେ ଗବେଷଣାରୁ ଜାଣିପାରିଲେ।

ସାଧନା-ଭଜନକୁ କେତେ କାଳ ଧରି କଲେ ମସ୍ତିଷ୍କରେ ଏସବୁ ପରିବର୍ତ୍ତନ ଘଟେ? ଏହି ପ୍ରଶ୍ନର ଉତ୍ତରରେ 'ହାଓ ଗଡ୍ ଚେଞ୍ଜେସ ଇୟୋରବ୍ରେନ' ବହିଟିରେ ଜଣେ ରୋଗୀଙ୍କ କଥା ଉଲ୍ଲେଖ କରିଛନ୍ତି ନିଉବର୍ଗ ଓ ଓ୍ୱାଲ୍ଡମ୍ୟାନ୍। ଏକଦା ପେସାରେ ମେକାନିକ୍ ଥିବା ଗାସ ନାମଧାରୀ ରୋଗୀଟିଏ ଆସିଲେ। ଚେହେରା ସୁଠାମ, ଧର୍ମକର୍ମ ଠାରୁ ଶହେ ହାତ ଦୂରରେ। ମଧ୍ୟବୟସୀ ଗାସ କହିଲେ ତାଙ୍କର କିଛି ମନେ ରହୁନି। କିଛି ମନେ ପକେଇ ପାରୁନାହାନ୍ତି। ସବୁକିଛି ଶୁଣି ସାରିବା ପରେ ନିଉବର୍ଗ ଯେଉଁ ପ୍ରେସକିପସନ୍ ଦେଲେ ତାହା ବିଚିତ୍ର - 'ନିୟମ କରି ପ୍ରତିଦିନ କୀର୍ତ୍ତନ ଗାନ; ତା'ପୁଣି ହିନ୍ଦୁମାନଙ୍କର ଧର୍ମ ସଙ୍ଗୀତ।' ଦୁଇମାସ ଧରି ନିରନ୍ତର ଭଜନ, କୀର୍ତ୍ତନ କରିବା ପରେ ଗାସ୍ ପୁଣି ଆସିଲେ ନିଉବର୍ଗ ଓ ଓ୍ୱାଲ୍ଡମ୍ୟାନଙ୍କ ଚିକିତ୍ସା କେନ୍ଦ୍ରକୁ। ଏଥର ପରୀକ୍ଷାରୁ ଜଣାଗଲା ଯେ ଗାସ୍‌ଙ୍କ ସ୍ମୃତିଶକ୍ତି ୫୦ ପ୍ରତିଶତ ବଢ଼ିଛି। ଏଥିରେ ଖୋଦ୍ ନିଉବର୍ଗ ଓ ଓ୍ୱାଲ୍ଡମ୍ୟାନ୍ ମଧ୍ୟ ଆଶ୍ଚର୍ଯ୍ୟ ହେଲେ।

ପ୍ରାର୍ଥନା ବା ଧ୍ୟାନ କଲେ କେବଳ ନିଜର ନୁହେଁ, ଅନ୍ୟର ସ୍ୱାସ୍ଥ୍ୟରେ ବି ଉନ୍ନତି ଘଟେ। ଏହି ବିଷୟରେ ଦୁଇଟି ଅନୁଧ୍ୟାନ ଆଲୋଚିତ। ପ୍ରଥମଟି ୧୯୯୮ ମସିହାର। ସାନଫ୍ରାନସିସ୍କୋ ଜେନେରାଲ ହସ୍ପିଟାଲର କାର୍ଡିଓଲୋଜିଷ୍ଟ ର୍‌ୟାନ୍ ଡଲ୍ ବାୟାର୍ଡ ଦାବି କରିଥିଲେ ଯେ ହସପିଟାଲ୍‌ରେ ଭର୍ତ୍ତି ଯେଉଁସବୁ ରୋଗୀଙ୍କ ପାଇଁ ସେମାନଙ୍କ ପରିବାର ସଦସ୍ୟ ଏବଂ ଅନ୍ୟମାନେ ଆରୋଗ୍ୟ କାମନା କରି ପ୍ରାର୍ଥନା କରିଥିଲେ, ସେହିସବୁ ରୋଗୀ ତୁଳନାତ୍ମକ ଭାବେ ଖୁବ୍ ଶୀଘ୍ର ଆରୋଗ୍ୟ ଲାଭ କରିଥିଲେ। ଅପରପକ୍ଷରେ ୨୦୦୫ ମସିହାରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଗବେଷକ ହର୍ବର୍ଟ୍ ବେନ୍‌ସନ୍ ପ୍ରାର୍ଥନାର ଏପରି ଅଲୌକିକତାକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ ଅନ୍ୟର ପ୍ରାର୍ଥନା ସେବା ପାଇବା ସତ୍ତ୍ୱେ ୫୨ ପ୍ରତିଶତ ବାଇପାସ୍ ଅସ୍ତ୍ରୋପଚାର କରାଯାଇଥିବା ରୋଗୀଙ୍କ କ୍ଷେତ୍ରରେ ଜଟିଳତା ବଢୁଥିବା ବେଳେ କେହି ପ୍ରାର୍ଥନା କରି ନଥିବା ୫୧ ପ୍ରତିଶତ ରୋଗୀଙ୍କ କ୍ଷେତ୍ରରେ ଜଟିଳତା ବଢୁଛି।

ଏବେ ପ୍ରଶ୍ନ ଉଠେ, ଧର୍ମାଚରଣ ସହିତ ସୁସ୍ୱାସ୍ଥ୍ୟର ସଂଯୋଗ କ'ଣ ପ୍ଲେସିବୋ ବା ମାନସିକ ସନ୍ତୁଷ୍ଟି ପାଇଁ ପ୍ରଦତ୍ତ ନିର୍ଗୁଣ ଔଷଧର ପ୍ରଭାବ ସଦୃଶ? ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ଗବେଷକ ରବର୍ଟ୍ ହାମର ତାଙ୍କର ୧୫ ବର୍ଷ ବ୍ୟାପୀ ଅନୁଧ୍ୟାନ ପରେ ଜଣେଇଥିଲେ ଯେଉଁମାନେ ଚର୍ଚ୍ଚ ଯାଆନ୍ତି, ସେମାନଙ୍କର ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ମୃତ୍ୟୁବରଣ କରିବାର ଆଶଙ୍କା, ଚର୍ଚ୍ଚ ଯାଉନଥିବା ବ୍ୟକ୍ତିମାନଙ୍କ ତୁଳନାରେ କମ୍। ପିଟସବର୍ଗ ମେଡିକାଲ ସେଣ୍ଟରର ସର୍ଜନ ଡ୍ୟାନିୟେଲ ହଲ ଲକ୍ଷ୍ୟ କରିଥିଲେ, ଚର୍ଚ୍ଚଗାମୀ ବ୍ୟକ୍ତିଙ୍କ ଆୟୁଷ ଅଧାର୍ମିକଙ୍କ ତୁଳନାରେ ଦୁଇ/ତିନିବର୍ଷ ବେଶୀ।

ସ୍ୱାସ୍ଥ୍ୟଜନିତ ଉପକାରର ଏପରି ସବୁ ନିଦର୍ଶନ ଆଧାରରେ ଧର୍ମାଚରଣକୁ କ'ଣ ଚିକିତ୍ସାର ଉପକରଣ ଭାବରେ ଗଣ୍ୟ କରାଯିବ? କଲମ୍ବିଆ ୟୁନିଭରସିଟି ମେଡିକାଲ୍ ସେଣ୍ଟରର ମନୋଚିକିତ୍ସାର ଅଧ୍ୟାପକ ରିଚାର୍ଡ ସ୍ଲୋୟାନ୍‌ଙ୍କ ମତରେ ପ୍ଲେସିବୋ ପ୍ରଭାବ ବିଷୟରେ ଗବେଷକମାନେ ଆହୁରି ତନ୍ନ ତନ୍ନ କରି ପରୀକ୍ଷା କରି ଦେଖିବା ଉଚିତ। ଚର୍ଚ୍ଚର ଶାନ୍ତ ପରିବେଶ, ଧର୍ମ ବିଶ୍ୱାସର ଜୀବନଚର୍ଯ୍ୟା ଇତ୍ୟାଦି ମଣିଷ ଶରୀରରେ ଯେଉଁସବୁ ପ୍ରଭାବ ପକାଏ ସେସବୁକୁ ମଧ୍ୟ ବିଚାର କରିବା ଉଚିତ। ଏ ସବୁ ନ କଲେ ଅଯଥାରେ ଅଲୌକିକତା ଉପରେ ଆସ୍ଥା ଜାତ ହୁଏ। ଚିକିତ୍ସାରେ ଧର୍ମର ପ୍ରଭାବ ବିଷୟକୁ ଆହ୍ୱାନ କରି 'ବ୍ଲାଇଣ୍ଡ ଫେଥ୍: ଦ ଅନହୋଲି ଆଲାୟେନ୍ସ ଅଫ୍ ରିଲିଜିୟନ୍ ଆଣ୍ଡ ମେଡିସିନ୍(ଅନ୍ଧବିଶ୍ୱାସ, ଧର୍ମ ଓ ଚିକିତ୍ସାବିଜ୍ଞାନ ମଧ୍ୟରେ ଏକ ଅପବିତ୍ର ମୈତ୍ରୀ)' ନାମରେ ଏକ ପୁସ୍ତକ ପ୍ରଣୟନ କରିଛନ୍ତି ସ୍ଲୋୟାନ୍। ସେ ମନେ କରନ୍ତି, ଚିକିସା ବିଜ୍ଞାନ ସଙ୍ଗେ ଧର୍ମର କୋଳାକୋଳି ରୀତିମତ ଅଶୁଭ। ତାଙ୍କର ମନ୍ତବ୍ୟ ହେଉଛି ବିଜ୍ଞାନ ଅଲୌକିକ ବ୍ୟାଖ୍ୟାରେ ମୁଣ୍ଡ ପୂରେଇ ନ ଥାଏ। ମାତ୍ର ବିତର୍କ ଚିକିତ୍ସା ସୂତ୍ରରୁ ଉତ୍ଥାପିତ ହୋଇଥିଲେ ମଧ୍ୟ ଦ୍ୱନ୍ଦ୍ୱଟା କିନ୍ତୁ ବାସ୍ତବରେ ବିଜ୍ଞାନ ସହିତ ଧର୍ମର। ●

କଟକ, ମୋ: ୯୪୩୭୭୬୬୧୧୭

## ସମାଜ ସଂସ୍କାରର ତେଜସ୍କ୍ରିୟ କିରଣ: ମୋହିନୀ ମୋହନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ସମାଜ ସଂସ୍କାରକ ସାହିତ୍ୟ ସାଧକ ଭାବରେ ବ୍ୟାସକବି ଫକୀର ମୋହନଙ୍କୁ କିଏ ବା ନ ଜାଣେ? ଅଥଚ ତାଙ୍କ ପୁତ୍ର ମୋହିନୀ ମୋହନଙ୍କ ପ୍ରସଙ୍ଗ ଉତ୍‌ଥାପିତ ହେବା ମାତ୍ରକେ ଉଭୟଙ୍କ ଜୀବନ ଓ ଚିନ୍ତନ ମଧ୍ୟରେ ଏକ ତାରତମ୍ୟ ଦୃଷ୍ଟିଗୋଚର ହୁଏ। କିନ୍ତୁ ସେହି ତାରତମ୍ୟ ମଧ୍ୟରେ ଯେ ଥାଇପାରେ ଏକ ଅନ୍ତର୍ଗତ ଅଦ୍ଭୁତ ସାମ୍ୟ ଏହା ଆବିଷ୍କାର କରିପାରିଲେ ହୃଦୟରେ ସଞ୍ଜାତ ହୁଏ ଅଭିନ୍ନ ସ୍ପନ୍ଦନ। ଫକୀର ମୋହନ ଆସ୍ତିକ ଥିଲେ ଆଉ ମୋହିନୀ ମୋହନ ଥିଲେ ନାସ୍ତିକ - ଏତିକି ପାର୍ଥକ୍ୟ ନିରୂପଣ କରି ନିରବ ହୋଇଯାଏ ଆମ ଚିତ୍ତଦେଶ। ଏହି ବାହ୍ୟ ଆବରଣରୁ ମୁକ୍ତ କରି ପିତା-ପୁତ୍ରଙ୍କୁ ନୂତନ ଭାବରେ ଦେଖିଲେ ଆମର ଚିନ୍ତାଧାରା ପରିବର୍ତ୍ତିତ ହୋଇଯିବା ପାଇଁ ଅଧିକ ବିଳମ୍ବ ହେବ ନାହିଁ। ପାରମ୍ପରିକ ବିଶ୍ୱାସ ମଧ୍ୟରେ ଯିଏ ସୀମିତ ସେ ଆସ୍ତିକ ଆଉ ସମାଜ ନିର୍ଣ୍ଣିତ ନୈତିକତାର ରେଖା ଲଂଘନ କରିଦେବା ମାତ୍ରକେ ହୋଇଯାଏ ନାସ୍ତିକ - ଏପରି ବଦ୍ଧମୂଳ ଧାରଣା ଆଉ କେତେଦିନ ମାନବିକ ସମ୍ପର୍କ ମଧ୍ୟରେ ପ୍ରାଚୀର ସୃଷ୍ଟି କରି ରହିଥିବ?

ସମାଜରେ ବ୍ୟାପି ଯାଉଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୁଦ୍ଧରେ ଲେଖନୀ ଚାଳନା କରି ଫକୀର ମୋହନ ହେଲେ ଚିରପୂଜ୍ୟ। ମୋହିନୀ ମୋହନଙ୍କ ଆବିର୍ଭାବ ସେଇ ଚେତନାରୁ ତ ସମ୍ଭବ ହୋଇଛି! ସେ ପିତାଙ୍କଠାରୁ କିପରି ହୋଇପାରିବେ ଭିନ୍ନ? ଅନ୍ତଃଦୃଷ୍ଟି ଉନ୍ମୋଚନ କରି ଥରେ ଦେଖାଯାଉ ତ! ପିତାଙ୍କ ସମାଜ ସଂସ୍କାର ମନୋବୃତ୍ତିର ଆଉ ଏକ ଅଗ୍ନି-ସ୍ଫୁଲିଙ୍ଗ କ'ଣ ନୁହନ୍ତି ମୋହିନୀମୋହନ? ପାରମ୍ପରିକ ଧର୍ମ-ଧାରଣାକୁ ଅତିକ୍ରମ କରି ସେ ହୋଇଥିଲେ ସତ୍ୟ-ସନ୍ଧନୀ। ତାଙ୍କ ଦ୍ୱାରା ରଚିତ ପ୍ରବନ୍ଧଗୁଡ଼ିକର ସଂକଳନ 'ବିବିଧ ପ୍ରସଙ୍ଗ' ଧ୍ୟାନପୂର୍ବକ ପାଠ କଲେ ନବଚେତନା-ଉନ୍ମୁଖ ପାଠକ ମାତ୍ରକେ ଉପଲବ୍ଧି କରିପାରିବେ ଯେ ସେ କିପରି ମୁକ୍ତଆକାଶର ବିହଙ୍ଗ। ଏ ମୁକ୍ତି କେଉଁ ମଣିଷ ଆତ୍ମାର କାମ୍ୟ ନୁହେଁ?

ସେ କେବଳ ବୃତ୍ତିଧାରୀ ଦର୍ଶନର ଅଧ୍ୟାପକ ନ ଥିଲେ। ଥିଲେ ମୌଳିକ ଚେତନା -ସମ୍ପନ୍ନ ଦାର୍ଶନିକ। କିନ୍ତୁ ତାଙ୍କ ଭିତରେ ଯେଉଁ ମାନବୀୟ ସମ୍ବେଦନଶୀଳତା ଥିଲା ଅତ୍ୟନ୍ତ ଗଭୀର, ତାହା ତ ଏପର୍ଯ୍ୟନ୍ତ ବି ଆଧୁନିକ ମଣିଷ ହୃଦୟଙ୍ଗମ କରିପାରିନାହିଁ। ସେଇ ସମୟରେ ସେ ଲେଖନ୍ତି 'ଜୀବଜନ୍ତୁଙ୍କ ଅଧିକାର' ଶୀର୍ଷକ ପ୍ରବନ୍ଧ, ଯାହା ପ୍ରତ୍ୟେକ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ହେବା ବିଧେୟ। ଯେଉଁ ପୃଥିବୀ ଏ ପର୍ଯ୍ୟନ୍ତ ମଣିଷକୁ ମଣିଷର ଅଧିକାର ଦେବା ପାଇଁ କୁଣ୍ଠିତ, ସେ ଜୀବଜନ୍ତୁମାନଙ୍କ ପ୍ରତି ସହାନୁଭୂତିଶୀଳ ହୋଇପାରିବ କିପରି? ମୋହିନୀ ମୋହନଙ୍କୁ ଦେଖିବା ପରେ ଜଣେ ଭଦ୍ର ମହିଳା ମନ୍ତବ୍ୟ ଦେଲେ, 'ସେ ନାସ୍ତିକ। ଅଥଚ ତାଙ୍କ ବ୍ୟବହାର ଏତେ ଭଦ୍ରୋଚିତ!' ଏହାହିଁ ତ ମୋହିନୀ ମୋହନଙ୍କ ଆସ୍ତିକତାର ସୌନ୍ଦର୍ଯ୍ୟ। ପ୍ରତିଦିନ ଭଗବାନଙ୍କ ମୂର୍ତ୍ତି ପାଖରେ ଭକ୍ତି ନିବେଦନ। ପୁଣି ଚତୁଃପାର୍ଶ୍ୱର ମଣିଷ ଓ ପ୍ରକୃତି ପ୍ରତି କ୍ରୂର, କର୍କଶ ଓ ପୀଡ଼ାଦାୟକ ବ୍ୟବହାର ପ୍ରଦର୍ଶନ! ଏହାଠାରୁ ଆଉ ଅଧିକ ନାସ୍ତିକତା କେଉଁଠି ଥାଇପାରେ?

ଧର୍ମ, ବିବାହ, ଭାଗ୍ୟ, ବିବେକ, ସମାଜ ବିଷୟରେ ନିଜ ମୁକ୍ତ ଚିନ୍ତାଧାରା ପ୍ରକାଶ କରିଥିବାରୁ ମୋହିନୀ ମୋହନଙ୍କ ଗଦ୍ୟ ସୃଷ୍ଟିରେ ଓଡ଼ିଆ ସାହିତ୍ୟ ହୋଇଛି ସମୃଦ୍ଧ। ସେ ଭାଗ୍ୟକୁ ଅସ୍ୱୀକାର କରିପାରି ନାହାନ୍ତି। ମାତ୍ର ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି, ସେଇ ସ୍ତରକୁ ସଚ୍ଚୋଟ ଭାଗ୍ୟବାଦୀମାନେ ମଧ୍ୟ ଆରୋହଣ କରିପାରନ୍ତି ନାହିଁ। ଭାଗ୍ୟଫଳ ଭୋଗ ହିଁ ଯଦି ହୁଏ ସତ୍ୟ, ତା'ହେଲେ ମଣିଷ କେଉଁ ଦୃଷ୍ଟିଭଙ୍ଗୀ ନେଇ ବଞ୍ଚିବା ସମୁଚିତ? ସମସ୍ତ ଶତ୍ରୁତା, ମାନ, ଅଭିମାନ, ଈର୍ଷା, ଦ୍ୱେଷ ଭାବନାରୁ ବିମୁକ୍ତ ଏକ ସ୍ଥିତପ୍ରଜ୍ଞ ଜୀବନ ହିଁ ମଣିଷ ପାଇଁ ଏକାନ୍ତ କାମ୍ୟ- ଏହା ନିଜ ରଚନାରେ ପ୍ରତିପାଦନ କରିଦେଉଥିବା ମୋହିନୀ ମୋହନ ନିଜ ଅଜାଣତରେ ତ ଭଗବତ ଗୀତାର ନିଷ୍କର୍ଷ ଉପସ୍ଥାପିତ କରିଦେଇଛନ୍ତି ପ୍ରେରଣା ଗର୍ଭିତ ବାକ୍ୟରେ! ପ୍ରାଚ୍ୟ-ପାଶ୍ଚାତ୍ୟ ସାହିତ୍ୟ ଓ ଦର୍ଶନ ଜଗତରେ ଗଭୀର ଅବଗାହନ କରିଥିବା ମୋହିନୀ ମୋହନ ସ୍ୱକୀୟ ଦୃଷ୍ଟିକୋଣରୁ ହିଁ ପ୍ରତ୍ୟେକ କଥାକୁ ବିଚାର କରନ୍ତି। ବିଶିଷ୍ଟ ଅସ୍ତିତ୍ୱବାଦୀ ଦାର୍ଶନିକ ନିଟଜେଙ୍କ ବିଷୟରେ ଓଡ଼ିଆ ପାଠକମାନଙ୍କୁ ସେ ହିଁ ପ୍ରଥମେ ପରିଚିତ କରାଇଛନ୍ତି।

ପରିସୂକ୍ଷ୍ମ ସ୍ତରରେ ରହିଛି ଯଦି ଏକ ଅଦୃଶ୍ୟ ବାସ୍ତବତା, ତା'ହେଲେ ପିତା-ପୁତ୍ର ସେଠାରେ ରହିଥିବେ ଏକାତ୍ମ ହୋଇ ନିଶ୍ଚୟ। ସେହି ଏକାତ୍ମକତାକୁ ଅନୁଭବ କରିପାରିଲେ ସମାଜ ପୁନର୍ଗଠନର ଅନନ୍ୟ ଶିଳ୍ପୀ ଭାବରେ ମୋହିନୀ ମୋହନ ଆମର ରହିବେ ସଦା ପ୍ରଣମ୍ୟ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ଅଧା ଓଡ଼ିଶା...

ସମାଲୋଚନା କରିଛନ୍ତି। ଶ୍ରୀ ମହାଲିଙ୍ଗ ନିଜ ସରକାରଙ୍କ ଉପଲବ୍ଧି ବର୍ଣ୍ଣନା କରିବା ସମୟରେ ଏହାକୁ ମଧ ଉଲ୍ଲେଖ କରିବା ଆବଶ୍ୟକ ବୋଲି ବିରୋଧୀ କଟାକ୍ଷ କରିଛନ୍ତି। କେଉଁମାଗ ତଳେ କଣାସରେ ଡାଇରିଆ ମୃତ୍ୟୁ ଓ ଏବେ ରାଜ୍ୟସାରା ହଇଜା, ଝାଡ଼ାବାନ୍ତି ଲୋକଙ୍କ ଜୀବନକୁ ବିପନ୍ନ କରିଛି। ତେଣୁ ୨୪ ବର୍ଷରେ ଯାହା ହୋଇ ନ ଥିଲା, ତାହା ଏ ସରକାର କରି ଦେଖାଇଛନ୍ତି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିବା କଥା ସମ୍ପୂର୍ଣ୍ଣ ସତ ବୋଲି ବିରୋଧୀ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ଡାଇରିଆ ସ୍ଥିତିର ମୁକାବିଲା ପାଇଁ ସରକାରୀ ବିଭାଗମାନେ କ୍ଷେତ୍ର ସ୍ତରରେ ସମନ୍ୱିତ ଓ ଏକାଭିମୁଖୀ ଭାବେ କାର୍ଯ୍ୟ ଜାରି ରଖିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମ୍ୟ ପାନୀୟ ଜଳ ଉତ୍ସଗୁଡ଼ିକର ନିୟମିତ ବିଶୋଧନ କାର୍ଯ୍ୟ ଅନୁଧ୍ୟାନ କରିବା, ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ସଚିବମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ସ୍ୱାସ୍ଥ୍ୟ ସଚିବ ରାଜ୍ୟର ସମସ୍ତ ଜିଲ୍ଲାରେ ଡାଇରିଆ ମୁକାବିଲା ସ୍ଥିତି ସମୀକ୍ଷା କରିଛନ୍ତି। ଆସନ୍ତାକାଲି ବିଶେଷଜ୍ଞ ଦଳ କଟକ, ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ କରିବେ ବୋଲି ସ୍ୱାସ୍ଥ୍ୟ ସଚିବ ସୂଚନା ଦେଇଛନ୍ତି।

### ମଧ୍ୟପ୍ରାଚ୍ୟରେ ମିସାଇଲ...

ମାଡ଼ରେ ଇସ୍ରାଏଲର କେତେ କ୍ଷତି ହୋଇଛି, ତାହା ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ଇସ୍ରାଏଲ ଆଜି ଇରାନ ରାଜଧାନୀ ତେହେରାନ ଉପରେ ପ୍ରଚଣ୍ଡ ବୋମାମାଡ଼ କରିଛି। ଇସ୍ରାଏଲର ୫୦ଟି ଲଢୁଆ ବିମାନ ଉତ୍ତର ଏବଂ ପଶ୍ଚିମ ତେହେରାନର ୨୦ଟି ଠିକଣା ଉପରେ ବୋମାମାଡ଼ କରିଛନ୍ତି। ଇରାନର ଅନେକ ପରମାଣୁ ଓ ସାମରିକ ପ୍ରତିଷ୍ଠାନ ସହିତ ତୈଳ ଭଣ୍ଡାର ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ସର୍ବୋଚ୍ଚ ନେତା ଖାମେନେଇ ଏବଂ ଅନ୍ୟ ବରିଷ୍ଠ ନେତା ବିଭିନ୍ନ ବଙ୍କରରେ ଆଶ୍ରୟ ନେଇ ସେଠାରୁ ଯୁଦ୍ଧ ପାଇଁ କମାଣ୍ଡ ପଠାଉଥିବା ଜଣାପଡ଼ିଛି।

ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଏହି ଯୁଦ୍ଧରେ ୬୦୦ରୁ ଅଧିକ ଲୋକ ପ୍ରାଣ ହରାଇଲେଣି। ଏଥିରେ ଇରାନର ସବୁଠାରୁ ଅଧିକ କ୍ଷତି ହୋଇଛି। ଇରାନ ସରକାର ସ୍ୱୀକାର କରିଛନ୍ତି ଯେ ଇସ୍ରାଏଲ ଆକ୍ରମଣରେ ଏଯାଏ ୫୮୫ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧୪୦୦ରୁ ଅଧିକ ଆହତ ହୋଇଛନ୍ତି। ସେହିଭଳି ଇସ୍ରାଏଲରେ ୨୪ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୩୩୦ ଆହତ ହୋଇଛନ୍ତି। ଇରାନ ଦାବି କରିଛି ଯେ ଇସ୍ରାଏଲର ଅନେକ ସାମରିକ ପ୍ରତିଷ୍ଠାନ, ତୈଳ ବିଶୋଧନାଗାର ଏବଂ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ହୋଇଛି। ଇସ୍ରାଏଲ ମଧ ଦାବି କରିଛି ଯେ ଏଯାଏ ଆକ୍ରମଣରେ ଇରାନର ବାୟୁସୀମା ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି।

ଇତିମଧ୍ୟରେ ଏହି ଯୁଦ୍ଧକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ରୁଷ ରାଷ୍ଟ୍ରପତି ପୁଟିନ। ସେ କହିଛନ୍ତି ଯେ ଯୁଦ୍ଧ ଜାରି ରହିଲେ ମଧ୍ୟପ୍ରାଚ୍ୟ ପରିସ୍ଥିତି ଭୟଙ୍କର ହୋଇପଡ଼ିବ। ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ସହିତ ଶାନ୍ତି ପ୍ରତିଷ୍ଠା ଲାଗି ମଧ୍ୟସ୍ଥତା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଏସଂପର୍କରେ ଇରାନ କିମ୍ବା ଇସ୍ରାଏଲର ପ୍ରତିକ୍ରିୟା ଜଣାପଡ଼ିନାହିଁ। କିନ୍ତୁ ସେମାନେ ଯୁଦ୍ଧ ବନ୍ଦ କରିବା ମୁଡ଼ରେ ନଥିବା କୁହାଯାଉଛି। ଅନ୍ୟପକ୍ଷରେ ସେମାନେ ପରସ୍ପର ଉପରେ ଆକ୍ରମଣକୁ ଆହୁରି ଜୋରଦାର କରିବାରେ ଲାଗିଛନ୍ତି।

### ଚିକିତ୍ସା ପାଇଁ...

ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦେଇଛନ୍ତି। ନବୀନ କହିଛନ୍ତି ଯେ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ମୋର ସର୍ଭିକାଲ ଆର୍ଥ୍ରାଇଟିସ୍ ଚିକିତ୍ସା ମୁମ୍ବାଇସ୍ଥିତ କୋକିଲାବେନ୍ ଧିରୁଭାଇ ଅମ୍ବାନୀ ହସପିଟାଲରେ ହେବ। ମୋର ବ୍ୟକ୍ତିଗତ ଚିକିତ୍ସକ ଡାକ୍ତର ରମାକାନ୍ତ ପଣ୍ଡା ମୁମ୍ବାଇଠାରେ ଚିକିତ୍ସା ବ୍ୟବସ୍ଥାର ସମସ୍ତ କାର୍ଯ୍ୟ ତଦାରଖ କରିବେ। ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଆ ଭାଇଭଉଣୀଙ୍କ ଶୁଭେଚ୍ଛାରେ ଶୀଘ୍ର ଓଡ଼ିଶା ଫେରିବି ଓ ରାଜ୍ୟବାସୀଙ୍କ ସେବା ଜାରି ରଖିବି ବୋଲି ନବୀନ କହିଛନ୍ତି। ଅନ୍ୟପକ୍ଷରେ ଦଳ ଉପସ୍ଥିତିରେ ବିଜେଡିର ଦୈନନ୍ଦିନ କାର୍ଯ୍ୟକ୍ରମ ତଦାରଖ ଦାୟିତ୍ୱ ଦଳର ରାଜନୈତିକ ବ୍ୟାପାର କମିଟି ଉପରେ ନ୍ୟସ୍ତ କରିଛନ୍ତି ନବୀନ। ଏହାସହ ବରିଷ୍ଠ ଉପ ସଭାପତି(ମୁଖ୍ୟାଳୟ) ଦେବୀପ୍ରସାଦ ମିଶ୍ର ଏହି ସମୟରେ ଦଳର ଛାତ୍ର/ଯୁବ ସଂଗଠନ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ ଏବଂ ସମନ୍ୱୟ ରକ୍ଷା କରିବେ ବୋଲି ନବୀନ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀଦଳ ନେତା ପଟ୍ଟନାୟକଙ୍କ ଶୀଘ୍ର ସୁସ୍ଥ ହେବା ଲାଗି କାମନା କରିଛନ୍ତି। 'ଏକ୍ସ'ରେ ସେ କହିଛନ୍ତି ଯେ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କ ଅସୁସ୍ଥତା ବିଷୟରେ ଜାଣି ଚିନ୍ତିତ। ତାଙ୍କର ଚିକିତ୍ସା ପ୍ରକ୍ରିୟା ସୁରୁଖୁରୁରେ ସମ୍ପନ୍ନ ହେଉ ଓ ଆଶୁ ଆରୋଗ୍ୟ ଲାଭକରି ଉତ୍ତମ ସ୍ୱାସ୍ଥ୍ୟ ଲାଭ କରନ୍ତୁ ବୋଲି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ନବୀନଙ୍କର ଶୀଘ୍ର ସୁସ୍ଥତା କାମନା କରିଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟାନ୍ୟ ଦଳର ନେତାମାନେ ମଧ ନବୀନଙ୍କର ଶୀଘ୍ର ସୁସ୍ଥତା କାମନା କରିଛନ୍ତି।

### ବର୍ଷ ଏକ...

କ୍ଷେତ୍ରରେ ଓଡ଼ିଶା ବିଶ୍ୱରେ ପରିଚୟ ସୃଷ୍ଟି କରିଥିଲା। ବିଭିନ୍ନ ଜାତୀୟ ଏବଂ ଆନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରି ଆମେ ଯୁବ ସମାଜ ଭିତରେ ନୂଆ ପ୍ରେରଣା ସୃଷ୍ଟି କରିଥିଲୁ। ମୋ ସ୍କୁଲ, ମୋ କଲେଜ ଭଳି ନୂଆ କାର୍ଯ୍ୟକ୍ରମ ସମାଜକୁ ଶିକ୍ଷା ସହ ଯୋଡି ପାରିଥିଲା। ୫-ଟି ସ୍କୁଲ ରୂପାନ୍ତରୀକରଣ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିଥିଲା। ଆଦର୍ଶ ବିଦ୍ୟାଳୟ ଗାଁର ପିଲାମାନଙ୍କ ସ୍ୱପ୍ନ ସାକାର କରୁଛି। ଲକ୍ଷ୍ମୀ ବସ୍‌ରେ ପିଲାମାନେ ମାତ୍ର ୫ ଟଙ୍କାରେ ସ୍କୁଲ, କଲେଜ ଯାଉପାରୁଥିବା ବେଳେ ମା'ମାନେ ମାର୍କେଟକୁ ଯାଇପାରୁଥିଲେ। ମାତ୍ର ବିଜେପି ସରକାର ଏ ସବୁ ଯୋଜନାକୁ ବନ୍ଦ କରି ଦେଇଛନ୍ତି। ନୂଆ ଓ ଏଙ୍ଗ ବିଏସ୍‌କେୱାଇ ଯୋଜନା ବନ୍ଦ କରାଯାଇଛି। ମିଶନ ଶକ୍ତି ମା'ମାନଙ୍କୁ ଦୁର୍ବଳ କରିବାକୁ ଚକ୍ରାନ୍ତ ଚାଲିଛି। ରାଜ୍ୟ ଅର୍ଥନୀତି ଏବେ ଡଗମଗ। ମହିଳାମାନଙ୍କ ଉପରେ ଅତ୍ୟାଚାର ବଢିଚାଲିଛି। କଲେରା, ଡାଇରିଆରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଆୟୁଷ୍ମାନ କାର୍ଡ ଧରି ରୋଗୀ ହସ୍ପିଟାଲରୁ ଫେରୁଛନ୍ତି। ତେଣୁ ବିଜେଡିର ମିଶ୍ରପିତ ଜନ ବିଦେଶରେ ଉପଯୁକ୍ତ ଜବାବ ଦେବା ସହ ଲୋକଙ୍କୁ ସତ କ'ଣ ଜଣାଇବାକୁ ଯୁବ ସମାଜ କାର୍ଯ୍ୟ କରନ୍ତୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି।

ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମାବେଶରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ନବୀନ ସରକାରଙ୍କ ସମୟରେ ଯୁବ ଛାତ୍ରଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଯେଉଁସବୁ ଯୋଜନା ସୃଷ୍ଟି ହୋଇଥିଲା, ଆଜି ବିଜେପିର ଏକ ବର୍ଷର ଶାସନରେ ତାହା ମଉଳିଯାଇଛି। ନବୀନଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା 'ସ୍କିଲ୍ଡ ଇନ୍ ଓଡିଶା'ରେ ଆଜି ଯୁବକମାନଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ କୌଣସି ଅଗ୍ରଗତି ହୋଇନାହିଁ। ଆର୍ସେଲର ମିତ୍ତଲ ଓ ଜେଏସ୍‌ଡବ୍ଲ୍ୟୁ ଭଳି ଶିଳ୍ପ ସଂସ୍ଥା ଆଜି ଅନ୍ୟ ରାଜ୍ୟକୁ ମୁହାଁଇଲେଣି।

ବରିଷ୍ଠ ବିଧାୟକ ତଥା ଓବିସି ସେଲ୍ ଆବାହକ ଡ. ଅରୁଣ କୁମାର ସାହୁ କହିଥିଲେ ଯେ ଗତ ଏକ ବର୍ଷରେ ରାଜ୍ୟରେ ଓଡିଆ ଅସ୍ମିତା ବାରମ୍ବାର ଭୂଲୁଣ୍ଠିତ ହୋଇଛି। ରଥଯାତ୍ରା ସମୟରେ ବଡ଼ଠାକୁର ଶ୍ରୀବଳଭଦ୍ର ପଡିଗଲେ, ତାର ତଦନ୍ତ କୁଆଡେ ଗଲା ଓଡିଶାବାସୀ ଜାଣିପାରିଲେ ନାହିଁ। ଟ୍ରିପଲ ଇଞ୍ଜିନ ସରକାର ଥାଇ ମହାନଦୀ ଜଳ ବିବାଦର ସମାଧାନ ପାଇଁ କୌଣସି ଉଦ୍ୟମ ହେଲା ନାହିଁ। ପୋଲାଭରମ ପ୍ରକଳ୍ପ ଓଡିଶାର ସ୍ୱାର୍ଥକୁ ଅଣଦେଖା କରି କେନ୍ଦ୍ର ଅନ୍ଧ୍ରକୁ ୧୨,୦୦୦ କୋଟି ଟଙ୍କା ଦେଉଥିଲେ, କିନ୍ତୁ ଆମ ରାଜ୍ୟକୁ ୧୭ ଏପ୍ରିଲ ମୁହଁ ବୁଜି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ପ୍ରତିଦିନ ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଖବରକାଗଜରେ ଶିରୋନାମା ପାଲଟିଛି। ଏହା କ'ଣ ବିଜେପିର ଓଡିଆ ଅସ୍ମିତା ବୋଲି ସେ ପ୍ରଶ୍ନ କରିଥିଲେ।

ଦଳର ଉପସଭାପତି ସଞ୍ଜୟ ଦାସବର୍ମା ତାଙ୍କ ବକ୍ତବ୍ୟରେ କହିଥିଲେ, ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କର ଓଡିଶା ପ୍ରତି ଅବହେଳା ଜାରି ରହିଛି। ଏହି ଏକ ବର୍ଷରେ ଓଡିଶାକୁ କେନ୍ଦ୍ରର ଅନୁଦାନ ପ୍ରାୟ ୧୮.୧୯ ପ୍ରତିଶତ କମିଛି। ୨୦୧୫ରେ ଘୋଷିତ ବହୁ ପ୍ରତୀକ୍ଷିତ ଉପକୂଳ ରାଜପଥ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେଲା ନାହିଁ। ବରିଷ୍ଠ ଉପସଭାପତି ତଥା ବିଧାୟିକା ପ୍ରମିଳା ମଲ୍ଲିକ ରାଜ୍ୟ ବିଜେପି ସରକାରଙ୍କ ସଫଳତାକୁ ନେଇ ଉତ୍ସବ ପାଳନକୁ ତାଗିଦ କରି କହିଥିଲେ ଯେ ଜଣେ ସରକାରୀ କର୍ମଚାରୀଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ ମାରିବା ଘଟଣାରେ ନ୍ୟାୟ ନ ଦେବା, ମାଓବାଦୀଙ୍କ ଚାଉଳ ବଣ୍ଟନ ବିଫଳ ଯୋଗୁଁ ଆମ୍ବ ଟାକୁଆ ଖାଇ ୪ ଜଣଙ୍କ ମୃତ୍ୟୁ ହେବା, ବିଷାକ୍ତ ମଦ ପିଇ ୫ ଜଣଙ୍କ ଜୀବନ ଯିବା, ବିଷାକ୍ତ ଛତୁଆ ଖାଇ ୨ ଜଣଙ୍କ ମୃତ୍ୟୁ ହେବା ଓ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିବା, ଅପରାଧ ରେକର୍ଡରେ ଓଡିଶା ୮ମ ସ୍ଥାନ ହାସଲ କରିବା ଇତ୍ୟାଦି ରାଜ୍ୟ ବିଜେପି ସରକାରଙ୍କ ସଫଳତା। ଧାନ କିଣାରେ କଟ୍‌ନୀ ଛଟ୍‌ନୀ, ସୁଭଦ୍ରା ଯୋଜନାରେ ପ୍ରତିଶ୍ରୁତି ଅନୁସାରେ ଦୁଇ ବର୍ଷରେ ୫୦ ହଜାର ନ ଦେଇ ଦିନକୁ ୨୭ ଟଙ୍କା ହିସାବରେ ବର୍ଷକୁ ୨ କିସ୍ତିରେ ୧୦ ହଜାର ଦେବା ନାରୀ ସ୍ୱାଭିମାନ ପ୍ରତି ଉପହାସ ହୋଇଛି ସେ କହିଥିଲେ।

କାର୍ଯ୍ୟକ୍ରମରେ ଦଳର ନେତା ପ୍ରଣବ ପ୍ରକାଶ ଦାସ, ସଂଘମିତ୍ରା ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଞ୍ଜନ ପୂଜାରୀ, କଳିକେଶ ସିଂହଦେଓ, ପ୍ରଣବ ବଳବନ୍ତରାୟ, ବିଭୂତି ବଳବନ୍ତରାୟ, ସ୍ନେହାଙ୍ଗିନୀ ଛୁରିଆ, ରାଜଶ୍ରୀ ମଲ୍ଲିକ, ଟୁକୁନି ସାହୁ, ଗୌରହିତ ପୂଜାରୀ, ରାଜ୍ୟସଭା ସାଂସଦ ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ, ସୁସ୍ମିତା ସିଂହଦେଓ, ଦେବୀ ରଞ୍ଜନ ତ୍ରିପାଠୀ, ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ବୈକୁଣ୍ଠ ନାୟକ, ଗୁରେନ୍ଦ୍ର ମଙ୍ଗରାଜ, ଧ୍ରୁବ ମାଝୀ, ଏଲିନା ଦାଶ ଏବଂ ଛାତ୍ର ନେତା ବିଶ୍ୱ ପ୍ରତାପ ସାହୁ, ମିଲୁ ପ୍ରଧାନ, ରାଜେଶ ରାଜ ସ୍ୱାଇଁ, ଅଭିଜିତ ଠାକୁର, ଇପ୍ସିତା ସାହୁ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଅମର ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ, ପ୍ରୀତିରଞ୍ଜନ ଘଡେଇ, ଶର୍ମିଷ୍ଠା ସେଠୀ, ଦୀପାଳି ଦାସ ଉପସ୍ଥିତ ଥିଲେ। ବିଧାୟକ ସୌଭିକ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ବିମାନରେ ପକ୍ଷୀମାଡ଼...

ଅଟକାଇ ଦେଇଥିଲେ। ବିଶେଷଜ୍ଞ ଦଳ ଇଞ୍ଜିନରେ ପହଞ୍ଚି ବିମାନର ଯାଞ୍ଚ ପରେ ଏହି ବିମାନର ଉଡ଼ାଣକୁ ବନ୍ଦ ରଖା ଯାଇଥିଲା। ଇଣ୍ଡିଗୋ ପକ୍ଷରୁ କୋଲକାତା ଯିବାକୁ ଥିବା ଯାତ୍ରୀମାନଙ୍କ ପାଇଁ ଅନ୍ୟ ଏକ ବିମାନର ବନ୍ଦୋବସ୍ତ କରାଯାଇଥିଲା।

ଅହମଦାବାଦ୍ ବିମାନ ଦୁର୍ଘଟଣା ପରେ ଦେଶର ବିଭିନ୍ନ ରାଜ୍ୟରେ ବିମାନଯାତ୍ରାକୁ ନେଇ ଭୟର ବାତାବରଣ ଦେଖାଦେଇଛି। ଏପରି ସମୟରେ ଭୁବନେଶ୍ୱରରେ ପୁଣି ଥରେ ଗୋଟିଏ ବିମାନରେ ପକ୍ଷୀମାଡ଼ ଘଟଣା ବିମାନଯାତ୍ରୀଙ୍କୁ ଚିନ୍ତାରେ ପକାଇଛି। ଭୁବନେଶ୍ୱର ବିମାନବନ୍ଦର ରନ୍‌ୱେକୁ ଲାଗି ଥିବା ରାସ୍ତାରେ ବାରମ୍ବାର ଉଚ୍ଛେଦ ସତ୍ତ୍ୱେ ଉଠାଦୋକାନୀମାନେ ଏଠାକୁ ହଟୁନାହାନ୍ତି। ମୁଖ୍ୟତଃ ଫାଷ୍ଟଫୁଡ୍ ଦୋକାନ ଯୋଗୁଁ ଏଠାରେ ପଡୁଥିବା ଆବର୍ଜନା ପକ୍ଷୀମାନଙ୍କୁ ଆକୃଷ୍ଟ କରୁଛି। ସେଥିପାଇଁ ଅନେକ ସମୟରେ ଭୁବନେଶ୍ୱର ବିମାନବନ୍ଦରରେ ପକ୍ଷୀମାଡ଼ ଯୋଗୁଁ ବିମାନ ଯାତ୍ରା ପ୍ରଭାବିତ ହେଉଛି।

### ରିପୋର୍ଟ କାର୍ଡ ସାରା...

ସରକାର ଏହି ବର୍ଷକ ମଧ୍ୟରେ ସେପରି କିଛି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି। ଏହା ସତ୍ତ୍ୱେ ଉପରୋକ୍ତ ଦୁଇଟି ଯୋଜନା ମଧ୍ୟ ସଠିକ୍ ଭାବେ କାର୍ଯ୍ୟାନ୍ୱୟନ ହୋଇ ନ ଥିବା ଯୋଗୁ ସରକାରଙ୍କୁ ସାଧାରଣରେ ବେଶ୍ ସମାଲୋଚିତ ହେବାକୁ ପଡ଼ିଛି। ଏପରିସ୍ଥଳେ ଗତ ଏକବର୍ଷରେ ପ୍ରାୟ ସମସ୍ତ ମନ୍ତ୍ରୀମାନଙ୍କ ପ୍ରଦର୍ଶନକୁ ନେଇ ବିଜେପିର ଶୀର୍ଷ ନେତୃତ୍ୱ ଅସୁଖୀ ବୋଲି କୁହାଯାଉଛି। ବର୍ଷକ ମଧ୍ୟରେ ମନ୍ତ୍ରୀମଣ୍ଡଳର ସଦସ୍ୟ କେବଳ ମିଡିଆ ନିଜ ଉପସ୍ଥିତିକୁ ଜାହିର୍ କରିଛନ୍ତି; ମାତ୍ର କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ଉପସ୍ଥିତି ଶୂନ। ରାଜସ୍ୱ ସଂସ୍କାରଠାରୁ ଆରମ୍ଭ କରି ଶ୍ରୀମନ୍ଦିର ସଂସ୍କାର, ଜଳବିବାଦ ଓ ସୀମା ବିବାଦର ସମାଧାନ, ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ, ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଯେପରି ମେଟ୍ରୋ ପ୍ରକଳ୍ପ, ୭୫ ହଜାର କିଲୋମିଟର ବିଶ୍ୱସ୍ତରୀୟ ରାସ୍ତା ଆଦି କେବଳ ଗଣମାଧ୍ୟମ ବିବୃତିରେ ସୀମିତ ହୋଇ ରହିଯାଇଛି। ବର୍ଷକ ମଧ୍ୟରେ ସରକାରଙ୍କୁ ସୁନାମ ଅପେକ୍ଷା ଅଧିକ ଦୁର୍ନାମ ମୁଣ୍ଡାଇବାକୁ ପଡ଼ିଛି। ବର୍ଷ ଆରମ୍ଭରୁ ରଥ ଉପରେ ବଳଭଦ୍ରଙ୍କ ପଡ଼ିଯିବା ଘଟଣାଠାରୁ ବର୍ଷ ଶେଷରେ ହଇଜା ପରି ଘଟଣାରେ ମନ୍ତ୍ରୀମାନଙ୍କର ଅପାରଗତା ହିଁ ଏହାର ମୁଖ୍ୟ କାରଣ ବୋଲି ନିଜେ ମୁଖ୍ୟମନ୍ତ୍ରୀ ହୃଦ୍‌ବୋଧ କରି ସାରିଛନ୍ତି। ତେଣୁ କେଉଁ ମନ୍ତ୍ରୀଙ୍କୁ କେଉଁ ଦାୟିତ୍ୱ ଦିଆଯିବ ତାହା ନିଷ୍ପତ୍ତି ହୋଇ ନାହିଁ। ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ଡଜନେରୁ ଅଧିକ ମନ୍ତ୍ରୀଙ୍କର ବିଭାଗରେ ଅଦଳ ବଦଳ ହେବ। ନିଜ ନିଜ ଅଧିନରେ ଥିବା ଦୁହାଁଳିଆ ବିଭାଗକୁ ପାଖରେ ରଖିବାକୁ ଏମାନେ ନିଜ ନିଜ ସ୍ତରରେ ଉଦ୍ୟମ ଚଳାଇଥିବା ବେଳେ ନେତୃତ୍ୱ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ଉଭୟ ସରକାର ଓ ସାଂଗଠନିକ ସ୍ତରରେ ଏକ ବଡ଼ ବୈଠକ ଅନୁଷ୍ଠିତ ହେବ ଏବଂ ଏହାପରେ ମନ୍ତ୍ରିମଣ୍ଡଳ ରୂପରେଖ ଚୂଡ଼ାନ୍ତ କରାଯିବ।

## ଉତ୍କଳ ବାଳାଶ୍ରମରେ ଝାଡ଼ାବାନ୍ତି; ୨୪ ଆକ୍ରାନ୍ତ

ବାଲେଶ୍ୱର,୧୮।୬(ସମିସ): ଝାଡ଼ାବାନ୍ତି ବାଲେଶ୍ୱର ଜିଲ୍ଲାରେ ଡେଇଁବାକୁ ଲାଗିଛି। ଗତକାଲି ସିମୁଳିଆ ପରେ ଆଜି ସହରସ୍ଥିତ ଉତ୍କଳ ବାଳାଶ୍ରମର ୨୪ଜଣ ଅନ୍ତେବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ରାତିଠାରୁ ଉତ୍କଳ ବାଳାଶ୍ରମର୨୪ଜଣ ଅନ୍ତେବାସୀ ହଠାତ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଫକୀରମୋହନ ମେଡିକାଲ କଲେଜକୁ ନିଆଯାଇଥିଲା। ସେଥିମଧ୍ୟରୁ ୧୨ଜଣଙ୍କୁ ଘରୋଇ ମେଡିକାଲରେ ଚିକିତ୍ସା କରାଯାଇ ବାଳାଶ୍ରମକୁ ଅଣାଯାଇଥିଲା। ହେଲେ ସେଥିମଧ୍ୟରୁ ୧୧ଜଣଙ୍କୁ ଫକୀରମୋହନ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଜଣେ ଅନ୍ତେବାସୀ ଜ୍ୱର ପାଇଁ ମେଡିସିନ ୱାର୍ଡରେ ଭର୍ତ୍ତି ହୋଇଥିବା ବେଳେ ୧୦ଜଣ ଡାଇରିଆ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ଏବେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ମେଡିକାଲ ପକ୍ଷରୁ ଜଣାଯାଇଛି।

## ଯାଜପୁର: ଆଉ ୫ ନମୁନାରେ କଲେରା ପଜିଟିଭ୍ ଚିହ୍ନଟ

ଯାଜପୁର,୧୮।୬(ସମିସ): ଯାଜପୁରରୁ ଗତ ୯ ଦିନ ତଳୁ ବାହାରିଥିବା ଝାଡ଼ାବାନ୍ତି ଆଜି ପର୍ଯ୍ୟନ୍ତ ନିୟନ୍ତ୍ରଣ ହୋଇପାରିନି। ପୂର୍ବରୁ ସଂଗୃହିତ ନମୁନା ମଧ୍ୟରୁ ୧୧ଟିରେ କଲେରା ଭୂତାଣୁ ମିଳିଥିବା ବେଳେ

### ବ୍ୟାସନଗରରେ ଦୁଇ ଜଣଙ୍କ ମୃତ୍ୟୁ

ଆଜି ଆଉ ୫ ନମୂନାରେ କଲେରା ଭୂତାଣୁ ମିଳିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସ୍ୱଷ୍ଟ କରିଛନ୍ତି। ଆଜି ବ୍ୟାସନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜିଲ୍ଲାରେ ମୃତକଙ୍କ ସଂଖ୍ୟା ୧୮ରେ ପହଞ୍ଚିଥିବା ଜଣାପଡିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଆଜି ୧୦୪ଜଣ ନୂଆ ରୋଗୀ ଆଡ୍‌ମିଟ ହୋଇଥିବା ବେଳେ ୯ ଜଣଙ୍କୁ ରେଫର୍ କରାଯାଇଛି। ସୁସ୍ଥ ହେବା ପରେ ୧୧୨ ଜଣଙ୍କୁ ଡିସଚାର୍ଜ କରାଯାଇଥିବା ବେଳେ ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଚିକିତ୍ସାଳୟରେ ମୋଟ ୧୭୪ ଜଣ ଚିକିତ୍ସିତ ହେଉଛନ୍ତି।

ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଲୋକ ମାନଙ୍କୁ ସଚେତନ କରାଯିବା ସହ ଫୁଟା ପାଣି ପିଇବା ପାଇଁ ପରାମର୍ଶ ଦିଆଯାଇଛି। ଜିଲ୍ଲାର ବିଭିନ୍ନ ହୋଟେଲ ଜଳଖିଆ ଦୋକାନରେ ଚଢ଼ଉ ଜାରି ରହିଛି। ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ସଂକ୍ରମଣ ଓ ଡାଇରିଆ ରୋକିବା ପାଇଁ ସରକାରୀ ବେସରକାରୀ ଟ୍ୟୁବ୍‌ୱେଲ, କୂପ, ପାଇପ ୱାଟର ସପ୍ଲାଏ ଗୁଡ଼ିକୁ ବିଶୋଧନ କରାଯାଉଛି। ଏଚ୍‌୨ଏସ୍ କିଟ୍ ମାଧ୍ୟମରେ ଏମ୍‌ବିକେ ମାନେ ପାନୀୟ ଜଳକୁ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ହଟସ୍ପଟ ଅଞ୍ଚଳ; ଯେଉଁଠାରେ ଏବେ ଡାଇରିଆ କେଶ ବାହାରିବାର ତଥ୍ୟ ଆସୁଛି ଏବଂ ପାଇପ୍ ୱାଟର ସପ୍ଲାଏ ଉପଭୋକ୍ତା ଅଞ୍ଚଳରେ ପାନୀୟ ଜଳ ପରୀକ୍ଷା କରୁଛନ୍ତି।


**SWAPNESWAR BALASHRAM**
AT-BOILO, PO-PURUNAHAT, P.S-KISHORENAGAR, DIST-CUTTACK
Regd. No- 4294-595 of 985-86

**INVITATION FOR OBJECTION**

As per the advertisement given regarding various posts on date 03.05.2025 and 05.05.2025 in Samaya and Sakala Paper, if anyone has any objection on the provisional list given on our Website: https://www.swapneswarbalashram.blogspot.com, send your objection letter to our email swapneswarbalashram@gmail.com or send a hard copy to: The Secretary, Swapneswar Balashram, At-Boilo, Po-Purunahat, Ps-Kishorenagar, Dist-Cuttack, Pin-754131 within 7 days from the date of advertisement in the newspaper.

Sd/- Secretary
Swapneswar Balashram, Boilo, Cuttack


**THE ORISSA MINERALS DEVELOPMENT COMPANY LTD.**
(A Government of India Enterprise)
CIN: L51430OR1918GOI034390

Regd. Office: Ground Floor, SAIL Building, Plot-271, Bidyut Marg, Unit-IV, Shastri Nagar, Bhubaneswar, Khordha, Odisha, India-751001.
Email: info.birdgroup@birdgroup.co.in, Website: www.birdgroup.co.in

STATEMENT OF AUDITED STANDALONE FINANCIAL RESULTS FOR THE YEAR ENDED 31st MAR,2025 - IND-AS COMPLAINT (Rs in lacs)

| Sl No. | PARTICULARS | FOR YEAR ENDING 31.03.2025 | Qtr-III ENDING 31.12.2024 | FOR YEAR ENDING 31.03.2024 |
|---|---|---|---|---|
| 1 | Total Income from Operation / Other Income | 1,125.81 | 2,116.33 | 8,938.12 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (3,911.96) | (839.80) | (530.88) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (3,911.96) | (839.80) | (530.88) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (767.59) | (90.47) | 281.91 |
| 5 | Total Comprehensive income for the period [Comprising Profit / (Loss) for the period (after tax) and other comprehensive income (after tax)] | (3,205.92) | (749.33) | 206.35 |
| 6 | Paid up Equity Share Capital | 60.00 | 60.00 | 60.00 |
| 7 | Reserves (Excluding revaluation reserve) as shown in the audited balance sheet of the previous year | (3,207.40) | (747.81) | (1,133.92) |
| 8 | Net Worth | (3,147.40) | (687.81) | (1,073.92) |
| 9 | Earning per share (of Re. 1/-each) (for continuing and discontinued operations) :- | | | |
| | 1. Basic : | (52.41) | (12.49) | 4.70 |
| | 2. Diluted | (52.41) | (12.49) | 4.70 |

1. The above results of the Company were approved by the Board of Directors at their respective meetings held on 17th June'2025.
2. The above is the extract of the detail format of Annual Financial Result filed with the Stock Exchange under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full Format of the Annual Financial Results are available on the Company's Website: www.birdgroup.co.in, the NSE (www.nseindia.com), the BSE (www.bseindia.com) and the CSE (www.cse-india .com)

For and on behalf of the Board of Director
Sd/-
(Vasudha Chandra Suratkal)
Managing Director

Place: Bhubaneswar
Date: 17th June' 2025

PANCHAYAT RAJ & DRINKING WATER DEPARTMENT
GOVERNMENT OF ODISHA

**OFFICE OF THE PANCHAYAT SAMITI, JHARIGAM**

**INVITATION FOR BIDS**

No: BDO/JHG/02/2025-26, Dated: 11.06.2025

The Block Development Officer, Jharigam, on behalf of the Governor of Odisha, invites percentage rate bids through e-procurement in a single cover system as per norms of the e-procurement system in online mode.
1. Name of Works: As mentioned in Table "A", which includes Construction of Additional Classrooms in different Primary and Upper Primary Schools of Jharigam block.
2. No. of Works: 5 (Five) Nos (Detailed in Tender Call Notice available on the website)
3. Estimated Cost: As mentioned in Table "A"
4. Tender Paper Cost: Rs. 6000/- per each work
5. Class of Contractor: D & C Class
6. Period of Completion: 180 Days
7. Critical Dates: *Further details can be seen in the bidding documents available on the e-procurement portal: www.tendersodisha.gov.in
* Subsequent corrigendum (if any) will appear on the above website.
* The authority reserves the right to reject any or all tenders without assigning any reason.

| Sl. No. | Details | Information |
|---|---|---|
| 1 | Name of Works | Construction of Additional Classrooms in different Primary and Upper Primary Schools of Jharigam Block (as per Table "A") |
| 2 | No. of Works | 5 (Five) Nos |
| 3 | Estimated Cost | As mentioned in Table "A" |
| 4 | Tender Paper Cost | Rs. 6000/- per each work |
| 5 | Class of Contractor | D & C Class |
| 6 | Period of Completion | 180 Days |
| 7 | Availability of Tender for Bidding | From 17.06.2025 at 10:00 AM to 03.07.2025 at 04:00 PM |
| 8 | Last Date for Seeking Clarification | 03.07.2025 up to 04:00 PM |
| 9 | Date of Opening of Bid | 04.07.2025 at 11:00 AM |

Sd/- Block Development Officer,
Jharigam

OIPR-19408/11/0011/2526


**CHANGE OF NAME**
By the virtue of an affidavit sworn before Executive Magistrate Kakatpur, dated 18.06.2025 I, **ABHIMANYU MUDULI**, Address At- Suhagpur, PO- Suhagpur, PS- Kakatpur, Dist - Puri, PIN - 752107 declare that I have changed my Son's/Daughter's name from **Deepak Kumar Muduli** to **Deepak Ranjan Muduli**. Henceforth he/she shall be known as **Deepak Ranjan Muduli** for all purposes .

**AFFIDAVIT**
By virtue of an affidavit sworn before BRAJA SUNDAR NAYAK, Notary Public, RAYAGADA, dated 18 Jun 2025, I, SIPRA SANGHAMITRA DASH, Address Opp. Shanti Bhaban, Convent Road, Rayagada, Odisha. PIN 765001 declare that I have changed my name from SIPRA SANGHAMITRA RICHA TANISHA DASH to SIPRA SANGHAMITRA DASH. Henceforth, I shall be known as SIPRA SANGHAMITRA DASH for all purposes.
SIPRA SANGHAMITRA DASH

**CHANGE OF NAME**
By the virtue of an affidavit sworn before Notary public Bhubaneswar dated 12-06-2025, I **Prakash Behera** At - Hatabaradihi, PO - Hatabaradihi, PS - Tangi, Dist - Khordha, Odisha, PIN - 752027 hereby declare that I have changed name of my daughter from Laxmipriya Behera to Puja Behera. Henceforth She shall be known as **Puja Behera** for all purposes .

**AFFIDAVIT**
BY VIRTUE OF an affidavit sworn before the Executive Magistrate, Sohela, No.-04 dated 17/06/2025 I Sagara Naik, S/o- Dolamani Naik, R/o- Village/Po.- Baunsenmura, PS- Sohela, Dist - Bargarh, Odisha declare that, my son's actual and correct name is **Jagamohan Naik** but in his Aadhaar card his name has been wrongly mentioned as **Gagmohan Naik**. Hence both **Jagamohan Naik** and **Gagmohan Naik** is same and person.

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
**GADHWAL GROUP**
**Mob.: 9437015112**

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
**CONTACT : 6371093914**

**AFFIDAVIT**
By virtue of an affidavit sworn before Notary Public, Bhadrak, Affidavit No. 1355 dated 17-06-2025. I MURSHIDA KHATUN, Address At- Habibnagar, PO- Dhamnagar, Bhadrak, Odisha, 756117 declare that I have changed my name from MURSHID KHATOON to MURSHIDA KHATUN. Henceforth, I shall e known as **MURSHIDA KHATUN** for all purposes.
MURSHIDA KHATUN

**AFFIDAVIT**
I Kalicharan Jena, S/o- Kartik Jena, resident of village/Po- Katisahi, Ps-Kamarda, Dist- Balasore, Odisha, declared by affidavit before Executive Magistrate, Bhograi No.1955/ dtd-29/05/2025 that My son name as Rajkeshore Jena in his Birth Certificate, that wrongly mentioned as Rajkoshor Jena in Adhar. Rajkeshor Jena and Rajkoshor Jena is one & same person. Hence my son shall be known as **Rajkeshore** for all future purpose.

**AFFIDAVIT**
By virtue of an affidavit sworn before Executive Magistrate, Anandapur dated- 26/03/2025. I, **GAYATRI RANA,** address At/Po- Kolimati, Dist- Keonjhar, Pin-758015, Odisha declare that I have changed my name from **Gayatri Sahoo To Gayatri Rana.** Henceforth, I shall be known as **Gayatri Rana** for all purposes.
**GAYATRI RANA (New Name)**

**AFFIDAVIT**
I, Dilip Kumar Agarwalla, aged about 54 years, S/o- Late Bajaranglal Agrawalla, resident of Sardar Patel Marg, PO- Jatni, PS- Jatni, Dist- Khordha, Odisha declared by this affidavit No.148, dtd- 18/06/2025 that now onwards I shall be known as **DILIP KUMAR AGRAWALLA** for all future purposes.

**AFFIDAVIT**
By virtue of an affidavit No. 7635, Swarn before The Executive Magistrate, Jajpur on dtd- 02/12/2024. I **Akash Mallik,** aged about 24 years, S/o- Surendra Mallik, resident of Vill- Nalakul, Po- Kotapur, Ps- Dharmasala, Dist-Jajpur, Odisha my real name is **Akash Mallik** recorded in my Aadhar Card, Bank Account bearing Aadhar No- 3548 1879 1440 & Bank A/c No- 07410110209233, but my name is **Prakash Chandra Mallik** recorded in my LIC Policy Bond bearing No. 598188661, Henceforth, both the name **Akash Mallik** and **Prakash Chandra Mallik** is one and same person for all future purposes.
**Akash Mallik**

**AFFIDAVIT**
By virtue of an affidavit before The Executive Magistrate, Titilagarh, on dated- 04/06/2025. I, **Santosh Sahu,** aged about 53 years, S/O- Late Dutia Sahu, permanent resident of At- Ghantasuni Pada, PO/PS- Titilagarh, Dist- Balangir, (Odisha), PIN- 767033 affirm that I have changed my minor daughter's name from **Sardha Rani Sahu** (old name) To **Sradha Rani Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Sradha Rani Sahu** (new name).
**Santosh Sahu**

**AFFIDAVIT**
I, Sharmistha Nayak, W/o- Abhijit Nayak, D/O- Muralidhar Srichandan, resident of At- Plot No-5, Basuaghai, Tankapani Road, Badagada Brit Colony, P.S- Badagada, Bhubaneswar, Dist- Khorda, Pin- 751018, Odisha. Declare by this affidavit No- C.F No-31, dtd- 17.06.2025, that now onwards I shall be known as **SARMISTHA SRICHANDAN** for all future purposes.

**AFFIDAVIT**
I Susmita Ghadei w/o- Balaram Ghadei, resident of village/po , Durpal, Ps-Kamarda, Dist- Balasore, Odisha, declared by affidavit before Executive Magistrate , Bhograi No.2103/ dtd-12/06/2025 that My son name as Bhagabata Ghadei in his Birth Certificate, that wrongly mentioned as Rakesh Ghadei in Adhar. Bhagabat Ghadei and Rakesh Ghadei is one & same person.Hence my son shall be known as **Bhagabat Ghadei** for all future purpose.

**AFFIDAVIT**
I Manoranjan Swain, S/o- Parshuram Swain of village Garasang , Po- Garasang, Via- Ada, P.s-Similia, Dist-Baleswar, Pin- 756134 declare by this affidavit no- 1765 , Dt- 17/06/2025 that now onwards,My name was wrongly mentioned as M.Swain (Aadhaar card no -5518 6332 3422 ). I shall be known as **Manoranjan Swain** for all future purposes as mentioned above address.

**AFFIDAVIT**
By virtue of an affidavit sworn before Notary Public, Bhubaneswar, dated-18.06.2025, I, Pratap Dora, S/O- Brundaban Dora, resident of Vill- Singipur, PO- Singipur, P.S.-Patapur, Dist- Ganjam, Odisha, Pin-761014, declare that I have changed the name of my daughter's name from M Sanaki Dora to M Sonkashi Dora. Henceforth, she shall be known as M Sonkashi Dora for all purposes.

**AFFIDAVIT**
By virtue of an affidavit sworn before Notary Public, Bhadrak, Affidavit No. 1353 dated 17-06-2025. I MADINA BIBI, Address At- Mojahidnagar, PO- Dhamnagar, Bhadrak, Odisha, 756117 declare that I have changed my name from AMIRUN BIBI alias AMIRUN NESSA to MADINA BIBI. Henceforth, I shall e known as **MADINA BIBI** for all purposes.
MADINA BIBI

**AFFIDAVIT**
I, Chiranjeevi Sakali, aged about 41 years, S/o- Narayana Chakali, resident of At-3-3, Ayyavaripeta, Ps- Ichapurm Rural, Mandalam, Loddaputti, Dist- Srikakulam, PIN- 532312, Andhra Pradesh declared by this affidavit No. 1194, dtd- 17/06/2025 that now onwards I shall be known as **CHIRANJEEVI CHAKALI** for all future purposes.

**AFFIDAVIT**
I, Narayana Sakali, aged about 68 years, S/o- Thutayya Chakali, resident of At-3-3, Ayyavaripeta, Ps- Ichapurm Rural, Mandalam, Loddaputti, Dist- Srikakulam, PIN- 532312, Andhra Pradesh declared by this affidavit No. 1193, dtd- 17/06/2025 that now onwards I shall be known as **NARAYANA CHAKALI** for all future purposes.

**LOST**
Notice is hereby given to general public that, I Sri. Sambit has lost the original link RSD bearing no-11081408405 dt. 03.10.2014 RSD NO- 11081402723 dt 10.03.2014 and ROR NO-514/1937 AND ROR NO-514/2137 of Mouza-Kesura. which was kept in my hand Bag while he was going to court from his residence at Kotasahi, on 28.05.2025 lost the original sale deed somewhere, around court area and in spite of his best efforts failed to trace the same. Therefore, if anyone has found the same, please contact Advocate Sri. N.C. Pattnaik, mob - 9853311189, of LICHFL at Chandrasekharpur within 15 days from the date of the publication, failing which the document will lose its legal force, and any misuse of the document will be punishable under law.

# ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରସ୍ତୁତି






**ଭବାନୀପାଟଣା, ୧୮ ।୬(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ସାମ୍ଭାବ୍ୟ ବିପର୍ଯ୍ୟୟ ପରିଚାଳନା ପାଇଁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ଅଧ୍ୟକ୍ଷତା କରିଥିଲେ। ଏହି କର୍ମଶାଳାରେ ଓସଡମା ଡିଜିଏମ୍ ଜୟ ଜଗତ ସାହୁ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ଉପରେ ଓସଡାମାର ଭୂମିକା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ ପରିଡ଼ା ଉପସ୍ଥିତ ଥିଲେ। ଜିଲ୍ଲାରେ ସାମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ ଓ କ୍ଷେତ୍ର କର୍ମଚାରୀ ସଜାଗ ଓ ପ୍ରସ୍ତୁତ ହୋଇ ରହିବା ସହ ଉତ୍ତମ ସମନ୍ୱୟ ରଖି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାକୁ ପରାମର୍ଶ ଦିଆଯାଇଚି। ବିପର୍ଯ୍ୟୟ ସମୟରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ନିଜ ନିଜ ବିଭାଗର ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି, ବିପର୍ଯ୍ୟୟ ପୂର୍ବବର୍ତ୍ତୀ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରବର୍ତ୍ତୀ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ରହି କିପରି ଲୋକଙ୍କ ଧନ ଜୀବନର ସୁରକ୍ଷା କରିବେ ଓ କ୍ଷୟକ୍ଷତି ହ୍ରାସ କରିପାରିବେ ସେ ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ବିଭାଗ, ଅଗ୍ନିଶମ ବାହିନୀର ଅଧିକାରୀ ଉପସ୍ଥିତ ରହି ସମ୍ଭାବ୍ୟ ବିପର୍ଯ୍ୟୟର କିପରି ମୁକାବିଲା କରିବେ ସେ ଦିଗରେ ନିଜ ନିଜ ବିଭାଗର ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ସେହିପରି ଜିଲ୍ଲାର ସମସ୍ତ ୧୩ଟି ବ୍ଲକ ଓ ୪ଟି ସହରାଞ୍ଚଳରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଗୁରୁବାର ଜିଲ୍ଲାର ୪ଟି ବନ୍ୟା ଆଶ୍ରୟ ସ୍ଥଳରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହେବ।

**କୋକସରା:** ସ୍ଥାନୀୟ ବ୍ଲକ ସଭାଗୃହରେ ମଧ୍ୟ ବୁଧବାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସଚେତନତା ସଭା ଅନୁଷ୍ଠିତ ହୋଇଛି। କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ସଚେତନତା ସଭାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କଁଅର, ବିଡିଓ ହିମାଞ୍ଚଳ ମାଝୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ ଭାଟି, ଗୋଷ୍ଠୀ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀ, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶର୍ମିଳା ଛତ୍ରିଆ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀ, କୋକସରା ଅଗ୍ନିଶମ ବିଭାଗର ପ୍ରଶାନ୍ତ ବାଘ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଯଶୋବନ୍ତି ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

**ନୂଆପଡ଼ା:** ନୂଆପଡ଼ାରେ ବନ୍ୟା ବିପର୍ଯ୍ୟୟ ପ୍ରସ୍ତୁତି ଉପରେ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ମୃତ୍ତିକା ସଂରକ୍ଷଣ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ସେମାନଙ୍କ ବିଭାଗର ବନ୍ୟା ପୂର୍ବ, ବନ୍ୟା ସମୟ ଓ ବନ୍ୟା ପରର ପ୍ରସ୍ତୁତି ଉପରେ ବିଭାଗର ଦାୟିତ୍ୱ ଓ ପ୍ରସ୍ତୁତି ବର୍ଣ୍ଣନା କରିଥିଲେ। ପ୍ରାରମ୍ଭିକ ଅଭିଭାଷଣରେ ଅତିରିକ୍ତ ଜିଲ୍ଲାପାଳ ରଇତ ବନ୍ୟା ଓ ବାତ୍ୟାର ପ୍ରକୋପ ଓ ଏହାର ପୂର୍ବ ପ୍ରସ୍ତୁତି କିପରି କରାହେବ, ଜିଲ୍ଲାରେ ଏହାକୁ କିଭଳି ସୂଚାରୁରୂପେ ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସୁଦେଶ ସେଠୀ ଯୋଗଦେଇ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କିପରି ବିଭିନ୍ନ ବିପର୍ଯ୍ୟୟକୁ ସୂଚାରୁ ରୂପେ ପରିଚାଳନାରେ ସକ୍ଷମ ହୋଇଛନ୍ତି ତାହା ବର୍ଣ୍ଣନା କରିଥିଲେ। ସାରା ବିଶ୍ୱରେ ଓଡ଼ିଶା ବିପର୍ଯ୍ୟୟ କର୍ତ୍ତୃପକ୍ଷ ସଂସ୍ଥା ଆପଦ ସୁପରିଚାଳନା ପାଇଁ କିଭଳି ଉଚ୍ଚ ପ୍ରଶଂସିତ ହୋଇଛି ତାହା ବର୍ଣ୍ଣନା କରିଥିଲେ। ଓସଡମା ପ୍ରକଳ୍ପ ଅଧିକାରୀ ମହେନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗୀୟ କର୍ମଚାରୀ ନିମେଷ ଧରୁଆ ଓ ଛତ୍ରପାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ



**ଥୁଆମୂଳ ରାମପୁର, ୧୮ ।୬(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ନିର୍ବାଚନ ମଣ୍ଡଳୀ ଅଧୀନ ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ଗାଁ ପରିଦର୍ଶନ କରିଛନ୍ତି। ଅଞ୍ଚଳର ବିକାଶ ଦିଗରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଉପରେ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ବଫଲାମାଳି ଖଣି ପ୍ରଭାବିତ ଅଞ୍ଚଳର ଅଡ୍ରୀ, ଗୋପୀନାଥପୁର ଏବଂ ମାଳିଗାଁ ପଞ୍ଚାୟତର ବିଭିନ୍ନ ଗାଁ ବୁଲି ଲୋକଙ୍କ ସମସ୍ୟା ବୁଝିଛନ୍ତି। ଏହା ସହ ଲୋକଙ୍କ ଜୀବନ ଜୀବିକା ତଥା ରୋଜଗାରର ମାଧ୍ୟମ ସମ୍ପର୍କରେ ଆଲୋଚନା କରିଥିଲେ। ବଫଲାମାଳି ପାହାଡରୁ ବକ୍ସାଇଟ ଖନନ କାର୍ଯ୍ୟ ଚାଲୁଛି। ପ୍ରଭାବିତ ଏହି ପଞ୍ଚାୟତଗୁଡିକର ସାମୂହିକ ବିକାଶ ପାଇଁ ସରକାର ଏବଂ କମ୍ପାନୀ ଉଭୟଙ୍କ ଉପର ଦାୟିତ୍ୱ ରହିଛି। ପାରିପାର୍ଶ୍ୱିକ ବିକାଶ ପାଇଁ ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଏବଂ ଗମନାଗମନ କ୍ଷେତ୍ରରେ ଖର୍ଚ୍ଚ କରାଯାଉଛି। ଏଥିସହ କମ୍ପାନୀ ମଧ୍ୟ ତା ସିଏସ୍‌ଆର ପାଣ୍ଠିରୁ ମଧ୍ୟ ସ୍ଥାନୀୟ ଲୋକଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ସେମାନଙ୍କ ଜୀବନ ଜୀବିକା ଉପରେ ଉନ୍ନତି ମୂଳକ ପରିବର୍ତ୍ତନ ଆଣିବା ପାଇଁ ସ୍ୱରୋଜଗାରର ବ୍ୟବସ୍ଥା ରହିଛି; ହେଲେ ବାସ୍ତବରେ ସେଗୁଡିକ କେତେ କାର୍ଯ୍ୟକାରୀ ହେଉଛି ଏବଂ ପ୍ରଭାବିତ ଅଞ୍ଚଳର ଲୋକଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନାରୁ ଲାଭ ଉଠାଇ ଉପକୃତ ହେବାପାଇଁ ବିଭିନ୍ନ ଯୋଜନା ଓ ତାହାର ମାଧ୍ୟମ ଉପରେ ବୁଝାଇଥିଲେ। ଜୀବନ ଜୀବିକାରେ ଉନ୍ନତି ଆଣିବା ସହ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ରୋଜଗାର ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଏହାର ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ, ପ୍ରାଣୀ ଚିକିତ୍ସା ଅଧିକାରୀ, ଉଦ୍ୟମ ବିଭାଗ ଅଧିକାରୀ ଏବଂ ରାଜସ୍ୱ ନିରୀକ୍ଷକ ପ୍ରମୁଖ ସାଥିରେ ରହି ଲୋକଙ୍କ ସମସ୍ତ ବିଷୟରେ ଅବଗତ ହେଲେ। ବିଭିନ୍ନ ବିଭାଗର ଜନମଙ୍ଗଳ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହି ଅଞ୍ଚଳର ବିକାଶ ପାଇଁ କମ୍ପାନୀର ସିଏସ୍‌ଆର୍ ପାଣ୍ଠି ଏବଂ ଜିଲ୍ଲା ଖଣିଜ ପାଣ୍ଠିର ଅର୍ଥ ସଦ ବିନିଯୋଗ ଉପରେ କେତେ ସ୍ୱଚ୍ଛତା ରହିଛି ତାହା ଏକ ବଡ ପ୍ରଶ୍ନ ହୋଇଛି। ଯୋଜନାଗୁଡିକ କେତେ ସଫଳ ଏବଂ ଲୋକେ କେତେ ଉପକୃତ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ୩ ବର୍ଷର ଶିଶୁ

**ଗୋଲାମୁଣ୍ଡା, ୧୮ ।୬(ସମିସ):** ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ପରାଶରା ଗାଁର ଗୋଟିଏ ୩ ବର୍ଷର ଶିଶୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି। ତନୁଶ ଶେଖର ନାଏକ ଓ ମଞ୍ଜୁଲତା ନାଏକଙ୍କ ଏହି କୁନି ପୁଅଟି ଦେଶ ବିଦେଶର ସାଧାରଣ ଜ୍ଞାନ, ଇଂରାଜୀରେ ପଶୁ, ପକ୍ଷୀ, ଫୁଲ, ଫଳ, ମନ୍ତ୍ରଶ୍ଳୋକ ଇତ୍ୟାଦି ମନେ ରଖି ନିର୍ଭୁଲ ଭାବେ କହିବା ସହ ନିଜର ଚମତ୍କାର ପ୍ରତିଭାକୁ ପ୍ରକାଶ କରିଛି।



# କେସିଙ୍ଗା ସଚେତନ ନାଗରିକ ମଞ୍ଚର ଆନ୍ଦୋଳନ

**କେସିଙ୍ଗା, ୧୮ ।୬(ସମିସ):** କେସିଙ୍ଗା ସଚେତନ ନାଗରିକ ମଞ୍ଚ ମାଁ ମାଟିର ସୁରକ୍ଷା ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଛି। ଦାବି ପୂରଣ ନ ହେବା



ପର୍ଯ୍ୟନ୍ତ ଏହା ଚାଲିବ ବୋଲି ମଞ୍ଚ ପକ୍ଷରୁ ଘୋଷଣା କରାଯାଇଛି। ତହିଁସିରରୁ ଯୋଲକୋ ପର୍ଯ୍ୟନ୍ତ ବାଏପାସ ରାସ୍ତା, କେସିଙ୍ଗାରୁ ଭୁବନେଶ୍ୱର ପାଇଁ ସିଧାସଳଖ ଟ୍ରେନ୍, ୪୦ ବର୍ଷ ଧରି ବନ୍ଦ ପଡ଼ିଥିବା କୋଣାର୍କ ସୂତାକଳର ପୁନରୁଦ୍ଧାର, କେସିଙ୍ଗା ମେଡିକାଲର ବିଭିନ୍ନ ସମସ୍ୟାର ସମାଧାନ ଏମିତି ୧୦ଟି ଦାବି ରହିଛି। ମଞ୍ଚ ସଭାପତି ଉତ୍ତର ମହଲା, ସମ୍ପାଦକ ବଂଶୀ ପାଣି ସାହା, ରମାକାନ୍ତ ଜେନା, ବିନୋଦ ଜୈନ, ନଳୀନ ପଟ୍ଟନାୟକ, କ୍ଷୀରୋଦ ଦାସ ପ୍ରମୁଖ ଆନ୍ଦୋଳନରେ ବସିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରୋହିତ ଭୋଇ, ମୋତି ସାହୁ, ସଦା ମାଝୀ, ରାମଲାଲ ସୁନାନୀ, ପର୍ଶୁରାମ ପାଢ଼ୀ, ରାମଜୀ ମାତଖଣ୍ଡିଆ, ରଘୁରାଜ ସିଂ, ଓକିଲ ସଂଘ ସମ୍ପାଦକ ଯୁଗଳ କିଶୋର ଦୀପ, ରୋହିତ ଜୈନ, ମୋତି କୈବର୍ତ୍ତ, କେସିଙ୍ଗା ବିଶ୍ୱହିନ୍ଦୁ ପରିଷଦର ଉପ ସଭାପତି ଶଙ୍କରଲାଲ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶ ବାହନ ରଥର ପରିକ୍ରମା





**ଭବାନୀପାଟଣା, ୧୮ ।୬(ସମିସ):** ନର୍ଲା ବ୍ଲକର ରାକ୍ସି ଓ ମାଣ୍ଡେଲ ପଞ୍ଚାୟତରେ ବିକାଶ ବାହନ ସଚେତନତା ରଥକୁ ବୁଧବାର ସ୍ୱାଗତ କରାଯାଇଛି। ରାକ୍ସି ପଞ୍ଚାୟତରେ ସରପଞ୍ଚ ଯେମନ୍ତ ପୋଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝୀ, ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା, ସରିଆଁ ସରପଞ୍ଚ ଓମପ୍ରକାଶ ଛତ୍ରିଆ, ବାଗପୁର ସରପଞ୍ଚ ଗୋପାଳ ହାତୀ, ଭୀମକେଲା ସରପଞ୍ଚଙ୍କ ପ୍ରତିନିଧି ଜୟନ୍ତ ଗଉଡ, ଜିପିଡିଓ ରବି ନାଏକ, ସିଡିପିଓ ଅଞ୍ଜଳି ପଟ୍ଟନାୟକ, ରାକ୍ସି ସମିତି ସଭ୍ୟ ଚୁମନ ଭୋଇ, ନାଏବ ସରପଞ୍ଚ କୁନ୍ତି ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ରାକ୍ସି ପିଇଓ ସହସ୍ରାଂଶୁ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷାବିତ ମନୋଜ ଭୋଇ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ପଞ୍ଚାୟତର ହିତାଧିକାରୀଙ୍କୁ ଜବ୍ କାର୍ଡ, ସାମାଜିକ ନିରାପତ୍ତା ଭତ୍ତା, ହୁଇଲ ଚେୟାର, ଅନ୍ତୋଦୟ ଗୃହ, ରାସନ କାର୍ଡ ଆଦି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଏଡିଇଓ ଭଗବତ ପ୍ରସାଦ ସାହୁ, ଯୋଗାଣ ସହାୟକ ଚୈତନ୍ୟ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ବନ ବିଭାଗ, କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଆଦି ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସମେତ ପଞ୍ଚାୟତ ଅଞ୍ଚଳର ଅନେକ ପୁରୁଷ ଏବଂ ମହିଳା ଉପସ୍ଥିତ ଥିଲେ। ସେହିପରି ମାଣ୍ଡେଲରେ ଭାରପ୍ରାପ୍ତ ସରପଞ୍ଚ ସୁଧାଙ୍ଗନା ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ, ଜିପିଡିଓ ରବି ନାଏକ, ନର୍ଲା ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝୀ, ବାଗପୁର ସରପଞ୍ଚ ଗୋପାଳ ହାତୀ, ପ୍ରସୁନ ଜାଲ (ରଞ୍ଜନ), ୱାର୍ଡସଭ୍ୟ ମାର୍କଣ୍ଡ ଜାଲ, ଶିକ୍ଷାବିତ ରାମ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ନରହରି ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷାବିତ ଶରତ ଚନ୍ଦ୍ର ଭୋଇ ମଞ୍ଚ ପରିଚାଳନା କରିଥିଲେ। ମାଣ୍ଡେଲ ଏଡିଇଓ ସବିତା ଦାସ, ବାସବ ମହାନନ୍ଦ, ମୁକୁନ୍ଦ ମାହାର ପ୍ରମୁଖ ସହଯୋଗ କରିଥିଲେ।




**ଗୋଲାମୁଣ୍ଡା:** କେଗାଁ ପଞ୍ଚାୟତରେ ମଧ୍ୟ ବିକାଶ ବାହନ ରଥ ପରିକ୍ରମା କରିଛି। ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଜିପିଓ ରମିତ ପଧାନ, କେଗାଁ ସରପଞ୍ଚ ଅମୃତା ବଛା, ପଞ୍ଚାୟତ ସମିତି ଲକ୍ଷ୍ମଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ନୂଆପଡ଼ା:** ଖରିଆର ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ରୋଡଠାରେ ବିକାଶ ବାହନ ରଥର ଶୁଭାରମ୍ଭ ହୋଇଯାଇଛି। ଏହାକୁ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଥର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥ ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷା ଜୈନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଏଥିରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଉପାଧ୍ୟକ୍ଷ ନିଶାନ୍ତ ଡାଗାଙ୍କ ସହ ସମସ୍ତ ଅଧିକାରୀ, କର୍ମଚାରୀଙ୍କ ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ରଥ ଆସନ୍ତା ୪ ଦିନ ଧରି ସମସ୍ତ ୧୯ ଗୋଟି ୱାର୍ଡ ବୁଲି ସରକାରଙ୍କ ବିଭିନ୍ନ ବିକାଶ ମୂଳକ ବାର୍ତ୍ତା ଉପରେ ସଚେତନ କରିବ ବୋଲି ଏନ୍‌ଏସି ପକ୍ଷରୁ କୁହାଯାଇଛି।

# ୭ କେଜି ଗଞ୍ଜେଇ ଜବତ; ୨ ଗିରଫ

**ସିନାପାଲି, ୧୮।୬(ସମିସ):** ଗଞ୍ଜେଇ ଚୋରା ଚାଲାଣ ବେଳେ ନୂଆପଡ଼ା ଜିଲ୍ଲା ସିନାପାଲି ଅବକାରୀ ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୭ କିଲୋ ଗଞ୍ଜେଇ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ଭିଲାଇ ସହରର ନବୀନ ସାହୁ ଓ ବଲାଙ୍ଗିର ଜିଲ୍ଲା କୁନାଭୁଟଲା ଗ୍ରାମର ଗୋବିନ୍ଦ ସାହୁ। ସୂଚନାନୁଯାୟୀ, ବୋଡ଼େନ ବ୍ଲକ ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନୂଆପଡ଼ା ଅବକାରୀ ଏସ୍‌ପି ସଂଘମିତ୍ରା ପ୍ରଧାନ କୌଣସି ସୂତ୍ରରୁ ଖବର ପାଇଥିଲେ। ଚଢ଼ଉ ପାଇଁ ସେ ସିନାପାଲି ଅବକାରୀ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କର ନିର୍ଦ୍ଦେଶ କ୍ରମେ ସିନାପାଲି ଅବକାରୀ ଥାନା ଅଧିକାରୀ ସିଦ୍ଧାନ୍ତ ପାତ୍ର ସଦଳବଳେ ବୋଡ଼େନ ବ୍ଲକର ଅମେରା ଛକ ନିକଟରେ ଗଞ୍ଜେଇ ଚାଲାଣକାରୀଙ୍କୁ କାବୁ କରି ତାଙ୍କ ଠାରୁ ୭ କିଲୋଗ୍ରାମ ଗଞ୍ଜେଇ ସହ ଏକ ବାଇକ୍(ସିଜି ୦୭ ସିଜି ୦୬୪୬) ଜବତ କରିଥିଲେ। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ସିନାପାଲି ଅବକାରୀ ଥାନରେ ୬୪/୨୦୨୫ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ସିନାପାଲି ଅବକାରୀ ଥାନା ଅଧିକାରୀ ସିଦ୍ଧାନ୍ତ ପାତ୍ର ପ୍ରକାଶ କରିଛନ୍ତି।



# ଡ୍ରାଇଭର ମହାସଂଘର ଜିଲ୍ଲାସ୍ତରୀୟ କମିଟି ଗଠିତ



**କୋମନା, ୧୮।୬(ସମିସ):** ନୁଆପଡ଼ା ଜିଲ୍ଲା କୋମନା ବ୍ଲକ ଧରମସାଗର ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ଡ୍ରାଇଭର ମହାସଂଘର ନୁତନ ଜିଲ୍ଲାସ୍ତରୀୟ କମିଟି ଗଠିତ ହୋଇଛି। ଜିତେନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ନୁତନ କମିଟି ଗଠନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ସଭାପତି ଭାବରେ ଦୁର୍ଗାଚରଣ ବିଶି, ଉପସଭାପତି ଭାବରେ ଫଗନୁ ଅଦା, ସମ୍ପାଦକ ଭାବରେ ପୁରନ୍ଦର ବାଗ, ସହ ସମ୍ପାଦକ ଭାବରେ ଜିତେନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ଭାବରେ ଭରତ କଠାର, ଜିଲ୍ଲା ଆଡମିନ ଭାବରେ ହେମରାଜ ମଲ୍ଲିକ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଏଥିରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତର ଡ୍ରାଇଭର ସଂଘ ଯୋଗଦେଇଥିଲେ। ଚୟନ ହୋଇଥିବା ନୁତନ କମିଟି ସଦସ୍ୟମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ଜିଲ୍ଲାପାଳଙ୍କୁ ଫେରାଦ ହେଲା କଂଗ୍ରେସ



**ନୂଆପଡ଼ା, ୧୮।୬(ସମିସ):** ନୂଆପଡ଼ା ଜିଲ୍ଲାର ଖଡ଼ିଆଲ ବ୍ଲକରେ ଦୀର୍ଘ ଦିନ ଧରି ବିଡ଼ିଓ ପଦ ଖାଲି ପଡ଼ିଛି। ପଦ ପୂରଣ ପାଇଁ ବିଭିନ୍ନ ସମୟରେ ବ୍ଲକବାସୀ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବାରୁ ଜିଲ୍ଲା କଂଗ୍ରେସ ବୁଧବାର ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛି। କଂଗ୍ରେସ ନେତା କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନୂଆପଡ଼ା ଜିଲ୍ଲାପାଳଙ୍କୁ ସାକ୍ଷାତ କରି ବିଡିଓ ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ଛଅ ମାସରୁ ଊର୍ଦ୍ଧ୍ୱ ହେବ ଖଡ଼ିଆଲ ବ୍ଲକରେ ବିଡିଓ ପଦ ଖାଲିପଡ଼ିଛି। ପୁରୁଣା ବିଡିଓ ବଦଳି ହୋଇଯିବା ପରେ ଖଡ଼ିଆଲ ବ୍ଲକ କାର୍ଯ୍ୟାଳୟ ମୁରବିଶୂନ୍ୟ ହୋଇ ପଡ଼ିଛି। ଏହାପୂର୍ବରୁ ଜନୈକ ଅଧିକାରୀଙ୍କୁ ଖଡ଼ିଆଲ ବିଡିଓ ଭାବରେ ନିଯୁକ୍ତି ଦିଆଯାଇଥିଲା, କିନ୍ତୁ ସେ ମଧ୍ୟ ଏଠାରେ କୌଣସି କାରଣରୁ କାର୍ଯ୍ୟରେ ଯୋଗ ଦେଇପାରି ନଥିବା କଂଗ୍ରେସ କହିଛି। ଏହା ଉପରେ ସରକାର ଧ୍ୟାନ ନଦେଲେ ଏହାର ଆଗାମୀ ଦିନରେ ଖଡ଼ିଆଲ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇବା ସହ ଧାରଣା ଦେବାକୁ ଦଳ ଚେତାବନୀ ଶୁଣାଇଛି।

# ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ



**କେସିଙ୍ଗା, ୧୮ ।୬(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବିଦ୍ୟାପୀଠ ପରିସରରେ ବୁଧବାର କଳାହାଣ୍ଡି ଓଷ୍ଟାର କେସିଙ୍ଗା ଶାଖା ଆନୁକୂଲ୍ୟରେ ଦ୍ୱିତୀୟ ବ୍ଲକସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛାତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଦମ୍ୟ ଇଚ୍ଛା ଶକ୍ତି, ନିରବଚ୍ଛିନ୍ନ ଅଧ୍ୟବସାୟ ହିଁ ସଫଳତାର ମୂଳ ଚାବିକାଠି ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ପ୍ରଶାନ୍ତି ପଧାନ, କେସିଙ୍ଗା ମହା ବିଦ୍ୟାଳୟ ଅର୍ଥନୀତି ବିଭାଗ ରିଡର ରାଜେଶ ଅଗ୍ରୱାଲ, କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା, ସାରଙ୍ଗଧର ଠାକୁର, ମୃତ୍ୟୁଞ୍ଜୟ ବେହେରା, ସନ୍ତୋଷ ରଥ, ପ୍ରଭାତ ରଥ, ଭବାନୀଶଙ୍କର ମିଶ୍ର, ଦୁଷ୍ମନ୍ତ ଶେଖର ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦଶମ ଶ୍ରେଣୀ ପରୀକ୍ଷାରେ ଏ-୧ ସ୍ଥାନ ଅଧିକାର କରିଥିବା ଜନତା ହାଇସ୍କୁଲର ଛାତ୍ର ଦୁଷ୍ମନ୍ତ ରଣାଙ୍କୁ ଆଦର୍ଶ ମେଧାବୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ୩୦ଟି ହାଇସ୍କୁଲର ଟପ୍ପରଙ୍କ ସହ ସେମାନଙ୍କ ପିତାମାତା ଏବଂ ବିଦ୍ୟାଳୟ ମୁଖ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭୟ ଦେବତାଙ୍କ ସଭାପତିତ୍ୱରେ ଏହି ସମାବେଶରେ ସମୀର ବେହେରା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ଜି. କ୍ରିଷ୍ଣା ରେଡ୍ଡୀ ସଂଯୋଜନା କରିଥିଲେ।

# ଜାତୀୟ ରାଜପଥରେ ଗଦା ହୋଇଛି ନିର୍ମାଣ ସାମଗ୍ରୀ



**କୋକସରା, ୧୮ ।୬(ସମିସ):** କୋକସରା ବ୍ଲକ ଆମପାଣି ବ୍ୟାଙ୍କ ନିକଟସ୍ଥ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଜଣେ ବ୍ୟକ୍ତି କୋଠା ନିର୍ମାଣ ପାଇଁ ଅନେକ ଦିନ ହେଲା ବାଲି, ଗେଟି ଓ ଇଟା ଆଦି ସାମଗ୍ରୀ ରଖିଛନ୍ତି; ଯାହାକି ପ୍ରତି ମୂହୁର୍ତ୍ତରେ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି । ଜାତୀୟ ରାଜପଥ ହେତୁ ଦୈନନ୍ଦିନ ଶହ ଶହ ଗାଡ଼ି ଏହି ରାସ୍ତାଦେଇ ଚଳାଚଳ କରୁଛି । ପୁଣି ଏଠାରେ ଅନେକ ଦୋକାନ ସହ ଷ୍ଟେଟ ବ୍ୟାଙ୍କ ରହିଛି । ତେଣୁ ସର୍ବଦା ଲୋକଙ୍କ ଗହଳି ଲାଗିରହିଥାଏ । ସେହିଭଳି ରାସ୍ତା ଉପରେ ଥିବା ପୋଲ ମଧ୍ୟ ସଂକୀର୍ଣ୍ଣ । ଏଣୁ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତେବେ ଏହି ନିର୍ମାଣ ସାମଗ୍ରୀ ଉଠାଇବାକୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ବାରମ୍ବାର ତାଗିଦ୍ କରୁଛନ୍ତି । ସେ କିନ୍ତୁ ଶୁଣୁ ନାହାନ୍ତି ।

# ଅଳ୍ପ ଦିନରେ ପିଚୁ ଉଠିଗଲାଣି



**ଜୟପାଟଣା, ୧୮ ।୬ (ସମିସ):** ମୁଖୀଗୁଡା ଇନ୍ଦ୍ରାବତୀ ଡାହାଣ ମୁଖ୍ୟ କେନାଲ ମୁଖୀଗୁଡାଠାରୁ କଲମପୁର ପର୍ଯ୍ୟନ୍ତ କେନାଲ ରାସ୍ତା ପୁଣି ଶୋଚନୀୟ ହୋଇପଡ଼ିଛି । ଦୀର୍ଘ ବର୍ଷ ଧରି ଏହି ରାସ୍ତା ମରାମତି ହୋଇ ନ ଥିଲା । ସ୍ଥାନୀୟ ଜନସାଧାରଣଙ୍କ ଦାବି ଫଳରେ ଅପେକ୍ଷାର ଅନ୍ତ ଘଟିଥିଲା । କେନାଲ ରାସ୍ତା କାମ ହୋଇଥିଲା; ହେଲେ ଅଳ୍ପ କେଇ ଦିନ ଭିତରେ ପିଚୁ ଉଠି ଗଲାଣି । ଏଣୁ ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ସୃଷ୍ଟି ହୋଇଛି । ନିମ୍ନମାନର କାମ ଯୋଗୁଁ ପିଚୁ ଉଠି ଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

# ଜୟପାଟଣା ଅଞ୍ଚଳରେ ବେଲଗାମ ପଥର ମାଫିଆ

**ପଦା ହେଲାଣି ଡଙ୍ଗର: ପ୍ରଦୂଷିତ ହେଉଛି ଭୂମି, ଜଳ**

**କୋମାରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ**

**ମନଇଚ୍ଛା ସ୍ଥାପନ ହେଉଛି କ୍ରସର ୟୁନିଟ୍**

**ଅନୁମତିଠାରୁ ଅଧିକ ଖନନ ହେଉଛି**

**ଧୂଳି ଉଡି ଅଞ୍ଚଳରେ ଅଣନିଃଶ୍ୱାସୀ କରୁଛି**



**ଜୟପାଟଣା, ୧୮ ।୬(ସମିସ)**

ଜୟପାଟଣା ଅଞ୍ଚଳରେ ପଥର ମାଫିଆଙ୍କ ଉପରେ ପ୍ରଶାସନର କୌଣସି ଲଗାମ ନାହିଁ । ପଥରଖଣି ଗୁଡ଼ିକରୁ ଅନୁମତିଠାରୁ ଅଧିକ ଖନନ ହେଉଛି । ମନଇଚ୍ଛା କ୍ରସର ୟୁନିଟ୍ ସ୍ଥାପନ ହେଉଛି । ଏହାଫଳରେ ଅନେକ ଡଙ୍ଗର ପଦା ହୋଇଗଲାଣି । ଏଥିଯୋଗୁଁ ଭୂମି, ଜଳ, ବାୟୁ ପ୍ରଦୂଷିତ ହେଉଛି । ଧୂଳି ଉଡି ଅଞ୍ଚଳରେ ଅଣନିଃଶ୍ୱାସୀ କରୁଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ କିନ୍ତୁ କୋମାରେ ଅଛି ।

କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନାରେ ୬ଟନ୍ ବିସ୍ଫୋରକ ଜବତ ଘଟଣାରେ ଅଦ୍ୟାବଧି ୫ଜଣ ଗିରଫ ହେଲାଣି; କିନ୍ତୁ ବିସ୍ଫୋରକ ସାମଗ୍ରୀ ଯୋଗାଇଥିବା କଳିଙ୍ଗ ଆଣ୍ଡ କୋର ମାଲିକାନା ଥିବା ଅନୁପ ଅଗ୍ରୱାଲ ଓ ଦୀପକ ଜୈନଙ୍କୁ ଏଯାଏଁ ପୁଲିସ ଗିରଫ କରିନାହିଁ କିମ୍ବା ତାଙ୍କ ଷ୍ଟକ ଯାଞ୍ଚ କରାଯାଇ ନାହିଁ । କେଉଁଠାରୁ, କିଭଳି ଏବଂ କେଉଁ କାରଣରୁ ଏତେ ପରିମାଣର ପୁଣି ଅନୁମତିଠାରୁ ଅଧିକ କ୍ଷମତା ବିଶିଷ୍ଟ ବିସ୍ଫୋରକ ଖୋଲାଖୋଲି ଚାଲାଣ ହେଉଥିଲା ତାହା ଲୋକଲୋଚନକୁ ଆସିପାରି ନାହିଁ । ଓଡ଼ିଶା ବିସ୍ଫୋରକ ନିୟମ-୨୦୦୮ ଅନୁଯାୟୀ ବିସ୍ଫୋରକ ସାମଗ୍ରୀ ଉତ୍ପାଦନ, ସଂରକ୍ଷଣ, ପରିବହନ ଓ ବ୍ୟବହାରକୁ ନିୟନ୍ତ୍ରଣ କରେ । ଏହାକୁ ପେଟ୍ରୋଲିୟମ ଓ ବିସ୍ଫୋରକ ସୁରକ୍ଷା ସଂଘଟନ (ପେସୋ) ଦ୍ୱାରା ପରିଚାଳିତ କରାଯାଏ; କିନ୍ତୁ ଏଠାରେ ସମ୍ପୂର୍ଣ୍ଣ ଭାବେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ତେବେ ଏହା ନୂଆ କଥା ନୁହେଁ । ପୂର୍ବରୁ ମଧ୍ୟ ଏଭଳି ବିସ୍ଫୋରକ ଆଣି କ୍ରସର ମାଲିକମାନେ ରାତାରାତି ବଡ଼ ବଡ଼ ପାହାଡ଼କୁ ଉଡାଇଛନ୍ତି । କେବଳ ଅଧିକ ପଥର ଖନନ ତଥା ଅଧିକ ପ୍ରୋସେସିଂର କାରଣ ଦର୍ଶାଇ ତହସିଲ ଓ ଖଣି ବିଭାଗ ପକ୍ଷରୁ ଜରିମାନା ହୋଇଛି । ତହସିଲ ଓ ଖଣି ବିଭାଗ ଜରିମାନା କାଟି ନିଜର ସବୁ ଦୋଷ ଦୁର୍ବଳତାକୁ ଘୋଡାଇ ଦେଉଛି । ପଥର ଖନନ ତୁଳନାରେ କ୍ରସର ମାଲିକ ଓ ଖଣି ମାଲିକଙ୍କୁ ଜରିମାନା କୌଣସି ଫରକ ପଡୁନାହିଁ । ଅନେକ କ୍ରସର ଅଛି ଯାହାର ଆବଶ୍ୟକ କାଗଜପତ୍ର ମଧ୍ୟ ନାହିଁ । ତେବେ ପଥର ଖଣିରୁ କେତେ କ୍ୟୁବିକ ମିଟର ପଥର ଉଠାଣ କରାଯାଇଛି ଏବଂ କେତେ ରାଜସ୍ୱ ପୈଠ ହୋଇଛି ତାହାର ତଦନ୍ତ ହେଲେ ସମସ୍ତେ ଜଲକା ହୋଇଯିବେ । ଅନ୍ୟପକ୍ଷରେ ଗୋଟିଏ ସ୍ଥାନରୁ ଲିଜ୍ ନେଇ ଅନ୍ୟ ସ୍ଥାନରେ ପଥର ଖନନ ମଧ୍ୟ କରାଯାଉଛି । ପଥର ଖଣି ଲିଜ୍‌ଧାରୀ କେଉଁ କ୍ଷମତାସମ୍ପନ୍ନ ବିସ୍ଫୋରକ ବ୍ୟବହାର କରିବେ, କେତେ ମିଟର ଡ୍ରିଲ୍ କରାଯିବ, କେତେ ମେସିନ ବ୍ୟବହାର ହେବ, କେତେ ଶ୍ରମିକ ବ୍ୟବହାର ହେବ ସେ ସବୁର ନିୟମ ରହିଛି; କିନ୍ତୁ ଜୟପାଟଣା ଅଞ୍ଚଳରେ ଏହାର ଅନିୟମିତତା ଦେଖା ଦେଇଛି । ବେଆଇନ ଭାବେ ବିସ୍ଫୋରଣରେ ବଡ଼ ବଡ଼ ପାହାଡ଼ ବର୍ତ୍ତମାନ ପଦା ହୋଇଗଲାଣି । ଏହାଫଳରେ ସେଠାରେ ଥିବା ଗଛ ନଷ୍ଟ ହେବା ସହ ପଶୁପକ୍ଷୀ, ସରୀସୃପଙ୍କ ବଂଶ ଲୋପ ପାଇବାକୁ ବସିଲାଣି । ଅଞ୍ଚଳର ଭୂମି, ଜଳ ଓ ବାୟୁ ପ୍ରଦୂଷିତ ହେବାରେ ଲାଗିଛି । ଧୂଳି ଉଡି ଲୋକଙ୍କ ମଧ୍ୟରେ ଅନେକ ଶ୍ୱାସ ଜନିତ ରୋଗ ମଧ୍ୟ ହେଉଛି । ଜମିର ଉର୍ବରତା ନଷ୍ଟ ହେଉଛି । ପ୍ରାୟ କ୍ରସର ଓ ପଥର ଖଣିରେ ଯାହା ନିୟମ ପାଳନ ତଥା ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ରହିବା କଥା ରହୁନାହିଁ । ଧୂଳି ଗୁଣ୍ଡ ଉଡି ଅଞ୍ଚଳର ଗଛପତ୍ର ନଷ୍ଟ ହେବାରେ ଲାଗିଛି । ସେହିଭଳି ପଥର ଖନନ ପରେ ଚାରା ରୋପଣ ନିୟମ ଥିଲେ ମଧ୍ୟ ତାହା କରାଯାଉ ନାହିଁ । ଦିନ ରାତି ଧରି ପଥର ଚାଲାଣ ହେଉଛି । ରାଜସ୍ୱ ଫାଙ୍କିବାକୁ ସବୁ ପ୍ରକାର ଉଦ୍ୟମ ହେଉଛି ।

# ବିଶିଷ୍ଟ ବ୍ୟବସାୟୀ ନିରଞ୍ଜନ ଲାଲ ଅଗ୍ରୱାଲଙ୍କ ପରଲୋକ

**ଧର୍ମଗଡ଼, ୧୮।୬(ସମିସ):** ଧର୍ମଗଡ଼ ସହରର ବିଶିଷ୍ଟ ବ୍ୟବସାୟୀ ନିରଞ୍ଜନ ଲାଲ ଅଗ୍ରୱାଲ (୮୩)



ଙ୍କ ବୁଧବାର ପରଲୋକ ହୋଇଯାଇଛି । ଶ୍ରୀ ଅଗ୍ରୱାଲ ସୋମବାର ଅସୁସ୍ଥ ହୋଇ ପଡ଼ିଥିଲେ । ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେବା ସହ ଅକ୍ସିଜେନ ଲେବଲ କମି ଯାଇଥିଲା । ଏଣୁ ପରିବାର ଲୋକେ ତାଙ୍କୁ ରାତିରେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ବୁଦବାର ଭବାନୀପାଟଣାସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି ।

# ବିକାଶ ବାହନ ରଥକୁ ସ୍ୱାଗତ





**ବୌଦ୍ଧ, ୧୮ ।୬(ସମିସ):** ବୌଦ୍ଧ ବ୍ଲକ ଆମ୍ବଝରୀ ପଞ୍ଚାୟତ କାର୍ଯ୍ୟାଳୟରେ ବିକାଶ ବାହନ ରଥକୁ ସ୍ୱାଗତ କରାଯାଇଛି । ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଲୋକଙ୍କୁ ସଚେତନ କରାଇବା ସହ ବିଭିନ୍ନ ଯୋଜନାର ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ କରିଥିଲେ । ସେହିପରି ଚାଷୀଙ୍କୁ କିଶାନ କ୍ରେଡିଟ କାର୍ଡ ବଣ୍ଟନ କରାଯାଇଥିଲା । ସରପଞ୍ଚ ପ୍ରେମାନନ୍ଦ ବାଘଙ୍କ ସହ ସମସ୍ତ ୱାର୍ଡସଭ୍ୟ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଉପସ୍ଥିତ ଥିଲେ ।

**ଶଗଡ଼ା:** କଣ୍ଟାମାଳ ବ୍ଲକ ଖଳିଆପାଲି ପଞ୍ଚାୟତରେ ମଧ୍ୟ ବିକାଶ ବାହାନକୁ ଭବ୍ୟ ସ୍ୱାଗତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, କଣ୍ଟାମାଳ ଭାରପ୍ରାପ୍ତ ବିଡ଼ିଓ ଧନଞ୍ଜୟ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରିଲିପ ନାଏକ, ପ୍ୟାକ୍ସ କର୍ମଚାରୀ, ବନ ବିଭାଗ କର୍ମଚାରୀ, ବ୍ଲକ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ପଟ୍ଟା, ଗୃହ ନିର୍ମାଣ ଲାଗି କାର୍ଯ୍ୟାଦେଶ, ଭତ୍ତା, ମନରେଗା ଜବ୍‌କାର୍ଡ, ରାସନ କାର୍ଡ, ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ କରାଯାଇଥିଲା । ଏହି ଅବସରରେ ପଞ୍ଚାୟତ ପରିସରରେ ଚାରା ରୋପଣ କରାଯାଇଥିଲା ।

## କଳାହାଣ୍ଡି ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ

# ଆସିଲେନି ଅନେକ ଅଧିକାରୀ, ରାଗିଗଲେ ଏଡିଏମ୍

**କେତେକ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ଏଡିଏମ୍‌ଙ୍କ ବିରକ୍ତି ପ୍ରକାଶ**

**ରାଜସ୍ୱ ଆଦାୟରେ ରାଜ୍ୟରେ ପ୍ରଥମ**

**୨ ମାସରେ ୮ କୋଟି ୪୮ ଲକ୍ଷ ରାଜସ୍ୱ ଆଦାୟ**

**ଏପ୍ରିଲ ଓ ମେ’ରେ ୭୮ ଦୁର୍ଘଟଣା; ୩୫ ମୃତ**

**ଭବାନୀପାଟଣା, ୧୮ ।୬(ସମିସ):** କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ତେବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକକୁ କେତେକ ଅଧିକାରୀ ହେୟଜ୍ଞାନ କରି ଆସି ନ ଥିଲେ । ଏହାକୁ ନେଇ ବୈଠକରେ ଅଧ୍ୟକ୍ଷତା କରୁଥିବା ଅତିରିକ୍ତ ଜିଲ୍ଲାପାଳ ତଥା ଏଡିଏମ୍ ତନ୍ମୟ ଦରୱାନ ବିରକ୍ତି ପ୍ରକାଶ କରିଥିଲେ । ଯେଉଁ ଅଧିକାରୀମାନେ ଉପସ୍ଥିତ ନ ଥିଲେ ସେମାନଙ୍କ ଉଦ୍ଦେଶ୍ୟରେ ସେ ତାଗିଦ କରିଛନ୍ତି । ଅଧିକାରୀମାନେ ନିଜ ନିଜର ଦାୟିତ୍ୱ ସୂଚାରୁ ରୂପେ ଅଧିକ ଯତ୍ନବାନ୍ ହୋଇ ତୁଲାଇବା ପାଇଁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ରାଜସ୍ୱ ଆଦାୟରେ ୨ ମାସ ପାଇଁ ୯.୦୫ କୋଟି ଧାର୍ଯ୍ୟ ଥିବାବେଳେ ୮.୪୦ କୋଟି ସଂଗ୍ରହ କରି କଳାହାଣ୍ଡି ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନରେ ରହିଥିବା ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ ସୂଚନା ଦେଇଥିଲେ । ହାତୀବ୍ରିଜରୁ ସଂଯୋଗ କରୁଥିବା ବାସୁଗୁଡ଼ା ରାସ୍ତାର ଗାଡୱାଲ୍ ନ ଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟୁଛି । ସେହିପରି ଜୟପାଟଣାରୁ ସସତୁଗୁଡା ନବରଙ୍ଗପୁରକୁ ସଂଯୋଗ କରୁଥିବା ରାସ୍ତା ଟୁଲୁଘାଟି ରାସ୍ତାର ଗାଡ଼ୱାଲ ନ ଥିବାରୁ ବହୁ ସମୟରେ ଦୁର୍ଘଟଣାର ଶିକାର ହୋଇ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି । ଜୟପାଟଣାଠାରୁ ପରୁଆଗୁଡ଼ା ରାସ୍ତା, ତେମରାଠାରୁ ବଡ଼ ଚେରେଗାଁ, ବଡକୁଟୁରୁଠାରୁ ପାତ୍ରବସା ରାସ୍ତା, ଫୁର୍ଲିଝରଣ ଠାରୁ ଜାକମ୍, ଗଡ଼ିସାଲଠାରୁ ଲାଞ୍ଜିଗଡ଼, ମୁଷାପାଲିଠାରୁ ଚାରବାହାଲ, ଜୁନାଗଡ଼ଠାରୁ ରାସ୍ତା, କଦଳୀଘାଟି ଲାଞ୍ଜିଗଡ଼ ରାସ୍ତାର ଅବସ୍ଥା ବହୁତ୍ ଖରାପ ଥିବାରୁ ବିଭିନ୍ନ ସମୟରେ ଯାତ୍ରୀ ମୃତ୍ୟୁ ମୁଖରେ ପଡୁଛନ୍ତି । ଏହି ସବୁ ରାସ୍ତାର ଆବଶ୍ୟକ ମରାମତି, ଗାଡ଼ୱାଲର ନିର୍ମାଣ ବ୍ୟବସ୍ଥା ତୁରନ୍ତ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି । ଏପ୍ରିଲ ଓ ମେ’ ମାସରେ ୭୮ଟି ସଡକ ଦୁର୍ଘଟଣାରେ ୩୫ଜଣଙ୍କ ମୃତ୍ୟୁ ଘଟିଛି । ଜୁନ ମାସରେ ମଧ୍ୟ ମୃତ୍ୟୁ ସଂଖ୍ୟା କିଛି କମ୍ ନାହିଁ ବୋଲି ବୈଠକରେ ଆଲୋଚନା ହୋଇଥିଲା । ଜାତୀୟ ରାଜପଥ ବିଭାଗ ଅଧିକାରୀ ବଲଦିଆମାଲଛକଠାରୁ କେସିଙ୍ଗା ପର୍ଯ୍ୟନ୍ତ ସୌରଶକ୍ତି ଚାଳିତ ଆଲୋକୀକରଣ ନିମନ୍ତେ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଦେଇଥିବା ପ୍ରସ୍ତାବର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ବଲଦିଆମାଲ ଛକଠାରୁ କେସିଙ୍ଗା ମଧ୍ୟରେ ୮୦% ସଡ଼କ ଦୁର୍ଘଟଣା ଘଟୁଥିବା ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଥିଲେ । ତେଣୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାକୁ ଗୁରୁତର ସହ ନେଇ ଆବଶ୍ୟକ ସୌର ଶକ୍ତିଚାଳିତ ଆଲୋକ ଲଗାଇବା ପାଇଁ ପରାମର୍ଶ ଦିଆଯାଇଛି । କଲମପୁରରୁ ଥୁଆମୂଳ ରାମପୁର, ଜୟପାଟଣାରୁ ମହୁଲପାଟଣା ରାସ୍ତାର ଆବଶ୍ୟକ ମରାମତି ତୁରନ୍ତ କରିବା ପାଇଁ ଅତିରିକ୍ତ ଜିଲାପାଳ ଶ୍ରୀ ଦରୱାନ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲା ଆଞ୍ଚଳିକ ପରିବହ ବିଭାଗୀୟ କାର୍ଯ୍ୟର ଅଗ୍ରଗତି, ସଡ଼କ ସୁରକ୍ଷା, ଦୁର୍ଘଟଣା ଜନିତ ମୃତ୍ୟୁ, ଟ୍ରାଫିକ ସମସ୍ୟା, ବେପରୁଆ ଗାଡି ଚାଳକଙ୍କ ପାଇଁ ଦଣ୍ଡ ବିଧାନ, ସଡ଼କ ସୁରକ୍ଷା ନିୟମକୁ କଡାକଡି ପାଳନ ଦିଗରେ ସଚେତନତା କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ କମିଟିର ସଦସ୍ୟ, ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, ଜିଲ୍ଲା ବେସରକାରୀ ବସ୍ ଆସୋସିଏସନର ସଭାପତି ପ୍ରବୋଧ କୁମାର ରଥ, ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗୀୟ ଅଧିକାରୀ, ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତି

# ଜିରୋ କାଜୁଆଲ୍‌ଟି ଉପରେ ଗୁରୁତ୍ୱ

**ସୋନପୁର, ୧୮ ।୬(ସମିସ):** ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜରୁରିକାଳୀନ ଶାଖା ଦ୍ୱାରା ଆହୁତ ବୈଠକରେ ଜିଲ୍ଲାରେ ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ପାଇଁ ବିଭାଗୀୟ ପ୍ରସ୍ତୁତି ଓ କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା । ସମସ୍ତ ବିଭାଗ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ବନ୍ୟା ଆଶ୍ରୟସ୍ଥଳୀମାନଙ୍କରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ସହ ବନ୍ୟା ସମ୍ବନ୍ଧୀୟ ଯେକୌଣସି ପୂର୍ବ ସୂଚନାର ଜନ ସଚେତନତା ଓ ଗୋଷ୍ଠୀ ସହଭାଗିତା ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ସହ ଜିଲ୍ଲାରେ ଜିରୋ କାଜୁଆଲିଟି ଉପରେ ଯତ୍ନବାନ ହେବାକୁ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ସମସ୍ତ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବାକୁ ସମ୍ପୃକ୍ତ ଅଧିକାରୀ ଓ ବିଡ଼ିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା ରାଜ୍ୟ ରିଲିଫ କମିଶନ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ମୟୁରେସ ପଣ୍ଡା ଯୋଗଦେଇ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଓସଡ଼ମା ଓ ଏନଡିଆରଏଫର ଭୂମିକା ଉପରେ ଆଲୋକପାତ କରିଥିଲେ । ଏଥିରେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଉପଜିଲ୍ଲାପାଳ ଡଃ. ସୌମ୍ୟରୂପା ରଥ ପ୍ରମୁଖ ଥିଲେ ।





**ଧର୍ମଗଡ଼:** ସେହିଭଳି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମଧ୍ୟ ପ୍ରାକୃତିକ ବିପର୍ଯ୍ୟ ମୁକାବିଲା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଅଶୋକ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟର ସଭାଗୃହରେ ଏହି ବୈଠକ ବସିଥିଲା । ବର୍ଷାଋତୁକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟର ମୁକାବିଲା କରିବା ପାଇଁ ଆଲୋଚନା ହୋଇଥିଲା । ବିପର୍ଯ୍ୟ ପୂର୍ବରୁ ପରେ ସମ୍ଭାବ୍ୟ ପରିସ୍ଥିତିକୁ କିପରି ମୁକାବିଲା କରାଯିବ ତାହାକୁ ନେଇ ସହରର ବିଭିନ୍ନ ସରକାରୀ ବିଭାଗର ଅଧିକାରୀମାନେ ପ୍ରତିନିଧିତ୍ୱ କରିଥିଲେ । ଉପାଧ୍ୟକ୍ଷା ମନୀଷା ମିଶ୍ର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଉପଖଣ୍ଡ ଚିକିତ୍ସାଳୟର ମ୍ୟାନେଜର ସୁମେଶ ନାଏକ, ଏବିଇଓ ବିଶ୍ୱଜିତ ବେହେରା ପ୍ରମୁଖ ଆଲୋଚନାରେ ନିଜ ନିଜର ମତାମତ ପ୍ରଦାନ କରିଥିଲେ । ରବୀନ୍ଦ୍ର ପରିଡ଼ା, ଆଶିଷ ପଣ୍ଡା, ଯଶୋବନ୍ତ ମହାପାତ୍ର, ସୁମେଶ୍ୱର୍ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ଦୁଷ୍ମନ୍ତ ଧଙ୍ଗଡ଼ା ମାଝୀ ପରିଚାଳନା କରିଥିଲେ ।

## ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

# ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଆରମ୍ଭ ହେବ ମ୍ୟୁଜିକ୍ ଥେରାପି

**ନୂଆପଡ଼ା, ୧୮।୬(ସମିସ)**





ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟ ଓ ଅଣ ସଂକ୍ରାମକ ରୋଗ ନିୟନ୍ତ୍ରଣ କାର୍ଯ୍ୟର ବୁଧବାର ଜିଲ୍ଲାପାଳ ମଧୁସୂଦନ ଦାଶ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମନୋଜ କୁମାର ସାହୁ, ଏଡିଏମ୍‌ଓ ଡା. ଲଳିତ ମୋହନ ବିଶି, ଡା. ଉମାକାନ୍ତ ମେହେର, ଜିଲ୍ଲାର ସମସ୍ତ ଡାକ୍ତରଖାନାର ମୁଖ୍ୟ ଅଧିକାରୀ, ବୈଷୟିକ ଅଧିକାରୀମାନେ ଯୋଗ ଦେଇଥିଲେ । ଏପ୍ରିଲରୁ ଜୁନ୍ ୧୫ ମଧ୍ୟରେ ଜିଲ୍ଲାରେ ମାତୃ ମୃତ୍ୟୁ ସଂଖ୍ୟା ୩ ହୋଇଥିବା ବେଳେ ଶିଶୁ ମୃତ୍ୟୁ ୩୯ ରହିଥିବା ନେଇ ଏଥିରେ ତଥ୍ୟ ଉପାସ୍ଥାପନ କରାଯାଇଥିଲା । ଏହା ପରେ ଜିଲ୍ଲାରୁ ମାତୃ ଓ ଶିଶୁ ମୃତ୍ୟୁ ହାର ଶୂନ୍ୟ କରିବା ପାଇଁ ସମସ୍ତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ପ୍ରସ୍ତୁତ ହୋଇଥିବା ୨, ୮୮, ୪୧୯୯ ସ୍ୱାସ୍ଥ୍ୟ ବୀମା କାର୍ଡ ମଧ୍ୟରୁ ୧, ୪୯, ୩୦୧ କାର୍ଡ ହିତାଧିକାରଙ୍କୁ ବଣ୍ଟନ କରାଯାଇଛି । ସମସ୍ତ ସ୍ୱାସ୍ଥ୍ୟ ବୀମା କାର୍ଡ ଅତିଶୀଘ୍ର ହିତାଧିକାରୀଙ୍କୁ ବଣ୍ଟନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଏପ୍ରିଲରୁ ଜୁନ୍ ୧୫ ମଧ୍ୟରେ ୨୧୩୬ ଜଣ ରକ୍ତଚାପ ରୋଗୀ, ୧୩୫୬ ଜଣ ମଧୁମେହ ରୋଗୀ ଏବଂ ୬୩୦୬ ସିକିଲ ସେଲ ରୋଗୀ ଚିହ୍ନଟ ହୋଇଥିବା ଏଥିରେ ଉପସ୍ଥାପନ କରାଯାଇଥିଲା । ଜିଲ୍ଲାର ସମସ୍ତ ଅଣ ସଂକ୍ରାମକ ରୋଗୀଙ୍କୁ ଚିହ୍ନଟ କରି ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ବୋଲି ସୂଚାଯାଇଥିଲା । ସେହିପରି ଜିଲ୍ଲାକୁ ସମ୍ପୂର୍ଣ୍ଣ କୁଷ୍ଠ ରୋଗ ଓ ଟିବି ମୁକ୍ତ କରିବା ସହିତ ସମସ୍ତ ଶିକ୍ଷାନୁଷ୍ଠାନକୁ ତମାଖୁ ମୁକ୍ତ କରିବା ପାଇଁ ଜିଲ୍ଲାପାଳ ସମସ୍ତ ଡାକ୍ତର ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଛନ୍ତି । ଜିଲ୍ଲାପାଳଙ୍କ ଏକ ଅଭିନବ ପଦକ୍ଷେପ ସ୍ୱରୂପ ଜିଲ୍ଲାର ସମସ୍ତ ଡାକ୍ତରଖାନାର ୱାର୍ଡମାନଙ୍କରେ ମ୍ୟୁଜିକ୍ ଥେରାପି ବ୍ୟବସ୍ଥା କରାଯିବା ନେଇ ଜିଲ୍ଲାପାଳ ସୂଚାଯାଇଥିଲେ । ୱାର୍ଡମାନଙ୍କରେ ଲୋକପ୍ରିୟ ଭଜନ ତଥା ପୁରୁଣା ଚଳଚ୍ଚିତ୍ର ସଙ୍ଗୀତ ମଧୁର ସ୍ୱରରେ ବଜାଯିବ । ଏହା ରୋଗୀଙ୍କ ବିଷାଦ ଦୂର କରି ସେମାନଙ୍କୁ ଶାନ୍ତି ପ୍ରଦାନ କରିବ । ଯାହା ସେମାନଙ୍କୁ ଶୀଘ୍ର ଆରୋଗ୍ୟ ପ୍ରଦାନ କରିବ ବୋଲି ଜିଲ୍ଲାପାଳ କହିଥିଲେ । ଜିଲ୍ଲାର ବିଭିନ୍ନ କ୍ଲିନିକ୍‌ରେ ଅବୈଧ ଲିଙ୍ଗ ନିରୂପଣ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବାରୁ ଜିଲ୍ଲାରେ କନ୍ୟା ଜନ୍ମହାର ବୃଦ୍ଧି ପାଇଛି । ଏହାକୁ ଆହୁରି ଆଗକୁ ବଢ଼ାଇବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମୀକ୍ଷା ବୈଠକ

# ପରିମଳ ଓ ଡ୍ରେନେଜ୍ ବ୍ୟବସ୍ଥାକୁ ଗୁରୁତ୍ୱ

**ତରଭା, ୧୮।୬(ସମିସ):** ତରଭା ଏନ୍‌ଏସିସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନେଇ ସମୀକ୍ଷା ବୈଠକ ବୁଧବାର ଏନ୍‌ଏସି ସଭାଗୃହରେ ଅନୁଷ୍ଠିତ ହୋଇଛି । ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ପର୍ଯ୍ୟବେକ୍ଷକ ମୟୁରେଶ ପଣ୍ଡା, ଡିପିଓ ବିଶ୍ୱନାଥ ନାଏକ, ତରଭାର ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ, ଉପ ନଗରପାଳ ଗଗନ ଅଗ୍ରୱାଲ, ବିପିଏମ୍ ଅଶୋକ ମିଶ୍ର, କାଉନସିଲର ସୁଜାତା ରଥ, ଯମୁନା ସେଠ, ଆକବର ଅଲ୍ଲୀ ପ୍ରମୁଖ ଯୋଗଦେଇ ସହରର ପରିମଳ ଓ ଡ୍ରେନେଜ୍ ବ୍ୟବସ୍ଥା ଉପରେ ସମୀକ୍ଷା କରିଥିଲେ । ମୌସୁମୀ ବର୍ଷା ତଥା ଆଗକୁ ଆସୁଥିବା ରଥଯାତ୍ରାକୁ ଦୃଷ୍ଟିରେ ରଖି ଡ୍ରେନେଜ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ପରିମଳ ବ୍ୟବସ୍ଥା ଉପରେ ସତର୍କ ଦୃଷ୍ଟି ଦେବାକୁ ଏଥିରେ ଗୁରୁତ୍ୱଦିଆଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟର ଏନଏସି ନୋଡାଲ ଅଧିକାରୀ ଭାବରେ ସୁରେଶ ଶିକାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସହର ସମସ୍ତ ଡ୍ରେନ୍ ସଫା କରାଯାଇ ବର୍ଷା ପାଣି ନିଷ୍କାସନର ସୁବିଧା କରାଯାଇଥିବା ପରିମଳ ବିଶେଷଜ୍ଞ ହରିହର ଭୋଇ ସୂଚନା ଦେଇଥିଲେ । ସହରରେ ବିଶୁଦ୍ଧ ଜଳ ଯୋଗାଣ ନେଇ ସମସ୍ତ ବ୍ୟବସ୍ଥା କରାଯାଉଛି, ଡାଇରିଆ ସ୍ଥିତିରେ ସମସ୍ତେ ସତର୍କ ରହିବା ସହ ଖୋଲା କୂଅ, ନଳକୂପ ପାଣି ନପିଇ ଟ୍ୟାପ୍‌ରେ ଆସୁଥିବା ପାଣି ପିଇବାକୁ କୁହାଯାଇଥିବା ସହରାଞ୍ଚଳ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ଦୀପକ ମେହେର କହିଥିଲେ ।



ବର୍ତ୍ତମାନ ନଳକୂପ ଓ ପାଇପ୍ ଲାଇନ ସବୁ ଯାଞ୍ଚ କରାଯାଇ ବ୍ଲିଚିଂ ପାଉଡର ପକାଯାଉଥିବା ସେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ମେହେର, ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ସରକାରୀ ବିଭାଗର ଅଧିକାରୀ, ବିଭିନ୍ନ ମହିଳା ସଂଗଠନର ନେତ୍ରୀ ଯୋଗଦେଇଥିଲେ । ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ନେଇ ଏନ୍‌ଏସି କିରାଣୀ ବିଶ୍ୱ ରଞ୍ଜନ ମିଶ୍ର ଓ ସିମାଞ୍ଚଳ ପାତ୍ର ସୂଚନା ଦେଇଥିଲେ ।

## ଇରାନର ୨ ପରମାଣୁ ଠିକଣା କ୍ଷତିଗ୍ରସ୍ତ; ବିକିରଣ ଆରମ୍ଭ

**ସ୍ପଷ୍ଟକଲା ଆଇଏଇଏ**

ଭିଏନା, ୧୮।୬ (ଏଜେନ୍ସି): ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଘମାଘୋଟ ଲଢେଇ ଜାରି ରହିଛି। ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ ଜାରି ରଖିଥିବାବେଳେ ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସି (ଆଇଏଇଏ) ବଡ଼ ସୂଚନା ଦେଇଛି। ଇରାନର ଦୁଇ ପ୍ରମୁଖ ଆଣବିକ ଠିକଣାରେ ଇସ୍ରାଏଲ ଆକ୍ରମଣ ସ୍ପଷ୍ଟ କରିଛି। ଏଥିରୁ ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ) କରୁଥିବା ଦାବି ସତ୍ୟ ପ୍ରମାଣିତ ହୋଇଛି। ଆଇଏଇଏ ସୂଚନା ଅନୁଯାୟୀ ଇସ୍ରାଏଲ ଯୁଦ୍ଧ ବିମାନର ବୋମାବର୍ଷାରେ ଆଣବିକ କେନ୍ଦ୍ର 'ତେସା କରାଜ ୱାର୍କସପ୍' ଏବଂ 'ତେହରାନ ରିସର୍ଚ୍ଚ ସେଣ୍ଟର' କ୍ଷତିଗ୍ରସ୍ତ ହୋଇଛି। କରାଜରେ ଦୁଇଟି କୋଠା ଧ୍ୱଂସ ହୋଇଛି। ଏଠାରେ ସେଣ୍ଟ୍ରିଫ୍ୟୁଜ ଉପାଦାନ ପ୍ରସ୍ତୁତ କରାଯାଉଥିଲା। ଗୋଟିଏ କୋଠାରେ 'ଆଡଭାନ୍ସଡ ସେଣ୍ଟ୍ରିଫ୍ୟୁଜ ରୋଟର' ନିର୍ମାଣ କରାଯାଉଥିଲା। ଏହାକୁ ତେହରାନରେ ପରୀକ୍ଷା କରାଯାଉଥିଲା।



ନତାଞ୍ଜ ସାଇଟ୍ ଉପରେ ପରୋକ୍ଷ ଭାବେ ଆକ୍ରମଣ କରାଯାଇଥିଲା ବୋଲି ପ୍ରଥମେ କୁହାଯାଉଥିଲା। ମାତ୍ର ଆଇଏଇଏ ସ୍ପଷ୍ଟ କରିଛି ଯେ ଆକ୍ରମଣରେ ନତାଞ୍ଜର ଭୂତଳ ହଲ୍ ଗୁଡିକ କ୍ଷତିଗ୍ରସ୍ତ ହୋଇଛି। ଉପଗ୍ରହ ଚିତ୍ରରୁ ଏହି ସୂଚନା ମିଳିଛି। ଏହି ଦୁଇ ଠିକଣାରୁ ବିକିରଣ ଏବଂ ରାସାୟନିକ ପ୍ରଦୂଷଣ ଆରମ୍ଭ ହୋଇଯାଇଥିବା କୁହାଯାଇଛି। ତେବେ ଇରାନର ଅନ୍ୟ ପରମାଣୁ ଠିକଣାଗୁଡିକର ସ୍ଥିତି ଅପରିବର୍ତ୍ତିତ ରହିଥିବା କୁହାଯାଇଛି। କାରଣ ଆଇଇଏ ଏ ସବୁ ଠିକଣାର ଯାଞ୍ଚ କରିପାରିନାହିଁ।

## ଅପରେସନ 'ସିନ୍ଧୁ' ଆରମ୍ଭ ଇରାନରୁ ଫେରୁଛନ୍ତି ୧୧୦ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ, ୧୮।୬(ଏଜେନ୍ସି): ମଧ୍ୟପ୍ରାଚ୍ୟର ଦୁଇ ଦେଶ ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଏବେ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ଇରାନରେ ଫସିଥିବା ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବାକୁ ଭାରତ ସରକାର 'ଅପରେସନ ସିନ୍ଧୁ' ଆରମ୍ଭ କରିଛନ୍ତି। ଏହିକ୍ରମରେ ଉତ୍ତର ଇରାନରୁ ଭାରତୀୟ ଦୂତାବାସ ପ୍ରଥମ ପର୍ଯ୍ୟାୟରେ ୧୧୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱଦେଶ ପଠାଇବାକୁ ବ୍ୟବସ୍ଥା କରିଛି। ବୁଧବାର ଭାରତୀୟ ସମୟ ଅପରାହ୍ଣ ୨.୫୫ରେ ଏମାନେ ଇରାନ ଛାଡିଥିବା ବେଳେ ଗୁରୁବାର ସକାଳେ ଭାରତରେ ପହଞ୍ଚିବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଏମାନଙ୍କ ମଧ୍ୟରେ ଜମ୍ମୁ-କଶ୍ମୀରର ୯୦ ଜଣ ଛାତ୍ର ସାମିଲ ରହିଛନ୍ତି। ବାକି ଛାତ୍ରମାନେ କର୍ଣ୍ଣାଟକ ଓ ଉତ୍ତରପ୍ରଦେଶର ବୋଲି କୁହାଯାଇଛି। ଏହି ଛାତ୍ରମାନେ ମେଡିକାଲ ଅର୍ଥାତ ଏମ୍‌ବିବିଏସ୍ ଡିଗ୍ରୀ ହାସଲ କରିବାକୁ ଇରାନ ଯାଇଥିଲେ। ଇରାନର ୟେରେଭାନରୁ ଦୋହା ବାଟ ଦେଇ ଛାତ୍ରମାନେ ଦିଲ୍ଲୀରେ ପହଞ୍ଚିବେ। ଇରାନରେ ରହୁଥିବା ସବୁ ବିଦେଶୀ ନାଗରିକଙ୍କ ସୁରକ୍ଷା ପାଇଁ ଆମେ ବେଶ୍ ତତ୍ପର ଓ ସେମାନଙ୍କୁ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଉଛୁ ବୋଲି ଦିଲ୍ଲୀସ୍ଥିତ ଇରାନ ଉପ- ରାଷ୍ଟ୍ରଦୂତ ମହମ୍ମଦ ଜାଭେଦ୍ ହୋସେଇନି କହିଛନ୍ତି। ଭାରତ ଓ ଇରାନ ବୈଦେଶିକ ମନ୍ତ୍ରଣାଳୟ ମଧ୍ୟରେ ଉତ୍ତମ ସମନ୍ୱୟ ଓ ସହଯୋଗ ରହିଛି। ଇରାନ ଛାଡିବାକୁ ଚାହୁଁଥିବା ସବୁ ଭାରତୀୟ ନାଗରିକଙ୍କୁ ଆମେ ସହଯୋଗ କରିବାକୁ ବଦ୍ଧ ପରିକର ବୋଲି ସେ କହିଛନ୍ତି। ପର୍ଯ୍ୟାୟକ୍ରମେ ଅନ୍ୟ ଭାରତୀୟ ନାଗରିକଙ୍କୁ ଫେରାଇଆଣିବାକୁ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।

### ବାନ୍ଧବୀଙ୍କୁ ଚାକରାଣୀ କରି ପଠାଇଲେ ଆଇନ ଛାତ୍ରୀ

## ୪୮ ଘଣ୍ଟାରେ ୩୦ ଲକ୍ଷ ଚୋରି କରି ଡାକ୍ତରଙ୍କ ଘରୁ ଫେରାର

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ଦିଲ୍ଲୀର ମଡେଲ ଟାଉନ ଅଞ୍ଚଳରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଏଠାରେ ରହୁଥିବା ଜଣେ ଆଇନ ଛାତ୍ରୀ ୩୦ ଲକ୍ଷ ଟଙ୍କା ଚୋରି କରିବା ପାଇଁ ଚଳଚ୍ଚିତ୍ର ଶୈଳୀରେ ଷଡ଼ଯନ୍ତ୍ର କରିଛନ୍ତି। ଏଥିରେ ଦୁଇ ବାନ୍ଧବୀଙ୍କୁ ସାମିଲ କରିଛନ୍ତି। ଏଥିପାଇଁ ଜଣେ ବାନ୍ଧବୀଙ୍କୁ ଚାକରାଣୀ କରି ଜଣେ ଡାକ୍ତରଙ୍କ ଘରକୁ ପଠାଇ ଥିଲେ। ସେ ମାତ୍ର ଦୁଇ ଦିନରେ ୩୦ ଲକ୍ଷ ଟଙ୍କା ଏବଂ ମୋବାଇଲ ଚୋରାଇ ନେଇଥିଲେ। ଏହା ପରେ ତିନି ଜଣ ଯାକ ଫେରାର ହୋଇ ଯାଇଥିଲେ। ତେବେ ପୁଲିସ ସିସିଟିଭି ଫୁଟେଜ ଏବଂ ଅନ୍ୟ ପ୍ରଯୁକ୍ତିବଦ୍ୟା ଆଧାରରେ ଅଭିଯୁକ୍ତଙ୍କୁ ଧରିଥିଲା। ଦଇ ଜଣଙ୍କୁ ମିରଟ ଏବଂ ଜଣଙ୍କୁ ସହାରନପୁରରୁ ଗିରଫ କରାଯାଇଛି। ଆଇନ ଛାତ୍ରୀ ରଜନୀ (୨୭) ଏହାର ମାଷ୍ଟରମାଇଣ୍ଡ ଥିଲେ। ସେ ଶିଳ୍ପୀ (୧୯)ଙ୍କୁ ଚାକରାଣୀ କରି ଡ. ଅନିଲ ରହେଜାଙ୍କ ଘରକୁ ପଠାଇ ଥିଲେ। ଗତ ୧୨ ତାରିଖରେ ପୁଲିସକୁ ଫୋନ କରି ଚାକରାଣୀ ଭାବେ ରଖଥିବା ତନବୀର କୌର ଏହା ନେଇ ପଳାଇଛି ବୋଲି ଡାକ୍ତର କହିଥିଲେ। ଯାଞ୍ଚରୁ ଜଣାପଡ଼ିଥିଲା ଯେ ତନବୀରଙ୍କ ପ୍ରକୃତ ନାମ ଶିଳ୍ପୀ। ପୁଲିସ ଏହି ଚୋରି ଟଙ୍କା ଜବତ କରିଛି।

## ମଦ ଦୁର୍ନୀତି: ଜଗନଙ୍କ ଘନିଷ୍ଠ ସହଯୋଗୀ ଗିରଫ

ବେଙ୍ଗାଲୁରୁ, ୧୮।୬ (ଏଜେନ୍ସି): ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କ ଘନିଷ୍ଠ ସହଯୋଗୀ ତଥା ୱାଇଏସଆରସିପି ସାଧାରଣ ସମ୍ପାଦକ ଚେଭିରେଡ୍ଡୀ ଭାସ୍କର ରେଡ୍ଡୀଙ୍କୁ ବେଙ୍ଗାଲୁରୁରୁ ଗିରଫ କରାଯାଇଛି। ବହୁ କୋଟି ଟଙ୍କାର ମଦ ଦୁର୍ନୀତି ମାମଲାରେ ଆନ୍ଧ୍ର ପୁଲିସ ଏସ୍‌ଆଇଟି ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ପୂର୍ବରୁ ଭାସ୍କରଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଥିଲା। ସେ ବିଦେଶ ପଳାଇବା ପାଇଁ ପ୍ରୟାସ କରୁଥିଲେ। ଏଥିପାଇଁ ବେଙ୍ଗାଲୁରୁ ବିମାନବନ୍ଦରରେ ପହଞ୍ଚିଥିଲେ। ମାତ୍ର ଏହା ପୂର୍ବରୁ ଇମିଗ୍ରେସନ ଅଧିକାରୀମାନେ ତାଙ୍କୁ ଧରି ନେଇଥିଲେ। ଏହାର ସୂଚନା ପାଇବା ପରେ ଆନ୍ଧ୍ର ପୁଲିସ ପହଞ୍ଚି ବୁଧବାର ବଡ଼ି ଭୋରରେ ଭାସ୍କର ଏବଂ ତାଙ୍କ ସହଯୋଗୀ ଭେଙ୍କଟେଶ ନାଇଡୁଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ବିଜୟୱାଡା ନିଆଯାଇଛି। ଏହି ମାମଲାରେ ଚନ୍ଦ୍ରଗିରିର ପୂର୍ବତନ ବିଧାୟକ ଭାସ୍କରଙ୍କ ସମେତ ୬ ଜଣ ଅଭିଯୁକ୍ତ ଅଛନ୍ତି। ଏ ପର୍ଯ୍ୟନ୍ତ ଏହି ମାମଲାରେ ୩୯ ଜଣଙ୍କୁ ଗିରଫ କରାଗଲାଣି।

## ଗୋଟିଏ ନମ୍ବରକୁ ୧୧୩ଥର ଫୋନ୍

ଲକ୍ଷ୍ନୌ, ୧୮।୬(ଏଜେନ୍ସି): ଟ୍ରାନ୍ସପୋର୍ଟ ବ୍ୟବସାୟୀ ରାଜା ରଘୁବଂଶୀ ହତ୍ୟା ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଏଥିରେ ମୁଖ୍ୟ ଅଭିଯୁକ୍ତ ତଥା ରାଜାଙ୍କ ପତ୍ନୀ ସୋନମ ଦୁଇଟି ମୋବାଇଲ ନମ୍ବର ବ୍ୟବହାର କରୁଥିଲା। କଲ୍ ଡିଟେଲ୍ ଅନୁସାରେ ସୋନମ୍ ମାର୍ଚ୍ଚ ମାସରେ ୨୫ ଦିନ ମଧ୍ୟରେ ୧୧୯ ଥର କଲ କରି କଥା ହୋଇଥିଲେ। ସେ ଦୀର୍ଘ ସମୟ ଧରି ସଞ୍ଜୟ ବର୍ମାଙ୍କ ସହ କଥା ହୋଇଥିଲେ ବୋଲି କୁହାଯାଉଛି। ତେବେ ଶିଲଂ ପୁଲିସ ଆନୁଷ୍ଠାନିକ ଭାବେ ଏ ନେଇ କିଛି ସୂଚନା ଦେଇନାହିଁ। ବୁଧବାର ଅପରାହ୍ଣରେ ପୁଲିସ୍ ସୋନମର ଘରେ ପହଞ୍ଚି ତା'ର ମା ଓ ଭାଇ ଗୋବିନ୍ଦଙ୍କୁ ବନ୍ଦ କୋଠରୀରେ ପଚରାଉଚରା କରିଥିଲା। ସେପଟେ ଫତେପୁର ଜିଲ୍ଲାରେ ରାଜା ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ରାଜ୍ କୁଶୱାହର ଜେଜେମା ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି। ରାଜ ନିର୍ଦ୍ଦୋଷ ବୋଲି ଜେଜେମା ମୃତ୍ୟୁ ପୂର୍ବରୁ କହିଥିବା କଥା ପରିବାର ଲୋକେ କହିଛନ୍ତି।

## ୧୫ ଦିନରେ ମିଳିବ ଭୋଟର କାର୍ଡ

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ଏଥର ଭୋଟର ତାଲିକା ସଂଶୋଧନର ୧୫ ଦିନ ଭିତରେ ଲୋକଙ୍କୁ ନୂଆ ଭୋଟର ଆଇଡି ମିଳିବ। ନିର୍ବାଚନ କମିଶନଙ୍କ ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। କାର୍ଡ ପ୍ରଦାନ ଲାଗି ନୂଆ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଥିରେ ନୂଆ ପଞ୍ଜିକରଣ କିମ୍ବା ଆଇଡିରେ ଥିବା ସୂଚନା ପରିବର୍ତ୍ତନ ସାମିଲ ରହିଛି। ଏହା ବ୍ୟତୀତ ଭୋଟରଙ୍କୁ ଏସ୍‌ଏମ୍‌ଏସ୍ ମଧ୍ୟ ମିଳିବ। ଏହା ମାଧ୍ୟମରେ କାର୍ଡ ସ୍ଥିତିର ସୂଚନା ଦିଆଯିବ। ଏବେ ଭୋଟର କାର୍ଡ ମିଳିବାକୁ ମାସେରୁ ଅଧିକ ସମୟ ଲାଗିଯାଉଛି।

## କରୋନା: ୨୪ ଘଣ୍ଟାରେ ଆଉ ୪ ମୃତ

ନୂଆଦିଲ୍ଲୀ, ୧୮।୬(ଏଜେନ୍ସି): କରୋନାର ନୂଆ ଭ୍ୟାରିଏଣ୍ଟ ସଂକ୍ରମଣରେ ଦେଶରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୨୪ ଘଣ୍ଟା ୪ଜଣ ମୃତ୍ୟୁବରଣ କରିଛନ୍ତି। ମହାରାଷ୍ଟ୍ରରୁ ୨ଜଣ ଏବଂ ଦଲ୍ଲୀ ଓ କେରଳରୁ ଜଣେ ଲେଖାଏ ଜୀବନ ହରାଇଛନ୍ତି। ୨୦୨୫ ଜାନୁଆରୀରୁ ଏପର୍ଯ୍ୟନ୍ତ କରୋନାରେ ମୋଟ୍ ୧୧୩ ଜଣ ଜୀବନ ହରାଇଛନ୍ତି। କେରଳରେ ମୃତ୍ୟୁ ସଂଖ୍ୟା ସର୍ବାଧିକ ୩୬ ହୋଇଥିବା ବେଳେ ମହାରାଷ୍ଟ୍ରରେ ୩୧ ଓ ଦିଲ୍ଲୀରେ ୧୩ ଜଣ ମୃତ୍ୟୁବରଣ କରିଛନ୍ତି। ଦେଶର ୩୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କରୋନାର ୬୪୮୩ ଆକ୍ଟିଭ କେସ୍ ଦେଖିବାକୁ ମିଳିଛି।

## କର୍ଣ୍ଣାଟକରୁ ନେଇ ଗୋଆରେ ପ୍ରେମିକାକୁ ହତ୍ୟା

ପାନାଜୀ, ୧୮।୬(ଏଜେନ୍ସି): ବିବାହ କରିବାକୁ ଦୁହେଁ ଗୋଆ ଯାଇଥିଲେ। କିନ୍ତୁ ସେଠାରେ ପହଞ୍ଚିବା ପରେ କଥା ଅଲଗା ହୋଇଥିଲା। ଜଣେ ୨୨ ବର୍ଷୀୟ କର୍ଣ୍ଣାଟକ ଯୁବକ ତାଙ୍କ ପ୍ରେମିକାଙ୍କୁ ନିର୍ମମ ଭାବେ ହତ୍ୟା କରିଛି। ଦକ୍ଷିଣ ଗୋଆର ପ୍ରତାପ ନଗରରେ ଯୁବତୀଙ୍କ ମୃତଦେହ ମିଳିଥିଲା। ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ଦୁହେଁ ବେଙ୍ଗାଲୁରୁରୁ ଗୋଆ ଆସିଥିଲେ। ଗିରଫ ଯୁବକ ହେଉଛନ୍ତି ସଞ୍ଜୟ କେଭିନ ଏମ୍। ସେ ନର୍ଥ ବେଙ୍ଗାଲୁରୁରେ ରୁହନ୍ତି। ସେହିପରି ଯୁବତୀ ଜଣକ ହେଉଛନ୍ତି ଏହି ଅଞ୍ଚଳର ୨୨ ବର୍ଷୀୟା ରୋସନୀ ମୋସେସ୍ ଏମ୍। ଘଟଣା ପରେ ଯୁବକ ଫେରାର ହୋଇଯାଇଥିଲେ। ତାଙ୍କୁ କର୍ଣ୍ଣାଟକର ହୁବାଲିରେ ଗିରଫ କରାଯାଇଥିଲା। ବିବାହ କରିବାକୁ ଆସିଥିଲେ ମଧ୍ୟ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା ଓ ଏହା ଶେଷରେ ହତ୍ୟାର ରୂପ ନେଇଥିଲା ବୋଲି ପୁଲିସ କହିଛି।

# ବଢ଼ିଲା ବିମାନବନ୍ଦର ସୁରକ୍ଷା ଚିନ୍ତା

## ସୁରକ୍ଷା ମାନଦଣ୍ଡ ପୂରଣ କରୁନାହାନ୍ତି ଅହମଦାବାଦ ସମେତ ଅନେକ ବିମାନବନ୍ଦର

■ ଅନେକ ସ୍ଥାନରେ ହୋଇନି ବଫର ଜୋନ୍

■ ଭିତ୍ତିଭୂମି ସୁରକ୍ଷାକୁ ଗମ୍ଭୀରତାର ସହ ନେଉନାହାନ୍ତି

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ପରେ ସାରା ଦେଶରେ ବିମାନ ଯାତ୍ରୀଙ୍କ ସୁରକ୍ଷା ଚିନ୍ତା ବୃଦ୍ଧି ପାଇଛି। ଏ ଦିଗରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପଦକ୍ଷେପ ନେଇ ସୁରକ୍ଷା ଯାଞ୍ଚ ମଧ୍ୟ ନିର୍ଦ୍ଦେଶ ଦେଇଛି। ଏପରି ସମୟରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଅହମଦାବାଦ ସମେତ ଅନେକ ବିମାନବନ୍ଦର ମୌଳିକ ସୁରକ୍ଷା ମାନଦଣ୍ଡ ପୂରଣ କରୁନାହିଁ ବୋଲି ଜଣାପଡ଼ିଛି। ଡିଜିସିଏ ନିୟମ, ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ (ଏଏଆଇ) ର ଦାବି ଏବଂ ୨୦୧୯ର ପର୍ଯ୍ୟବେକ୍ଷଣ ରିପୋର୍ଟ ଥିବା ସତ୍ତ୍ୱେ ପୁଣି ବିମାନ ଦୁର୍ଘଟଣା ହୋଇଥିଲା। ଏହାକୁ ନେଇ ଅବଷ୍ଟାକଲ ଲିମିଟେସନ ସରଫେସ (ଓଏଲଏସ) ପକ୍ଷରୁ କୁହାଯାଇଛି ଯେ ରନୱେର ଆଖପାଖରେ ସ୍ଥାୟୀ ନିର୍ମାଣ କିମ୍ବା ଆବାସିକ କୋଠା ରହିବା ଅନୁଚିତ। କିନ୍ତୁ ଅହମଦାବାଦ ବିମାନବନ୍ଦରରେ ଏ ସବୁ ସୁରକ୍ଷା ମାନଦଣ୍ଡ ପାଳନ ହୋଇନାହିଁ। ଏଥିରେ ସ୍ପଷ୍ଟ ହେଉଛି ଯେ ବିମାନ ଦୁର୍ଘଟଣା କେବଳ ଯାନ୍ତ୍ରିକ ନ ଥିଲା, ସଂସ୍ଥାଗତ ଏବଂ ପ୍ରଶାସନିକ ସ୍ତରର ମଧ୍ୟ ବିଫଳତା ଥିଲା।

ଏଏଆଇ ୨୦୧୮ରେ ଅହମଦାବାଦ ବିମାନବନ୍ଦରରେ ବଫର ଜୋନ ନିର୍ମାଣ କରିବା ଲାଗି ଗୁଜରାଟ ସରକାରଙ୍କୁ ୨୯.୭୯ ଏକର ଜମି ମାଗିଥିଲା। ଏହାକୁ ମଞ୍ଜୁରି ମଧ୍ୟ ମିଳିଥିଲା। କିନ୍ତୁ ଜମି ମିଳିବା ପ୍ରକ୍ରିୟା ଏବେ ବି ଜାରି ରହିଛି। କାରଣ ଏହି ଅଞ୍ଚଳରେ ୩୫୦ ପରିବାର ରହୁଛନ୍ତି। ଏମାନଙ୍କୁ ହଟାଇବା ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ। ଦେଶରେ ବିମାନ ଯାତ୍ରୀଙ୍କ ସଂଖ୍ୟା ବଢୁଛି। କିନ୍ତୁ ରନୱେ ସେଫ୍ଟି, ବଫର ଜୋନ ଏବଂ ଓଏଲଏସ ଭଳି ମୌଳିକ ଭିତ୍ତିଭୂମି ସମସ୍ୟା ବଡ଼ ଅବହେଳାର କାରଣ ପାଲଟିଛି। ଡିଜିସିଏର ଏରୋଡ୍ରମ ଇନ୍‌ସ୍ପେକ୍ଟର ହାଣ୍ଡବୁକ୍ ଏବଂ ସିଭିଲ ଆଭିଏସନ ରିକ୍ୱାରମେଣ୍ଟ (ସିଏଆର) ଅନୁଯାୟୀ ପ୍ରତ୍ୟେକ ରନୱେ ଶେଷରୁ ୯୦ରୁ ୨୪୦ ମିଟର ପର୍ଯ୍ୟନ୍ତ ରନୱେ ଆଣ୍ଡ ସେଫ୍ଟି ଏରିଆ (ରେସା) ହେବା ଜରୁରୀ। ଡିଜିସିଏର ବାର୍ଷିକ ଇନସ୍ପେକ୍ସନ ରିପୋର୍ଟ ଏବଂ ଏୟାରପୋର୍ଟ ଇନଫ୍ରାଷ୍ଟ୍ରକ୍ଚର ପ୍ରୋଜେକ୍ଟର ଅଧ୍ୟୟନରୁ ଜଣାପଡ଼ିଛି ଯେ ଦେଶର ଅନେକ ବିମାନବନ୍ଦରରେ ରେସା, ଓଏଲଏସ କିମ୍ବା ଜମି ଅଧିଗ୍ରହଣ ଭଳି ମୌଳିକ ମାନଦଣ୍ଡ ପୂରଣ କରିପାରିନାହାନ୍ତି। ତ୍ରିଭେନ୍ଦ୍ରମ, କୋଏମ୍ବାଟୁର, ମହୀଶୂର ଏବଂ ମାଙ୍ଗାଲୁରୁ ଭଳି ସହରରେ ରନୱେ ସମ୍ପ୍ରସାରଣ କିମ୍ବା ସୁରକ୍ଷା ଜୋନ୍ ପାଇଁ ମଗା ଯାଇଥିବା ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏଭଳି ଭାବେ ଗ୍ୱାଲିୟର ରନୱେ ପ୍ରସ୍ତାବ ଦୀର୍ଘ ବର୍ଷ ହେଲା ଅଟକି ରହିଛି।



ହିସାରରେ ଉଡ଼ାଣ ଆରମ୍ଭ ହୋଇସାରିଲାଣି। କିନ୍ତୁ ଟ୍ୟାକ୍ସି-ୱେ ଏବଂ ରନୱେ ନିକଟରେ ଓଏଲଏସ ସମ୍ବନ୍ଧିତ ସମସ୍ୟା ଜାରି ରହିଛି। କୁଶିନଗରରେ ଟର୍ମିନାଲ ସହିତ ଆପ୍ରୋଚ ପାଥ୍ ଏବଂ ରନୱେ ସୁଧାର ଅଧାରେ ରହିଛି। ସିମ୍‌ଲା ରନୱେ କେବଳ ୧୧୮୯ ମିଟର ଲମ୍ବା। ପାହାଡ ଯୋଗୁଁ ଏଠାରେ ରେସା ମଧ୍ୟ ସମ୍ଭବ ନୁହେଁ। ରନୱେର ମଧ୍ୟ ସମ୍ପ୍ରସାରଣ ହୋଇପାରିବ ନାହିଁ। ସେହିପରି ଜୈସାଲମେରରେ ରନୱେକୁ ଉଭୟ ବେସାମରିକ ଏବଂ ସାମରିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଉଛି। କିନ୍ତୁ ରନୱେ ସମ୍ପ୍ରସାରଣର କୌଣସି ଯୋଜନା ନାହିଁ। ସେହିପରି କୃଷକଙ୍କ ବିରୋଧ ଯୋଗୁଁ ପୁନେରେ ପ୍ରସ୍ତାବିତ ପୁରନ୍ଦର ବିମାନବନ୍ଦର କାର୍ଯ୍ୟ ଅଟକି ରହିଛି। ପାଟନା ବିମାନବନ୍ଦରକୁ ଚାରିପଟୁ ଜନବସତି, ରେଳ ଲାଇନ ଏବଂ ଚିଡିଆଖାନା ଘେରି ରହିଛି। ଏଠାରେ ରେସା ଉପଯୋଗୀ ହୋଇପାରିବ ନାହିଁ। ରନୱେ ମଧ୍ୟ ସମ୍ପ୍ରସାରଣ ହୋଇପାରିବ ନାହିଁ। ଏଭଳି ସ୍ଥଳେ ଗମ୍ଭୀର ସୁରକ୍ଷା ବିପଦ ସୃଷ୍ଟି ହୋଇପାରେ।

### ବିମାନରେ ଫସିଲେ ବଘେଲ

## ୪୦ ମିନିଟ୍ ଯାଏଁ ଖୋଲିଲାନି ଗେଟ୍



ନୂଆଦିଲ୍ଲୀ, ୧୮।୬(ଏଜେନ୍ସି): ଦିଲ୍ଲୀରୁ ଛତିଶଗଡ଼ ରାଜଧାନୀ ରାୟପୁର ଯାତ୍ରା କରିଥିବା ଇଣ୍ଡିଗୋ ବିମାନରେ ମଙ୍ଗଳବାର ଏକ ବଡ଼ ଅଘଟଣ ଦେଖିବାକୁ ମିଳିଥିଲା। ଏୟାରପୋର୍ଟରେ ବିମାନ ଅବତରଣ କରିସାରିଥିଲେ ମଧ୍ୟ ଏକ ବୈଷୟିକ ତ୍ରୁଟି ଯୋଗୁଁ ଯାତ୍ରୀ ଫସି ରହିଥିଲେ। ଏମାନଙ୍କ ମଧ୍ୟରେ ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଥିଲେ। ବିମାନର ଅବତରଣ ପରେ ୪୦ ମିନିଟ୍ ପର୍ଯ୍ୟନ୍ତ ଗେଟ୍ ଖୋଲି ନଥିଲା। ଫଳରେ ଯାତ୍ରୀମାନେ ବିମାନ ଭିତରେ ଫସି ରହିଥିଲେ। ଏହାକୁ ନେଇ ଆତଙ୍କ ଖେଳିଯାଇଥିଲା। ବଘେଲଙ୍କ ସମେତ କଂଗ୍ରେସ ବିଧାୟକ ଚାତୁରୀ ନନ୍ଦ ଓ ରାୟପୁର ମେୟର ମିନଲ ଚୌବେଙ୍କ ସମେତ ବହୁ ଯାତ୍ରୀ ବିମାନରେ ଥିଲେ। ତେବେ ସମସ୍ତଙ୍କୁ ସୁରକ୍ଷିତ ଭାବେ ବାହାରକୁ ନିଆଯାଇଥିଲା। ବିମାନରେ କିଛି ବୈଷୟିକ ତ୍ରୁଟି ରହିଥିବା ବଘେଲ କହିଛନ୍ତି। ଗେଟ୍ ଲକ୍ ହେବା ଫଳରେ ୪୦ମିନିଟ ପର୍ଯ୍ୟନ୍ତ ଗେଟ୍ ଖୋଲି ନଥିଲା। କାରଣ ଏହି ବିମାନରେ ସିଡି ନଥିଲା। ଏହା ଏୟାର ବ୍ରିଜ୍‌ରେ ଲାଗିବା ପରେ ଯାତ୍ରୀମାନେ ଅବତରଣ କରିଥାନ୍ତି। ଏଥିପାଇଁ ବୋଧେ ଗେଟ୍ ଖୋଲି ନଥିଲା ବୋଲି ବଘେଲ କହିଛନ୍ତି।

## ଦିଲ୍ଲୀରେ ରାତିତମାମ୍ ଅଟକିଲେ ଜୁଏଲ

ନୂଆଦିଲ୍ଲୀ, ୧୮।୬(ଏଜେନ୍ସି): ସୁନ୍ଦରଗଡ଼ ଲୋକସଭା ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ଏବଂ ଜଣାଶୁଣା ଡାକ୍ତର ତଥା ଗାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡା ସୁବ୍ରତ ଆଚାର୍ଯ୍ୟ ଦିଲ୍ଲୀରୁ ଭୁବନେଶ୍ୱର ଆସିବା ବେଳେ ବିମାନରେ ଫସି ରହିଥିବା ଖବର ହସ୍ତଗତ ହୋଇଛି। ଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ବିମାନ ଏଆଇ- ୨୪୮୯ ମଙ୍ଗଳବାର ରାତିରେ ଉଡ଼ାଣ କରିବାର ସମର୍ଥ ହୋଇ ନଥିଲା। ବୈଷୟିକ ତ୍ରୁଟି କାରଣରୁ ବିମାନ ଉଡାଣ ଆରମ୍ଭ କରିପାରି ନଥିଲା ବୋଲି ବିମାନ ବନ୍ଦର କର୍ତ୍ତୃପକ୍ଷ କହିଛନ୍ତି। ଜୁଏଲ, ସୁବ୍ରତଙ୍କ ସମେତ ବହୁ ଯାତ୍ରୀ ବେଶ୍ କେତେ ଘଣ୍ଟା ବିମାନରେ ଫସି ରହିଥିଲେ। ଏହି ବିମାନ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଆଇ) ବିମାନ ବନ୍ଦରରୁ ସନ୍ଧ୍ୟା ୫ଟା ୪୫ରେ ଟେକ୍ ଅଫ୍ କରିବାର କାର୍ଯ୍ୟକ୍ରମ ରହିଥିଲା। ଦୀର୍ଘ ସମୟ ଅପେକ୍ଷା କରିବା ପରେ ଯାତ୍ରୀମାନଙ୍କୁ ବିମାନରୁ ଓହ୍ଲାଇ ଦିଆଯାଇଥିଲା। କିନ୍ତୁ ବିମାନଟି ପୂର୍ବଭଳି ଠିଆ ହୋଇ ରହିଥିଲା ଓ ଯାତ୍ରା ଆରମ୍ଭ କରିପାରି ନଥିଲା। ବହୁଯାତ୍ରୀ ଟର୍ମିନାଲ-୩ର ପ୍ରସ୍ଥାନ ଗେଟ୍ ୩୨ଏରେ ଫସି ରହିଥିଲେ।

## ରାସ୍ତା ଜାମ୍ ପାଇଁ ୨ ବିଧାୟକଙ୍କୁ ବର୍ଷେ ଲେଖାଏଁ ଜେଲ୍ ଦଣ୍ଡ

ଜୟପୁର, ୧୮।୬ (ଏଜେନ୍ସି): ରାସ୍ତା ଜାମ କରିବା ରାଜସ୍ଥାନ କଂଗ୍ରେସର ଦୁଇ ବିଧାୟକଙ୍କ ପାଇଁ ମହଙ୍ଗା ପଡ଼ିଯାଇଛି। ରାସ୍ତା ଜାମ କରି ଆଇନକୁ ହାତକୁ ନେବା ମାମଲାରେ ଲାଣ୍ଡନୁ ବିଧାୟକ ମୁକେଶ ଭାକର, ଶାହପୁର ବିଧାୟକ ମନୀଷ ଯାଦବ, ଝୋଟୱାଡା ଆସନର ପୂର୍ବତନ କଂଗ୍ରେସ ପ୍ରାର୍ଥୀ ଅଭିଷେକ ଚୌଧୁରୀଙ୍କ ସମେତ ୯ ଜଣ ଲୋକଙ୍କୁ ଜୟପୁର ଜିଲ୍ଲା ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ସମସ୍ତଙ୍କୁ ବର୍ଷେ ଲେଖାଏଁ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ତେବେ ଏହି ମାମଲା ୧୧ ବର୍ଷ ତଳର। ୨୦୧୪ ଅଗଷ୍ଟ ୧୩ରେ ସମସ୍ତେ ରାଜସ୍ଥାନ ୟୁନିଭର୍ସିଟିର ମୁଖ୍ୟ ଫାଟକ ବାହାରେ ଥିବା ଜେଏଲଏନ ମାର୍ଗ ଜାମ୍ କରିଥିଲେ। ତେବେ ଦଣ୍ଡ ମିଳିବା ପରେ ସମସ୍ତଙ୍କୁ ଜାମିନ ମିଳିଯାଇଛି। ଏହି ମାମଲାରେ ପୁଲିସ ୨୦୧୬ ଅଗଷ୍ଟ ୧୧ରେ ସମସ୍ତଙ୍କ ବିରୋଧରେ ଆରୋପପତ୍ର ଧାର୍ଯ୍ୟ କରିଥିଲା।

## କାର୍‌ରେ ଜିଅନ୍ତା ଜଳିଗଲେ ୫ ଜଣ

ବୁଲନ୍ଦସହର, ୧୮।୬(ଏଜେନ୍ସି): ଉତ୍ତରପ୍ରଦେଶର ବୁଲନ୍ଦସହରରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାର ସମ୍ମୁଖୀନ ହେବା ପରେ କାର୍‌ରେ ବସିଥିବା ୫ ଜଣ ଲୋକ ଜିଅନ୍ତା ଜଳିଯିବା ସହ ମୃତ୍ୟୁବରଣ କରିଛନ୍ତି। ଦ୍ରୁତଗତିରେ ଆସୁଥିବା ଏକ ସ୍ୱିଫ୍ଟ କାର ପୋଲ ଉପରୁ ୫ ଫୁଟି ତଳକୁ ଖସି ପଡ଼ିଥିଲା। ଫଳରେ କାରରେ ନିଆଁ ଲାଗିଯାଇଥିଲା। କାରରେ ୬ ଜଣ ଲୋକ ବସିଥିବା ବେଳେ ୫ ଜଣ ମୃତ୍ୟୁବରଣ କରିଛନ୍ତି।

## ସରକାରଙ୍କୁ ଘେରିଲା କଂଗ୍ରେସ

■ ଟ୍ରମ୍ପଙ୍କ ସହ ମୁନିରଙ୍କ ଭୋଜନ ଭାରତ ପାଇଁ ତୃତୀୟ ଝଟ୍‌କା

■ ରମେଶଙ୍କୁ ମିଛୁଆ କହିଲା ବିଜେପି

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଫୋନ୍ ବାର୍ତ୍ତାଳାପର ୧୨ ଘଣ୍ଟା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ପୂର୍ବ ଦାବି ଦୋହରାଇଛନ୍ତି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମ୍ଭାବ୍ୟ ଯୁଦ୍ଧକୁ ସେ ଅଟକାଇ ଥିଲେ ବୋଲି କହିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ମୁଁ ଯୁଦ୍ଧ ଅଟକାଇଛି। ମୁଁ ପାକିସ୍ତାନକୁ ଭଲ ପାଉଛି। ପ୍ରଧାନମନ୍ତ୍ରୀ ମୋଦୀ ବହୁତ ବଢିଆ ବ୍ୟକ୍ତି। ମୁଁ ତାଙ୍କ ସହ ରାତିରେ କଥା ହୋଇଥିଲି। ଆମେ ଭାରତ ସହ ବାଣିଜ୍ୟ ଚୁକ୍ତି କରିବୁ ବୋଲି ଟ୍ରମ୍ପ କହିଛନ୍ତି। ତେବେ ମୋଦୀ ଏବଂ ଟ୍ରମ୍ପଙ୍କ ଆଲୋଚନାକୁ ନେଇ କଂଗ୍ରେସ କେନ୍ଦ୍ରକୁ ଘେରିଛି। ଏହି ଆଲୋଚନାକୁ ସରକାର କୂଟନୈତିକ ବିଜୟ ଭାବେ କହୁଥିବାବେଳେ ପ୍ରକୃତରେ ଏହା ଭାରତ ପାଇଁ ଟ୍ରିପଲ୍ ଝଟ୍‌କା ସାବ୍ୟସ୍ତ ହୋଇଛି ବୋଲି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି। ପାକିସ୍ତାନ ସେନାମୁଖ୍ୟ ଆଜି ହ୍ୱାଇଟ ହାଉସ୍‌ରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ମଧ୍ୟାହ୍ନଭୋଜନ କରିବାକୁ ଯାଉଛନ୍ତି। ଆଉ ଏହା କୂଟନୀତିରେ ଭାରତ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଛି। ମୁନିର ପାକିସ୍ତାନ ସରକାରଙ୍କ ମୁଖିଆ ନୁହଁନ୍ତି। ତାଙ୍କର ଉତ୍ତେଜନାପୂର୍ଣ୍ଣ ଭାଷଣ ପହଲଗାମ ଆକ୍ରମଣ ପାଇଁ ରୂପରେଖ ପ୍ରସ୍ତୁତ କରିଥିଲା। ଏହି ଭାଷଣ ପହଲଗାମ ଆକ୍ରମଣ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହିଛି। ମୁନିରଙ୍କୁ ସାକ୍ଷାତ କରିବା ପାଇଁ ଟ୍ରମ୍ପ ଅଧାରୁ ଜି-୭ ବୈଠକ ଛାଡ଼ି ପଳାଇଲେ କି ବୋଲି ରମେଶ ପ୍ରଶ୍ନ କରିଛନ୍ତି। ଟ୍ରମ୍ପଙ୍କ ସହ ଆଲୋଚନା ସମୟରେ ମୁନିରଙ୍କ ପ୍ରସଙ୍ଗ ଉପରେ ଭାରତର ଅସନ୍ତୋଷ ପ୍ରକାଶ କରିବାର ଥିଲା। ଯଦି ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥାନ୍ତେ ତେବେ ଏପରି କରିଥାନ୍ତେ।

ରମେଶ କହିଛନ୍ତି ଯେ କିଛି ଦିନ ତଳେ ଆମେରିକା ସେଣ୍ଟ୍ରାଲ କମାଣ୍ଡ ମୁଖ୍ୟ ଜେନେରାଲ ମାଇକେଲ କୁରିଲ୍ଲା ଆତଙ୍କବାଦୀ ବିରୋଧୀ ଅଭିଯାନରେ ପାକିସ୍ତାନକୁ ଉତ୍ତମ ସହଯୋଗୀ କହିଥିଲେ। ଓସାମା ବିନ୍ ଲାଡେନକୁ ଶରଣ ଦେଇଥିବା ପାକିସ୍ତାନ କେମିତି ଉତ୍ତମ ସହଯୋଗୀ ହୋଇଗଲା? ପାକିସ୍ତାନ ସବୁଠୁ ଉତ୍ତମ ଅପରାଧୀ। ଅପରାଧୀଙ୍କୁ ସହଯୋଗ କରିବା ଭାରତ ପାଇଁ ଝଟ୍‌କା। ଅପରେସନ ସିନ୍ଦୂରକୁ ଅଟକାଇ ଭାରତ-ପାକିସ୍ତାନ ଅସ୍ତ୍ରବିରତି ଲାଗି ୧୪ ଥର ଶ୍ରେୟ ନେବାକୁ ଟ୍ରମ୍ପଙ୍କ ପ୍ରୟାସ ଭାରତ ପାଇଁ ତୃତୀୟ ଝଟ୍‌କା ସାବ୍ୟସ୍ତ ହୋଇଛି। ଏହା ଉପରେ ମେ' ୧୦ ତାରିଖ ପରଠାରୁ ପ୍ରଧାନମନ୍ତ୍ରୀ କିଛି କହି ନ ଥିଲେ। ଅନ୍ୟପକ୍ଷରେ ବିଜେପି ଜୟରାମ ରମେଶଙ୍କୁ ମିଛୁଆ କହିଛି । ତାଙ୍କ ଦଳର ଅନେକ ଲୋକ ମଧ୍ୟ ଏହା ସ୍ୱୀକାର କରିଛନ୍ତି।



## ପୁଣି ଚର୍ଚ୍ଚାରେ ମୋଦୀ-ମେଲୋନୀ

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): କାନାଡ଼ା ଅଲବର୍ଟା ପ୍ରଦେଶର କନନାସ୍କିସରେ ଚାଲିଥିବା ଜି-୭ ବୈଠକ ଶେଷ ହୋଇଛି। ଅତିଥି ରାଷ୍ଟ୍ର ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି-୭ ବୈଠକ ପାଇଁ ସମ୍ମିଳନୀରେ ପହଞ୍ଚି ଥିଲେ। କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ମୋଦୀଙ୍କୁ ସ୍ୱାଗତ କରିଥିଲେ। ଏହା ଉଭୟ ନେତାଙ୍କ ପ୍ରଥମ ସାକ୍ଷାତ ଥିଲା। ଭାରତ-କାନାଡ଼ା ସମ୍ପର୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଦ୍ୱିପାକ୍ଷିକ ଆଲୋଚନାରେ ପୁଣିଥରେ ଉଚ୍ଚାୟୁକ୍ତ ନିଯୁକ୍ତି ଲାଗି ସହମତି ପ୍ରକାଶ କରିଥିଲେ।

ଏଠାରେ ସେ ଅନେକ ବିଶ୍ୱ ନେତାଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ମଧ୍ୟ ମୋଦୀ ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ଚର୍ଚ୍ଚାରେ ଥିଲା। ଉଭୟ ନେତା ପରସ୍ପରକୁ ହର୍ଷ ଉଲ୍ଲାସର ସହ ସ୍ୱାଗତ କରିଥିଲେ। ଇଟାଲୀ ସହ ଭାରତର ବନ୍ଧୁତା ଅଧିକ ଦୃଢ଼ ହେବ ବୋଲି ମୋଦୀ କହିଥିଲେ। ଏହି ଅବସରରେ ମେଲୋନୀ ମୋଦୀଙ୍କୁ ପ୍ରଶଂସା କରିଥିଲେ। ଆପଣ ଶ୍ରେଷ୍ଠ ବୋଲି କହିଥିଲେ। ମୋଦୀଙ୍କ ପରି ହେବାକୁ ପ୍ରୟାସ କରୁଛି ବୋଲି ଉଲ୍ଲେଖ କରିଥିଲେ। ଜି-୭ ସମ୍ମିଳନୀ ପରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ମୋଦୀ କ୍ରୋଏସିଆରେ ପହଞ୍ଚିଛନ୍ତି। ଏଠାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆନ୍ଦ୍ରେଜ ପ୍ଲେଙ୍କୋଭିଚଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଏହା ପୂର୍ବରୁ ମୋଦୀ ସକାଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ଏହି ୩୫ ମିନିଟର ବାର୍ତ୍ତାଳାପରେ ମୋଦୀ 'ଅପରେସନ ସିନ୍ଦୂର' ବିଷୟରେ ଟ୍ରମ୍ପଙ୍କୁ ସୂଚନା ଦେଇଥିଲେ। ବିଦେଶ ସଚିବ ବିକ୍ରମ ମିଶ୍ରି ଏହି ସୂଚନା ଦେଇଛନ୍ତି। ଆଲୋଚନା ସମୟରେ ମୋଦୀ ସ୍ପଷ୍ଟ କରିଥିଲେ ଯେ ଅପରେସନ ସିନ୍ଦୂର ସମ୍ବନ୍ଧିତ ଅସ୍ତ୍ରବିରତି ଆଲୋଚନା ପାଇଁ ବ୍ୟବସାୟକୁ ନେଇ କୌଣସି ଆଲୋଚନା କରାଯାଇ ନ ଥିବା କହିଥିଲେ। ପାକିସ୍ତାନ କହିବାରୁ ହିଁ ଅସ୍ତ୍ରବିରତି ହୋଇଥିଲା। ଭାରତ କେବେ ବି ତୃତୀୟ ପକ୍ଷର ମଧ୍ୟସ୍ଥତା ସ୍ୱୀକାର କରିନି କି କରିବ ନାହିଁ। ଆଉ ଏଥର ଆତଙ୍କବାଦ ଘଟଣାକୁ ଛାମୁଆ ଯୁଦ୍ଧ ନୁହେଁ, ବରଂ ଯୁଦ୍ଧ କାର୍ଯ୍ୟାନୁଷ୍ଠାନ ଭାବେ ଦେଖିବ। ଭାରତର 'ଅପରେସନ ସିନ୍ଦୂର' ଏବେ ବି ଜାରି ରହିଛି। ବିଦେଶ ସଚିବ କହିଛନ୍ତି ଯେ ମୋଦୀ ଟ୍ରମ୍ପଙ୍କ ବିସ୍ତାର ଭାବେ ସବୁ କହିଥିଲେ। ଟ୍ରମ୍ପ ମଧ୍ୟ ଏହା ବୁଝିଥିଲେ। ଆତଙ୍କବାଦ ବିରୋଧୀ ଲଢେଇରେ ଭାରତକୁ ସମର୍ଥନ ଦେଇଥିଲେ।


# ବାଇସ୍କୋପ୍



## ଦଶହରାରେ 'ଚ୍ୟାଲେଞ୍ଜ'

ଖୁବ୍ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ'। ଆଦିଲକ୍ଷ୍ମୀ ଏଣ୍ଟରଟେନ୍‌ମେଣ୍ଟ ଏବଂ ଜି ସାର୍ଥକର ମିଳିତ ଉଦ୍ୟମରେ ନିର୍ମିତ ଏହି ସିନେମାର ଫାଷ୍ଟଲୁକ୍ ଇତିମଧ୍ୟରେ ସାମ୍ନାକୁ ଆସିଛି। ସାମାଜିକ ଗଣମାଧ୍ୟମରେ ଏହାର ଫଟୋ ସେୟାର୍ ହେବା ପରେ ଲୋକମାନେ ଏହାକୁ ଖୁବ୍ ପସନ୍ଦ କରିଛନ୍ତି। ସାଇ କିରଣ ମଙ୍ଗରାଜଙ୍କ ସିନେମାର ନିର୍ଦ୍ଦେଶନା ଦାୟିତ୍ୱରେ ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ଆଦିକନ୍ଦ ସାହୁ। ଏହି ସିନେମାର ମୁଖ୍ୟ ଚରିତ୍ରରେ ଅଭିନୟ କରିବେ ଏଲିନା ଓ ଅର୍ଦ୍ଧେନ୍ଦୁ। ଏହି ଦୁଇ ଯୋଡ଼ିଙ୍କୁ ଦର୍ଶକୀୟ ଆଦୃତି ମିଳିବା ଆଶା କରାଯାଉଛି। ସେହିପରି ସିନେମାର କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ମାନସ ପଢ଼ିଆରୀ। ଏହାର ସଙ୍ଗୀତ ନିର୍ଦ୍ଦେଶନାରେ ଗୌରବ ଆନନ୍ଦ ଥିବା ବେଳେ ନୃତ୍ୟ ନିର୍ଦ୍ଦେଶନାରେ ଅମିତ ନାୟକ ଅଛନ୍ତି। ତେବେ ସିନେମାଟି ଦଶହରାରେ ପ୍ରେକ୍ଷାଳୟକୁ ଆସିବ ବୋଲି କୁହାଯାଉଛି। ■

## ବରୁଣଙ୍କ ନୂଆ ଲୁକ୍



ଲୋକପ୍ରିୟ ହିନ୍ଦୀ ସିନେମା 'ବର୍ଡର' ୧୯୯୭ ମସିହାରେ ମୁକ୍ତିଲାଭ କରିଥିଲା। ଯାହାକି ସୁପରହିଟ୍ ହୋଇଥିଲା। ତେବେ ଏହି ସିନେମାଟି ୧୯୭୧ ମସିହା ଭାରତ- ପାକିସ୍ତାନ ଯୁଦ୍ଧ ଉପରେ ଆଧାରିତ ଥିଲା। ତେବେ ଏବେ ଆସିବାକୁ ଯାଉଛି ଏହାର ଦ୍ୱିତୀୟ ଭାଗ। 'ବର୍ଡର- ୨' ସିନେମା ଘୋଷଣା ହେବା ପରେ ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ଏହାର ସିକ୍ୱେଲର ମୁଖ୍ୟ ଚରିତ୍ରରେ ନଜର ଆସିବେ ସନି ଦେଓଲ। ତେବେ ସନିଙ୍କ ସମେତ ଦିଲଜିତ୍, ଅହାନ, ବରୁଣ ପ୍ରମୁଖ ଏଥିରେ ଅଛନ୍ତି। ସେହିପରି 'ବର୍ଡର- ୨' ସେଟ୍‌ରୁ ନୂଆ ଫଟୋ ସାମ୍ନାକୁ ଆସିଛି। ତେବେ ଏଥିରେ ବରୁଣଙ୍କ ନୂଆ ଲୁକ୍‌କୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ବରୁଣ ଏଥିରେ ନିଶ ରଖିଛନ୍ତି। ତେଣୁ ସେ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ବାରି ହୋଇ ପଡୁଛନ୍ତି। ଅନୁରାଗ ସିଂହଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ୨୦୨୬ ଜାନୁଆରୀ ୨୩ରେ ମୁକ୍ତିଲାଭ କରିବ। ■

## 'ପଦ୍ମାବତୀ' ଭୂମିକାରେ ପିଙ୍କି



ଜୁଲାଇ ୪ ତାରିଖରେ ପରଦାକୁ ଆସିବାକୁ ଯାଉଛି ବହୁ ଚର୍ଚ୍ଚିତ ଓଡ଼ିଆ ସିନେମା 'ଶ୍ରୀଜଗନ୍ନାଥଙ୍କ ନବକଳେବର'। ଶ୍ରୀତମ ଦାସ ଏଥିରେ ରାଜା ପୁରୁଷୋତ୍ତମ ଦେବ ଭୂମିକାରେ ଥିବା ବେଳେ ରାଣୀ ପଦ୍ମାବତୀ ଭୂମିକାରେ ନଜର ଆସିବେ ଅଭିନେତ୍ରୀ ପିଙ୍କି ପ୍ରଧାନ। ପିଙ୍କି କହିଛନ୍ତି, "ମୋ ଅଭିନୟ ଜୀବନରେ ମୁଁ କେବେ କୌଣସି ପୌରାଣିକ ଚରିତ୍ରରେ ଅଭିନୟ କରି ନଥିଲି। ଏହା ହେଉଛି ପ୍ରଥମ। ଏଥିରୁ ଯେଉଁ ଆତ୍ମସନ୍ତୋଷ ପାଇଛି, ତାହା ଆଗରୁ କେବେ ମିଳି ନଥିଲା। ଏତେ ବଡ଼ ଷ୍ଟାର୍‌କାଷ୍ଟଙ୍କୁ ଏତେ ବଡ କାନ୍‌ଭାସର ସିନେମା, ଏହାକୁ ସମ୍ପୂର୍ଣ୍ଣ କରିବା ସବୁଠୁ ବଡ଼ ଚାଲେଞ୍ଜ ଥିଲା ଆମ ପାଇଁ। ସେହି ସମୟକୁ ପୁଣି ଥରେ ପରଦା ଉପରକୁ ଫେରାଇ ଆଣିବା ଏତେ ସହଜ ନଥିଲା। ଏଥିରେ ଓଡ଼ିଆ ଜାତିର ସ୍ୱାଭିମାନ, ସାହସ ଓ ବୀରତ୍ୱର ଗାଥା ରହିଛି। ରହିଛି ଜାତିର ଆରାଧ୍ୟ ଜଗନ୍ନାଥଙ୍କ ପ୍ରତି ସମର୍ପଣ ଓ ଭକ୍ତିର ନିଦର୍ଶନ। ନିର୍ମାଣ ସମୟରେ ଯେଉଁ ସବୁ ବାଧା ବିଘ୍ନ ଆସିଛି ତାହା କିପରି ସବୁ ସମାଧାନ ହୋଇଛି ସେହି ଜଗନ୍ନାଥ ହିଁ ଜାଣନ୍ତି। ଏହି ଚଳଚ୍ଚିତ୍ରର ଏକ ଅଂଶ ହୋଇଥିବାରୁ ମୁଁ ଗୌରାବାନ୍ୱିତ ମନେ କରେ। ମୋତେ ଏହି ସୁଯୋଗ ଦେଇଥିବାରୁ ମୁଁ ପ୍ରଯୋଜିକା ତଥା ନିର୍ଦ୍ଦେଶିକା ବିନି ସାମଲଙ୍କ ପାଖରେ ଚିର ଋଣୀ।" ଏହି ଚଳଚ୍ଚିତ୍ରର ଅନ୍ୟାନ୍ୟ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ସୂର୍ଯ୍ୟମୟୀ, ଜ୍ୟୋତି, ଶିବାନୀ, ଶ୍ରୀତମ, ଅଂଶୁମାନ, କୁନା ତ୍ରିପାଠୀ, ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ରବି ମିଶ୍ର, କେଦାର ମିଶ୍ର, ରତନ ମେହେର, ସାହେବ ସିଂ, ପ୍ରିୟଙ୍କା ସାହୁ, ଋଷି ପଟ୍ଟନାୟକ ଓ ଶମ୍ଭୁନାଥ ଖୁଣ୍ଟିଆ ପ୍ରମୁଖ ଅଭିନୟ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଏକ ଚର୍ଚ୍ଚିତ ନାଟକ ଆଧାରରେ ଏହା ନିର୍ମିତ ହୋଇଛି। ଏଥିରେ ସଙ୍ଗୀତ ଦେଇଛନ୍ତି ମଳୟ ମିଶ୍ର ଓ ଗୁରୁ ଚନ୍ଦ୍ରଭାନୁ ଶତପଥୀ। ଚିତ୍ରୋତ୍ତଳନ କରିଛନ୍ତି ଧ୍ରୁବାନନ୍ଦ ପଣ୍ଡା। ■

## ଓଟିଟିରେ 'କୁହୁଡ଼ି'



ଲୋକପ୍ରିୟ ଓଟିଟି ଷ୍ଟ୍ରିମିଂ ପ୍ଲାଟଫର୍ମ ଆଓ ନେକ୍ସଟ୍‌ରେ ଜୁନ ୧୪ରୁ ଉପଲବ୍ଧ ହୋଇଛି ଓଲିଉଡ୍ ସୁପରଷ୍ଟାର୍ ଅନୁଭବ ମହାନ୍ତିଙ୍କ ସୁପର ହିଟ୍ ଫିଲ୍ମ 'କୁହୁଡ଼ି'। ୨୦୨୪ ରଜରେ ବଡ଼ ପରଦାକୁ ଏହି ଫିଲ୍ମ ମାଧ୍ୟମରେ ଫେରିଥିଲେ ଅନୁଭବ। ଫିଲ୍ମଟି ନିଆରା ପାରିବାରିକ କାହାଣୀ ଉପରେ ଆଧାରିତ ହୋଇଥିବା ବେଳେ ଏହି ଫିଲ୍ମଟି ଦର୍ଶକଙ୍କ ମନକୁ ଛୁଇଁ ଥିଲା। ଅଜୟ ପାଢ଼ୀଙ୍କ ନିର୍ଦ୍ଦେଶିତ 'କୁହୁଡ଼ି' ଫିଲ୍ମରେ ଅନୁଭବ ମହାନ୍ତିଙ୍କ ସହ ଅଭିନେତା ଦ୍ୱୀପନ୍ୱିତ ଦାସ ମହାପାତ୍ର, ଅଭିନେତ୍ରୀ ସୁପ୍ରିୟା ନାୟକ, ପ୍ରକୃତି ମିଶ୍ର ମଧ୍ୟ ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ। କ୍ୟାମେରା କୁଇନ୍ ପ୍ରଡ୍‌କ୍ସନ୍ ପ୍ରସ୍ତୁତ ଏହି ଓଡ଼ିଆ ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଥିଲେ ହିମାଦ୍ରୀ ତନୟ ଦାସ। ସିନେମାର ଅନ୍ୟାନ୍ୟ ଭୂମିକାରେ କୁନା ତ୍ରିପାଠୀ, ସୁକୁମାର ଟୁଡୁ, ସୁଶୀଲ ମିଶ୍ର, ଶକ୍ତି ବରାଳ ଏବଂ ଦୁଇଜଣ ଶିଶୁ କଳାକାର ପିହୁ ଏବଂ ଦୀକ୍ଷା ପ୍ରମୁଖ ଅଛନ୍ତି। ତେବେ ସିନେମାଟି ସମାଜକୁ ଏକ ସୁନ୍ଦର ସଚେତନତା ଏବଂ ଶିକ୍ଷଣୀୟ ବାର୍ତ୍ତା ଦେଇ ଗତିଶୀଳ ହୋଇଛି। ■

## "ଜଣେ କଳାକାର ପାଇଁ ସବୁ ଚରିତ୍ର ସମାନ"

ଗୁରୁ-ଶିଷ୍ୟ ପରମ୍ପରା ସ୍ୱତନ୍ତ୍ର ଓ ଅନନ୍ୟ। ଗୁରୁ ବିନା ଶିକ୍ଷା ଅସମ୍ପୂର୍ଣ୍ଣ। ତେବେ ଏହି ପରି ଏକ ପବିତ୍ର ବୃତ୍ତିକୁ ଆପଣାଇ ଶିଷ୍ୟଙ୍କ ମନରୁ ଅଜ୍ଞାନ ଅନ୍ଧକାର ଦୂରେଇବା ତାଙ୍କର ଲକ୍ଷ୍ୟ ଥିଲା। ହେଲେ ତାଙ୍କ ଭାଗ୍ୟରେ କିଛି ଅଲଗା ଲେଖା ଥିଲା। ରିଆଲିଟି ଶୋ'ରେ ଭାଗ ନେଉ ନେଉ ସେ ପାଲଟିଗଲେ ଜଣେ ଅଭିନେତା। 'ସିନ୍ଦୂରର ଅଧିକାର' ଥିଲା ତାଙ୍କର ପ୍ରଥମ ଧାରାବାହିକ। ବାଲେଶ୍ୱରର ଡାନି ଏକାଧିକ ଧାରାବାହିକରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଛୁଇଁଛନ୍ତି। ଏବେ ସେ 'ଭାଗ୍ୟ ରେଖା' ଧାରାବାହିକରେ ଆଦର୍ଶ ଚରିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି। ତେବେ ସବୁବେଳେ ଫିଟ୍ ଓ ହସ ହସ ମୁହଁରେ ଦର୍ଶକଙ୍କ ହୃଦୟ ଜିଣୁଥିବା ଡାନିଙ୍କଠାରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।



**ଡାନି, ଅଭିନେତା**

**ଧାରାବାହିକକୁ ଯାତ୍ରା କେମିତି ଥିଲା?**

● ମୋ ବାପାମା' ଉଭୟ ସରକାରି ଚାକିରିଆ। ସେମାନଙ୍କ ଇଚ୍ଛା ଥିଲା ପୁଅ ବି ସରକାରି ଚାକିରିଆଟେ ହେବ। ଜଣେ ଶିକ୍ଷକ ଭାବେ ମୁଁ ବୃତ୍ତି ଆରମ୍ଭ କରିଥିଲି। କିନ୍ତୁ ସୌଭାଗ୍ୟବଶତଃ ଏହି ଲାଇନ୍‌କୁ ମୁଁ ଟାଣି ହୋଇ ଆସିଥିଲି। ୨୦୧୬ ମସିହାରେ 'ଲଭ୍ ଇନ୍ ଦୁବାଇ' ରିଆଲିଟି ଶୋ'ର ବିଜେତା ହୋଇଥିଲି। ୨୦୧୯ ମସିହାରେ ଜି ସାର୍ଥକରେ 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍ କି ଖୋଜ୍'ରେ ନିଜକୁ ପ୍ରମାଣିତ କରିବାକୁ ସୁଯୋଗ ମିଳିଲା। ଅଭିନୟ କରିବାକୁ ଆଗ୍ରହ ହେଲା। 'ସିନ୍ଦୂରର ଅଧିକାର' ଧାରାବାହିକରେ ପ୍ରଥମେ କାମ କରିବାକୁ ସୁଯୋଗ ମିଳିଥିଲା। 'କୁନ୍ଦନ' ଚରିତ୍ରରେ ଦର୍ଶକଙ୍କ ଭଲ ପାଇବା ପାଇ 'କେମିତି କହିବି କହ' ପରି ପ୍ରୋଜେକ୍ଟରେ ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କ ସହ କାମ କରିଥିଲି। ଏଥିରେ ପ୍ରଥମ ଥର ନେଗେଟିଭ୍ ରୋଲ୍ କରିଥିଲି।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲ?**

● ପୂର୍ବରୁ ଯେଉଁ ରିଆଲିଟି ଶୋ'ମାନଙ୍କରେ ଥିଲି ସେଠାରେ ପିଲାମାନଙ୍କୁ ବହୁତ ଟ୍ରେଣ୍ଡ କରାଯାଉଥିଲା। ସେବେଠୁ ସଂଳାପ କେମିତି ମନେ ରଖିବି, ଅଭିନୟ କରିବାର କଳା ଜଣାଥିଲା। ହେଲେ ଗ୍ରୁପ୍ ସିନ୍‌ମାନଙ୍କରେ କେମିତି କ୍ଲୋଜ୍ ଯିବ, କ୍ୟାମେରା ଅନୁଯାୟୀ କିଛି ଟେକ୍‌ନିକ୍ କାମ ବିଷୟରେ ଏତେଟା ଜ୍ଞାନ ନ ଥିଲା। ସାମ୍ନାରେ କଳାକାର ନ ଥିଲେ ମୋ' ଲୁକ୍ କେମିତି ଯିବ ଆଦି ବିଷୟରେ ବରିଷ୍ଠ କଳାକାର, ଧାରାବାହିକ ନିର୍ଦ୍ଦେଶକ ମୋତେ ବହୁତ କିଛି ଶିଖାଇଥିଲେ। ଏଥିପାଇଁ ଅଧିକ ସମସ୍ୟା ହୋଇନଥିଲା। ସମସ୍ତଙ୍କଠାରୁ ଶିଖିବାର ମନୋବୃତ୍ତି ରହିଥିବାରୁ ମୁଁ କାମକୁ ସହଜରେ ଗ୍ରହଣ କରୁଥିଲି।

**ଭାଗ୍ୟରେଖା ଧାରାବାହିକକୁ ନେଇ କ'ଣ କହିବେ?**

● 'ମଙ୍ଗଳାଚରଣ', 'ବନ୍ଧନ ଏ ଜନ୍ମ ଜନ୍ମର', 'ଝିଅ ଆମର ନୂଆ ବୋହୂ', 'ତିତ୍‌ଲି' ଆଦି ଧାରାବାହିକରେ କାମ କରିଛି। ପ୍ରାୟତଃ ଧାରାବାହିକରେ ନେଗେଟିଭ୍ ଚରିତ୍ର କରିଛି। ଅଭିନୟ ଜରିଆରେ ଦର୍ଶକଙ୍କୁ କନ୍ଦାଇ ଦେଇଛି। ଧାରାବାହିକ 'ତିତ୍‌ଲି' ପାଇଁ ଶ୍ରେଷ୍ଠ ଖଳନାୟକ ଭାବେ ମୁଁ ପୁରସ୍କୃତ ହୋଇଥିଲି। ଏହା ପରେ 'ଭାଗ୍ୟ ରେଖା' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଥିଲା। ଏଥିରେ ମୁଁ ଶିଖାର ସ୍ୱାମୀ ଭୂମିକାରେ ଅଭିନୟ କରିଛି। ବର୍ଷେ ମୁଁ ସକାରାତ୍ମକ ଚରିତ୍ରରେ କାମ କରି ପୁଣି ଖଳନାୟକ ଭାବେ ଲୋକଙ୍କ ସାମ୍ନାକୁ ଆସୁଛି। ଦର୍ଶକ ମୋତେ ଏବେ ଖଳନାୟକ ଭାବେ ଗ୍ରହଣ କରିବାକୁ ଆଗ୍ରହୀ ନାହାନ୍ତି।

**ଖଳନାୟକ ଭାବେ କାମ କରିବାକୁ କେମିତି ପ୍ରସ୍ତୁତ ହୁଅନ୍ତି?**

● ଜଣେ ଅଭିନେତା ନାୟକ ହେଉ କି ଖଳନାୟକ ଯେକୌଣସି ଚରିତ୍ର କରିବା ପୂର୍ବରୁ ପ୍ରଥମେ ନିଜର ବାସ୍ତବ ପରିଚୟକୁ ଭୁଲିବା ଦରକାର। ଏହା ପରେ ଚରିତ୍ରରେ ହଜିବାକୁ ହୁଏ। ଚରିତ୍ରର ସାନବେଳ କେମିତି ଥିବ, ବୟସ ଅନୁସାରେ ଏହାର ସ୍ୱଭାବରେ କ'ଣ ପରିବର୍ତ୍ତନ ହେବ ତାହାକୁ ଭାବି ମୁଁ ମୋ ନିଜ ଭିତରେ ନାୟକ ଓ ଖଳନାୟକ ଚରିତ୍ରକୁ ଆଣିଥାଏ। ମୁଁ ମୋ କାମକୁ ଗୁରୁତ୍ୱ ଦେଇ ହୃଦୟର ସହିତ କରିଥାଏ।



**ବଡ଼ ପରଦାରେ କାମ କରିବାକୁ ଇଚ୍ଛା ଅଛି କି?**

● ଓଡ଼ିଆ ଫିଲ୍ମରେ ନାୟକ ହେଉ କି ଖଳନାୟକ ଚରିତ୍ର ମିଳିଲେ ନିଶ୍ଚୟ କରିବି। ନିକଟରେ ଟେଲି ଫିଲ୍ମ 'ୱାଇଫ୍ ନୁହେଁ ତୁ ମୋର ୱାଇଫାଇ'ରେ ନାୟକ ଭାବେ ଅଭିନୟ କରିଛି। ଏଥିରେ ମୋ ବିପକ୍ଷରେ ରହିଛନ୍ତି ସ୍ୱପ୍ନା। ଆଗକୁ ହଲ୍ ମୁଭି କରିବାକୁ ପ୍ରସ୍ତୁତି ହେଉଛି। ସମୟ ମିଳିଲେ ଜିମ୍ ଯିବା ସହିତ ଇନ୍‌ଷ୍ଟାଗ୍ରାମ୍‌ରେ ପ୍ରେରଣାଦାୟୀ ଭିଡିଓ ସେୟାର୍ କରୁଛି।

**ଡ୍ରିମ୍ ରୋଲ?**

● ଜଣେ କଳାକାର ପାଇଁ ଛୋଟ ବଡ଼ ଚରିତ୍ର କିଛି ନ ଥାଏ। ଭବିଷ୍ୟତରେ ମୁଁ ଏକ ଚ୍ୟାଲେଞ୍ଜିଂ ଚରିତ୍ର କରିବାକୁ ଚାହିଁବି। ଏହି ଚରିତ୍ର ପାଇଁ ପ୍ରଥମେ ବିଭିନ୍ନ ପ୍ରକାରର ଗବେଷଣା କରିବି। ଏହା ପରେ ସେହି ଚରିତ୍ରରେ ଖେଳିପାରିବି। ଆଉ ମୋର ସେହି ଚରିତ୍ରଟି ଦର୍ଶକଙ୍କୁ ମଧ୍ୟ ପସନ୍ଦ ଆସୁଥିବ। ■

## ପରଦା ପଛର କାହାଣୀ

## ହିନ୍ଦୀ ଫିଲ୍ମରେ ପ୍ରଥମ ଇଂରାଜୀ ଗୀତ



ବର୍ତ୍ତମାନ ବଲିଉଡ୍ ସିନେମାରେ ଅନେକ ଇଂରାଜୀ ଗୀତ ସାମିଲ କରାଯାଉଛି। କିନ୍ତୁ ପୂର୍ବରୁ ଏ ଧାରା ପ୍ରଚଳିତ ନ ଥିଲା। ୧୯୭୫ ମସିହାରେ ମୁକ୍ତିଲାଭ କରିଥିବା ହିନ୍ଦୀ ଫିଲ୍ମ 'ଜୁଲି'ରେ ପ୍ରଥମ କରି କେତୋଟି ଇଂରାଜୀ ଗୀତ ସାମିଲ କରାଯାଇଥିଲା। ଏହାକୁ ଦର୍ଶକେ ମଧ୍ୟ ଖୁବ୍ ପସନ୍ଦ କରିଥିଲେ। ୫୦ ବର୍ଷ ପୂର୍ବେ ନିର୍ମିତ ଏହା ଏକ ପ୍ରେମ ଆଧାରିତ ଫିଲ୍ମ ଥିଲା। ଏହି ଫିଲ୍ମଟି ଦର୍ଶକଙ୍କ ମନକୁ ବେଶ୍ ଛୁଇଁ ଥିଲା। ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ କେ. ଏସ୍. ସେଥୁମାଧବନ୍। ଫିଲ୍ମରେ ଏକାଧିକ ସୁପରହିଟ୍ ଗୀତ ରହିଥିଲା। ଏଥିରେ ଭାରତୀୟ ସିନେମା ଜଗତରେ ପ୍ରଥମ ଥର କରି ଇଂରାଜୀ ଗୀତ 'ମାଇଁ ହାର୍ଟ ଇଜ୍ ବିଟିଙ୍ଗ' ସାମିଲ କରାଯାଇଥିଲା। ଏଥିସହ 'ଦିଲ କ୍ୟା କରେ ଜବ୍ କିସିକୋ କିସି ସେ ପ୍ୟାର୍ ହୋଯାଏ', 'ୟେ ରାତୋ ନୟୀ ପୁରାନି', 'ଭୁଲ ଗୟା ସବ୍ କୁଛ୍', 'ୟାଦ ନେହିଁ ଅବ କୁଛ' ଆଦି ସୁପରହିଟ୍ ହୋଇଥିଲା। ଏହାର ଗୀତଗୁଡ଼ିକ ଏଭରଗ୍ରୀନ୍ ଗୀତ ଭାବରେ ପରିଚିତି ଲାଭ କରିଥିଲା। ଫିଲ୍ମରେ ଅଭିନୟ କରିଥିବା ଅଭିନେତ୍ରୀ ରାତାରାତି ଷ୍ଟାର୍ ପାଲଟି ଯାଇଥିଲେ। ଏଥିରେ ସାଉଥ୍ ଅଭିନେତ୍ରୀ ଲକ୍ଷ୍ମୀ, ଅଭିନେତା ବିକ୍ରମ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ପରଦାରେ ଦୁହିଁଙ୍କ ଯୋଡ଼ିକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଏହା ଏକ କ୍ଲାସିକ୍ କଟ୍ ଫିଲ୍ମ ଭାବେ ପରିଚିତ। ସେତେବେଳେ ଏହି ଫିଲ୍ମର ନାମ ଅନେକ ଫେସନ୍ ପ୍ରସାଧନ ତଥା ବହିରେ ଛପା ଯାଉଥିଲା। ■

ହେଡିଂଲେରେ ପ୍ରଥମ ଟେଷ୍ଟ ଜୁନ୍ ୨୦ରୁ

# ଟିମ୍ ଚୟନକୁ ନେଇ ଦ୍ୱନ୍ଦ୍ୱରେ ଭାରତ



ଲିଡ୍ସ, ୧୮।୬ (ଏଜେନ୍ସି)

ଇଂଲଣ୍ଡରେ ଟେଷ୍ଟ ଖେଳିଲା ବେଳେ ଟିମ୍ ମ୍ୟାନେଜମେଣ୍ଟ ଫର୍ମ କିମ୍ବା ପୂର୍ବର ରେକର୍ଡକୁ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ। ଏହାର କାରଣ ହେଲା ଏଠାରେ ପିଚ୍ ଓ ପରିବେଶରେ ଖେଳିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ଦିନ, ସେସନ, ଘଣ୍ଟା ଓ ଏପରିକି ପ୍ରତ୍ୟେକ ବଲ୍ ଭିନ୍ନ ହୋଇଥାଏ। ଏହାକୁ ମୁକାବିଲା କରିବା ଲାଗି କେବଳ ଟେଷ୍ଟ ଟେମ୍ପରାମେଣ୍ଟ ନୁହେଁ, ଜଣେ ଖେଳାଳିଙ୍କ ଲାଗି ଦକ୍ଷତା ଓ ପରିସ୍ଥିତି ସହ ଖାପ୍ ଖୁଆଇବା ଏକାନ୍ତ ଜରୁରୀ। ଇଂଲଣ୍ଡ ଏପରି ଏକ ଦେଶ ଯେଉଁଠାରେ ଭାରତୀୟ କ୍ରିକେଟ ଦଳର ଟେଷ୍ଟ ରେକର୍ଡ ଆଦୌ ଭଲ ନୁହେଁ। ଏହି ଦେଶ ସହ ଭାରତ ପ୍ରଥମେ ୧୯୩୨ରେ ଟେଷ୍ଟ ଖେଳିଥିଲା। ଏହି ଦେଶ ସହ ମଧ୍ୟ ଇଂଲଣ୍ଡରେ ବା ବିଦେଶ ମାଟିରେ ସର୍ବାଧିକ ୬୭ଟି ଟେଷ୍ଟ ଖେଳିଛି। କିନ୍ତୁ ମାତ୍ର ୯ଟି ଟେଷ୍ଟରେ ଦଳ ବିଜୟୀ ହୋଇଛି। ଏଭଳି ସ୍ଥଳେ ଶୁବମନ ଗିଲଙ୍କ ନେତୃତ୍ୱରେ ଏକ ନୂଆ ଦଳଠାରୁ ବିଶେଷ କିଛି ଆଶା କରାଯାଉ ନାହିଁ। କିନ୍ତୁ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସ୍ୱଳ୍ପ ସମୟ ଲାଗି ହେଉ ମଧ୍ୟ ଦେଶ ବିଦେଶରେ ଶ୍ରେଷ୍ଠ ଖେଳାଳିଙ୍କ ସହ ଖେଳି ଭାରତୀୟମାନେ ଯେଉଁ ଅଭିଜ୍ଞତା ହାସଲ କରିଛନ୍ତି ତାହାକୁ ଏଠାରେ ବିନିଯୋଗ କରିବେ ବୋଲି ଭାରତୀୟ କ୍ରିକେଟ ବୋର୍ଡ ଓ ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଛନ୍ତି।

ଏହିକ୍ରମରେ ଇଂଲଣ୍ଡ ସହ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ହେଡିଂଲେରେ ଥିବା ଲିଡ୍ସର ଶୁଷ୍କ ପିଚ୍‌ରେ ଶୁକ୍ରବାରଠାରୁ ଖେଳାଯିବ। ଏହି ପିଚ୍‌ରେ ବଲ ସାଧାରଣତଃ ସୁଇଂ ହୋଇଥାଏ। ଏଠାରେ ବ୍ୟାଟରଙ୍କୁ ସର୍ବଦା ଖାପଖୁଆଇବାକୁ ପଡ଼ିଥାଏ ଓ ବୋଲରଙ୍କୁ ଫାଇଦା ମିଳିଥାଏ। ଏଭଳି ସ୍ଥଳେ ପ୍ରଥମ ଟେଷ୍ଟରେ ଭାରତ ପକ୍ଷରୁ କେଉଁମାନେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବେ ତାହାକୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି। ଦଳରେ ଯେଉଁ ୧୮ ଜଣ ଖେଳାଳି ରହିଛନ୍ତି ସେମାନଙ୍କ ମଧ୍ୟରୁ କିଏ ଫିଟ୍ ବା ଅନ୍‌ଫିଟ୍ ତାହା କହିବା କଷ୍ଟକର। ଫିଟ୍‌ନେସ୍‌କୁ ବାଦ୍ ଦେଇ ୧୧ ଜଣିଆ ଖେଳାଳି ଚୟନ କରିବା ବେଳେ ୨ରୁ ୩ଟି ସ୍ଥାନ ଲାଗି ଦ୍ୱନ୍ଦ୍ୱ ରହିଛି। ଅନ୍ୟ ସମସ୍ତ ପୋଜିସନ ଲାଗି ପ୍ରାୟ ଖେଳାଳି ଚୟନ ଶେଷ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ ନଂ-୩ରେ ନବାଗତ ଦଳରେ ସାମିଲ ହୋଇଥିବା ଓ ଆଇପିଏଲ୍‌ରେ ଜବରଦସ୍ତ ଫର୍ମରେ ଥିବା ସାଇ ସୁଦର୍ଶନ କିମ୍ବା ଭାରତ-ଏ' ଅଧିନାୟକ ଅଭିମନ୍ୟୁ ଈଶ୍ୱରନଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିବ। ସେହିପରି ଦଳ ଜଣେ ସ୍ପିନର ଓ ୪ଜଣ ପେସ୍ ବୋଲରଙ୍କୁ ନେଇ ଖେଳିବା ସମ୍ଭାବନା ରହିଛି। ଏପରି ହେଲେ ଜଣେ ପେସ୍ ବୋଲିଂ ଅଲରାଉଣ୍ଡର ଭାବେ ନୀତୀଶ ରେଡ୍ଡି କିମ୍ବା ଶାର୍ଦ୍ଦୁଳ ଠାକୁରଙ୍କୁ ଚୂଡ଼ାନ୍ତ ଦଳରେ ନିଆଯିବ। ଅନ୍ୟ ସମସ୍ତେ ପୂର୍ବାନୁମାନ ଅନୁଯାୟୀ ଖେଳିବା ସୁଯୋଗ ପାଇବେ ବୋଲି ଆଶା କରାଯାଉଛି।

ଟିମ୍ ମ୍ୟାନେଜମେଣ୍ଟଠାରୁ ମିଳିଥିବା ସୂଚନା ଅନୁଯାୟୀ ଦଳର ଇନିଂସ ଓପନ କରିବାକୁ ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲଙ୍କୁ ମନୋନୟନ କରାଯିବ। ଇଂଲଣ୍ଡରେ ପ୍ରଥମଥର ଖେଳୁଥିବା ଜୟସ୍ୱାଲ କିପରି ସଫଳତା ପାଇବେ ତାହା ଖେଳିଲାପରେ ଜଣାପଡ଼ିବ। ଅନ୍ୟପକ୍ଷରେ ଲୋକେଶ ରାହୁଲଙ୍କର ଇଂଲଣ୍ଡରେ ଖେଳିବାର ବେଶ ଅଭିଜ୍ଞତା ରହିଛି। ଭାରତ-ଏ' ସହ ଖେଳି ସେ ମଧ୍ୟ ଶତକ ହାସଲ କରିଛନ୍ତି। ଏଣୁ ତାଙ୍କ ଉପରେ ଟିମ୍ ମ୍ୟାନେଜମେଣ୍ଟ ଭରସା କରିବ। ଦଳର ନେତୃତ୍ୱ ନେଉଥିବା ଶୁବମନ ଗିଲ୍ ଏକାଥରକେ ୨ଟି ବିଭାଗରେ ନେତୃତ୍ୱ ନେବେ। ରୋହିତ ଶର୍ମାଙ୍କ ସ୍ଥାନରେ ସେ ଦଳର ଓ ବିରାଟ କୋହଲିଙ୍କ ସ୍ଥାନରେ ବ୍ୟାଟିଂର ନେତୃତ୍ୱ ନେବେ। ଏଣୁ ସେ ବିରାଟଙ୍କ ପ୍ରିୟ ସ୍ଥାନ ନଂ-୪ରେ ଖେଳିବେ ବୋଲି ସୂଚନା ମିଳିଛି। ଗିଲ୍‌ଙ୍କ ନଂ-୩ ସ୍ଥାନ ପୂରଣ କରିବାକୁ ଦୁଇଜଣ ଦାବିଦାର ରହିଛନ୍ତି। ଆଇପିଏଲ୍‌ରେ ସର୍ବାଧିକ ରନ୍ କରିଥିବା ତଥା ଘରୋଇ କ୍ରିକେଟରେ ଭଲ ଖେଳିଥିବା ସାଇ ସୁଦର୍ଶନ ନଂ-୩ ଦୌଡ଼ରେ ଆଗୁଆ ଅଛନ୍ତି। କିନ୍ତୁ ଗତ ୮ ବର୍ଷ ଧରି ଭାରତୀୟ ସିନିୟର ଦଳରେ ରହିଆସୁଥିବା ଏବଂ ୧୦୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିସାରିଥିବା ଅଭିମନ୍ୟୁ ଈଶ୍ୱରନଙ୍କୁ ମଧ୍ୟ ଅଣଦେଖା କରିହେବ ନାହିଁ। ଭାରତ-ଏ' ଦଳର ନେତୃତ୍ୱ ନେଇ ସେ ଅନ୍‌ଅଫିସିଆଲ ଟେଷ୍ଟରେ ୨ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। କିନ୍ତୁ ତାଙ୍କ ଆଉଟ୍‌କୁ ନେଇ ମ୍ୟାନେଜ୍‌ମେଣ୍ଟ ଖୁସି ନାହିଁ। ନଂ-୫ରେ କରୁଣ ନାୟାର ଓ ନଂ-୬ରେ ୱିକେଟରକ୍ଷକ ତଥା ଉପଅଧିନାୟକ ଋଷଭ ପନ୍ତ୍‌ଙ୍କ ଖେଳିବା ନେଇ କୌଣସି ସନ୍ଦେହ ନାହିଁ। ସେହିପରି ଅଭିଜ୍ଞ ଅଲରାଉଣ୍ଡର ତଥା ବିରାଟ-ଅଶ୍ୱିନ-ରୋହିତ ଯୁଗର ଏକମାତ୍ର ଖେଳାଳି ରବୀନ୍ଦ୍ର ଜାଡେଜା ନଂ-୮ରେ ଖେଳିବେ। ସେ ମଧ୍ୟ ଦଳର ଏକମାତ୍ର ସ୍ପିନର ଭାବେ ରହିବେ।

ଭାରତୀୟ ଦଳ ଜଣେ ସ୍ପିନର ଓ ୪ଜଣ ପେସ୍ ବୋଲରଙ୍କୁ ନେଇ ଖେଳିବ ବୋଲି ଆଶା କରାଯାଉଛି। ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣାଙ୍କ ସହ ଜଣେ ପେସ୍ ବୋଲିଂ ଅଲରାଉଣ୍ଡରଙ୍କୁ ସାମିଲ କରିବ ଭାରତ। ଏହି ସ୍ଥାନ ଲାଗି ନୀତିଶ କୁମାର ରେଡ୍ଡି ଓ ଶାର୍ଦ୍ଦୁଳ ଠାକୁରଙ୍କ ମଧ୍ୟରୁ ଜଣଙ୍କୁ ଚୟନ କରାଯିବ। ଇଂଲଣ୍ଡରେ ଖେଳିବାର ଅଭିଜ୍ଞତା, ଅଭ୍ୟାସ ମ୍ୟାଚ୍‌ରେ ଶତକ ଓ ରଣଜୀ ଟ୍ରଫି ଖେଳିବା ପରେ ଦମ୍‌ଦାର ପ୍ରଦର୍ଶନ ଯୋଗୁଁ ଶାର୍ଦ୍ଦୁଳ ଚୂଡ଼ାନ୍ତ ଏକାଦଶରେ ଖେଳିବାର ସମ୍ଭାବନା ଅଧିକ ରହିଛି।

### ସମ୍ଭାବ୍ୟ ଦଳ

**ବ୍ୟାଟର** : ଓପନର-ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ମିଡଲ ଅର୍ଡର-ସାଇ ସୁଦର୍ଶନ/ଅଭିମନ୍ୟୁ ଈଶ୍ୱରନ, ଶୁବମନ ଗିଲ୍ (ଅଧିନାୟକ), କରୁନ ନାୟାର, ୱିକେଟରକ୍ଷକ-ଋଷଭ ପନ୍ତ୍ (ଉପଅଧିନାୟକ), ସ୍ପିନର (୧)- ରବୀନ୍ଦ୍ର ଜାଡେଜା, ପେସ୍ ବୋଲର (୪)- ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା।


## ଇଂଲଣ୍ଡ ଟାର୍ଗେଟରେ ଗିଲ୍



ଲିଡ୍ସ, ୧୮।୬ (ଏଜେନ୍ସି): ଭାରତ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ଏକ ଶକ୍ତିଶାଳୀ ଦଳ ଚୟନ କରିନାହିଁ। ଏହି ଦଳର ବୋଲିଂ ଏତେ ଅଭିଜ୍ଞ ନୁହେଁ। ଏମାନଙ୍କୁ କେବଳ ପିଚ୍ ଓ ପରିବେଶରୁ ସହାୟତା ମିଳିବ। ଏହାକୁ ଯଦି ଭାରତୀୟ ଖେଳାଳିମାନେ ଖାପ୍ ଖୁଆଇନେବେ ତେବେ ଇଂଲଣ୍ଡର ସିରିଜ୍ ଜିତିବା କଷ୍ଟକର ହେବ। ଭାରତୀୟ ଦଳର ନେତୃତ୍ୱ ନେଉଥିବା ଶୁବମନ ଗିଲ୍‌ଙ୍କୁ ଟାର୍ଗେଟ କରିବ ଇଂଲଣ୍ଡ ଦଳ। ଗିଲଙ୍କୁ ଯେତେ ଚିନ୍ତାରେ ପଡ଼ିବେ, ଇଂଲଣ୍ଡ ଲାଗି ସେତେ ଭଲ। ଏଣୁ ଇଂଲଣ୍ଡର ଅନଭିଜ୍ଞ ବୋଲର ନିଶ୍ଚିତ ଭାବେ ଗିଲ୍ ଓ ବ୍ୟାଟିଂରେ ଲୋକେଶ ରାହୁଲଙ୍କୁ ଟାର୍ଗେଟ କରିବେ ବୋଲି ଇଂଲଣ୍ଡର ପୂର୍ବତନ ଖେଳାଳି ନିକ୍ ନାଇଟ୍ କହିଛନ୍ତି। ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳିଲା ବେଳେ ଗିଲ୍‌ଙ୍କ ବ୍ୟାଟିଂ ଦେଖିଥିଲି। ସେ ଏବେ ଅନ୍ତର୍ଜାତୀୟ ସ୍ତରରେ ତାଙ୍କ ଦକ୍ଷତାର ପ୍ରମାଣ ଦେବେ। ସେହିପରି ଅତ୍ୟନ୍ତ ପ୍ରତିଭାବାନ ସାଇ ସୁଦର୍ଶନ ମଧ୍ୟ ଏଠାରେ ଭଲ କରିବେ ବୋଲି ନାଇଟ୍ ପୂର୍ବାନୁମାନ କରିଛନ୍ତି।

## ପ୍ରଥମ ଟେଷ୍ଟ ଲାଗି ଇଂଲଣ୍ଡ ଦଳ ଘୋଷିତ

ଲିଡ୍ସ, ୧୮।୬ (ଏଜେନ୍ସି): ଭାରତ ସହ ହେଡିଂଲେରେ ଜୁନ୍ ୨୦ରୁ ହେବାକୁ ଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ଲାଗି ଇଂଲଣ୍ଡ ୧୧ ଜଣିଆ ଦଳ ଘୋଷଣା କରିଛି। ବେନ୍ ଷ୍ଟୋକ୍ସଙ୍କ ନେତୃତ୍ୱରେ ଗଠିତ ଦଳରେ



ଓଲି ପୋ।ପଙ୍କୁ ନଂ-୩ ପୋଜିସନରେ ଖେଳିବାକୁ ମନୋନୀତ କରାଯାଇଛି। ଜେମି ସ୍ମିଥ ୱିକେଟ ରକ୍ଷକ ଦାୟିତ୍ୱ ତୁଲାଇବେ। ଜୋ ରୁଟ୍ ଇଂଲଣ୍ଡ ବ୍ୟାଟିଂର ଓ କ୍ରିସ୍ ଓକ୍ସ ବୋଲିଂର ନେତୃତ୍ୱ ନେବେ। ବୋଲରଙ୍କ ମଧ୍ୟରେ ଓକ୍ସ ୫୭ଟି ଓ ଏକମାତ୍ର ସ୍ପିନର ସୋଏବ ବସିର ୧୬ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଅନ୍ୟ ବୋଲର ବ୍ରାଇଡନ କାର୍ସ ୫ଟି, ଜୋଶ ଟଙ୍ଗ୍ ୩ଟି ଲେଖାଏଁ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଗତ ଦୁଇ ଦଶନ୍ଧି ପରେ ଭାରତ ଜେମ୍ସ ଆଣ୍ଡରସନ କିମ୍ବା ଷ୍ଟୁଆର୍ଟ ବ୍ରଡ୍‌ଙ୍କୁ ପ୍ରତିଦ୍ୱନ୍ଦ୍ୱୀ ଭାବେ ଖେଳିବାର ସୁଯୋଗ ପାଇନାହିଁ।

**ଇଂଲଣ୍ଡ ଦଳ** : ଜ୍ୟାକ୍ କ୍ରଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ୱକ୍ସ, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ସୋଏବ ବଶିର।

● ବିଶ୍ୱ ପାରା ଆଥ୍‌ଲେଟିକ ଚାମ୍ପିଅନସିପ୍

## କଙ୍ଗନା ବ୍ରାଣ୍ଡ ଆମ୍ବାସାଡର



ଭୁବନେଶ୍ୱର, ୧୮।୬ (ସମିସ): ଚଳଚ୍ଚିତ୍ର ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରାଣାୱତ୍ ନୂଆଦିଲ୍ଲୀରେ ହେବାକୁ ଥିବା ବିଶ୍ୱ ପାରା ଆଥଲେଟିକ୍ ଚାମ୍ପିଅନସିପ୍ ଲାଗି ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ଏ ସମ୍ପର୍କରେ ପାରାଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ଘୋଷଣା କରିବା ସହ ଆସନ୍ତା ଜୁନ୍ ୨୦ରେ ମାସ୍କଟ ଉନ୍ମୋଚନ କରାଯିବ। ଏହିଦିନଠାରୁ ଠିକ୍ ୧୦୦ ଦିନ ପରେ ନୂଆଦିଲ୍ଲୀରେ ଏହି ବିଶ୍ୱ ଚାମ୍ପିଅନସିପ୍ ଆୟୋଜିତ ହେବ। ରାଣାୱତ ଆମ୍ବାସାଡର ହେବା ଫଳରେ ଭାରତରେ ପାରା କ୍ରୀଡ଼ାର ପ୍ରଚାର ଓ ପ୍ରସାର ହେବା ସହ କ୍ରୀଡ଼ାବିତମାନେ ଉତ୍ସାହିତ ହେବେ ବୋଲି ପାରା ଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆର ସଭାପତି ଦେବେନ୍ଦ୍ର ଝଝରିଆ କହିଛନ୍ତି।

## ଟି-୨୦ରେ ଗ୍ଲେନ୍ ମ୍ୟାକ୍ସୱେଲ୍‌ଙ୍କ କୀର୍ତ୍ତିମାନ

କାଲିଫର୍ଣ୍ଣିଆ, ୧୮।୬ (ଏଜେନ୍ସି): ଆମେରିକାରେ ଚାଲିଥିବା ମେଜର୍ ଲିଗ୍ କ୍ରିକେଟ୍ (ଏମ୍‌ଏଲ୍‌ସି)ର ୩ୟ ସଂସ୍କରଣରେ ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ୱାଶିଂଟନ ଫ୍ରିଡମ୍ ୧୧୩ ରନର ବୃହତ୍ ବ୍ୟବଧାନରେ ଲସ୍ ଏଞ୍ଜେଲ୍ସ ନାଇଟ୍ ରାଇଡର୍ସକୁ ପରାସ୍ତ କରିଛି। ଏହି ମ୍ୟାଚରେ ୱାଶିଂଟନ ଦଳର ଅଧିନାୟକ ଗ୍ଲେନ ମ୍ୟାକ୍ସୱେଲ୍ ୪୯ ବଲରେ ୧୦୬ ରନର ଅପରାଜିତ ଶତକୀୟ ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଓଭରଅଲ୍ (ଜାତୀୟ, ଅନ୍ତର୍ଜାତୀୟ ଓ ଲିଗ୍) ଟି-୨୦ କ୍ରିକେଟ୍‌ରେ ମ୍ୟାକ୍ସୱେଲ୍‌ଙ୍କ ଏହା ୮ମ ଶତକ। ଏଥିସହ ଟି-୨୦ କ୍ରିକେଟ୍‌ରେ ୮ ଶତକ ହାସଲ କରିଥିବା ଡେଭିଡ୍ ୱାର୍ଣ୍ଣର, ରୋହିତ୍ ଶର୍ମା, ଜୋଶ ବଟଲର୍ ଓ ଆରୋନ ଫିଞ୍ଚଙ୍କ କ୍ଲବରେ ମ୍ୟାକ୍ସୱେଲ୍ ସାମିଲ ହୋଇଛନ୍ତି। ଟି-୨୦ରେ ସର୍ବାଧିକ ଶତକ ହାସଲକାରୀ ବ୍ୟାଟର୍ ତାଲିକାରେ ଏହି ୫ଜଣ ଯୁଗ୍ମ ଭାବେ ୪ର୍ଥ ସ୍ଥାନରେ ରହିଛନ୍ତି। ୨୨ ଶତକ ସହ କ୍ରିସ୍ ଗେଲ୍ ତାଲିକାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଅପରପକ୍ଷରେ ମ୍ୟାକ୍ସୱେଲ୍ ଟି-୨୦ରେ ୧୦, ୫୦୦ ରନ ଅତିକ୍ରମ କରିଛନ୍ତି। ଏଥିସହ ଟି-୨୦ କ୍ରିକେଟ୍‌ରେ ୫ରୁ ଊର୍ଦ୍ଧ୍ୱ ଶତକ, ୧୭୦ରୁ ଊର୍ଦ୍ଧ୍ୱ ୱିକେଟ୍ ସହ ୧୦,୫୦୦ ରନ ସଂଗ୍ରହ କରିବାରେ ସେ ବିଶ୍ୱର ପ୍ରଥମ କ୍ରିକେଟର୍ ହୋଇଛନ୍ତି।



## ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର୍ ଆଜିଠୁ



ଭୁବନେଶ୍ୱର,୧୮।୬ (ସମିସ): ବିଲିଆର୍ଡ୍ସ ଓ ସ୍ନୁକର ସଂଘ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ ସ୍ଥାନୀୟ ସାଲିଆସାହିସ୍ଥିତ ଭିଣ୍ଟେଜ କ୍ଲବ୍ ପରିସରରେ ଜୁନ୍ ୧୯ରୁ ତାରିଖଯାଏ ଆୟୋଜିତ ହେବ। ଚଳିତ କ୍ୟାଲେଣ୍ଡର ବର୍ଷରେ ବିଏସ୍‌ଏଓର ଏହା ତୃତୀୟ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୨୧,୦୦୦ ଟଙ୍କା ଓ ରନର୍ସ ଅପ୍ ଖେଳାଳିଙ୍କୁ ଟ୍ରଫି ସହ ୧୧,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ଆଜି ଭିଣ୍ଟେଜ୍ କ୍ଲବ୍ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଏସ୍‌ଏଓର ସମ୍ପାଦକ ସମୀର ଅଲି ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପୂରାତନ ଖେଳାଳି ତଥା ଭିଣ୍ଟେଜ୍ କ୍ଲବ୍ ମାଲିକ ଅମିୟ ରଞ୍ଜନ ନାୟକ, ସତ୍ୟଦୀପ ଦାସ ଓ ଅଂଶଗ୍ରହଣକାରୀ ଖେଳାଳିମାନେ ଉପସ୍ଥିତ ଥିଲେ।

## କୋଚି ଟସ୍କର୍ସଙ୍କୁ ୫୩୮ କୋଟି ଦେବ ବିସିସିଆଇ

ମୁମ୍ବଇ, ୧୮।୬ (ଏଜେନ୍ସି): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କି ଜବରଦସ୍ତ ଝଟ୍‌କା ଲାଗିଛି। ବିସିସିଆଇକୁ ଏବେ ଆଇପିଏଲ ଫ୍ରାଞ୍ଚାଇଜ୍ କୋଚି ଟସ୍କର୍ସ କେରଳାକୁ ୫୩୮ କୋଟି ଟଙ୍କା ଦେବାକୁ ବମ୍ବେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୧୦ ବର୍ଷ ତଳେ ୨୦୧୫ରେ ଅର୍ବିଟ୍ରଲ ଟ୍ରିବୁନାଲର ଦେଇଥିବା ନିର୍ଦ୍ଦେଶକୁ ବମ୍ବେ ହାଇକୋର୍ଟ ବଜାୟ ରଖିଛନ୍ତି। ସେତେବେଳେ ଟ୍ରିବୁନାଲର ବିଚାରପତି ଆରସି ଲାହୋଟି କୋଚି ଟସ୍କର୍ସ ସପକ୍ଷରେ ନ୍ୟାୟ ଶୁଣାଇଥିଲେ। ବିସିସିଆଇକୁ କ୍ଷତିପୂରଣ ବାବଦରେ କୋଚି ଟସ୍କର୍ସଙ୍କୁ ୫୩୮ କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ବିରୋଧ କରି ବିସିସିଆଇ ବମ୍ବେ ହାଇକୋର୍ଟରେ ଚ୍ୟାଲେଞ୍ଜ୍ କରିଥିଲା। ବିଭିନ୍ନ ନିୟମକୁ ଦୃଷ୍ଟିରେ ରଖି ଏହି ମାମଲାରେ ହାଇକୋର୍ଟ ହସ୍ତକ୍ଷେପ କରିପାରବ ନାହିଁ ବୋଲି ବିଚାରପତି ଆରଆଇ ଛାଗଲା କହିଛନ୍ତି।

ଉଲ୍ଲେଖଥାଉ କି, ୨୦୧୧ରେ କୋଚିକୁ ଆଇପିଏଲ୍‌ରେ ସାମିଲ କରାଯାଇଥିଲା। ରେଣ୍ଡେଜଭୋସ ସ୍ପୋର୍ଟ୍ସ ୱାର୍ଲ୍ଡ (ଆରଏସ୍‌ଡବ୍ଲ୍ୟୁ) ପାଖରେ ଏହି ଫ୍ରାଞ୍ଚାଇଜ୍‌ର ମାଲିକାନା ଥିଲା। ପରେ କୋଚି କ୍ରିକେଟ ପ୍ରାଇଭେଟ ଲିମିଟେଡ (କେସିପିଏଲ୍) ମାଲିକାନା ହାତକୁ ନେଇଥିଲା। କିନ୍ତୁ କୋଚି ମାଲିକ ବିସିସିଆଇ ବ୍ୟାଙ୍କ ଗ୍ୟାରେଣ୍ଟି ରିଭ୍ୟୁ କରି ନ ଥିଲେ। ବୋର୍ଡ ୬ ମାସ ଅପେକ୍ଷା କରିବା ପରେ ମଧ୍ୟ କୋଚି ମାଲିକ ବ୍ୟାଙ୍କ ଗ୍ୟାରେଣ୍ଟି (୧୫୬ କୋଟି ଟଙ୍କା)ଜମା କରି ନଥିଲେ। ତେଣୁ ୨୦୧୧ ସେପ୍ଟେମ୍ବର ୧୯ରେ କୋଚି ଫ୍ରାଞ୍ଚାଇଜ୍‌କୁ ଆଇପିଏଲ୍‌ରୁ ହଟାଇ ଦେଇଥିଲା। ଫଳରେ ବିସିସିଆଇ ବିରୋଧରେ କେସିପିଏଲ୍ ଓ ଆରଏସ୍‌ଡବ୍ଲ୍ୟୁ ମଧ୍ୟସ୍ଥତା ଅର୍ଥାତ ଆର୍ବିଟ୍ରେସନ ପ୍ରକ୍ରିୟା ଆରମ୍ଭ କରିଥିଲା। ଶେଷରେ ୨୦୧୫ରେ ଅର୍ବିଟ୍ରଲ ଟ୍ରିବୁନାଲ ଚୁକ୍ତି ନିୟମର ଉଲ୍ଲଂଘନ ଅଭିଯୋଗରେ ବିସିସିଆଇକୁ ଦୋଷୀ ବୋଲି କହିଥିଲା। ବୋର୍ଡର ତ୍ରୁଟି କାରଣରୁ କେସିପିଏଲ୍‌କୁ ୩୮୪ ଓ ଆରଏସ୍‌ଡବ୍ଲ୍ୟୁକୁ ୧୫୩ କୋଟି ଟଙ୍କାର କ୍ଷତି ହୋଇଛି ବୋଲି କହିଥିଲା। ଫଳରେ ବୋର୍ଡକୁ ମୋଟ ଉପରେ ୫୩୮ କୋଟି ଟଙ୍କା ଦେବାକୁ କୁହାଯାଇଥିଲା। ଏହାକୁ ଏବେ ବମ୍ବେ ହାଇକୋର୍ଟ ବଳବତ୍ତର ରଖିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଦୁଇ ପକ୍ଷର ବିବାଦ ସମାଧାନ କରିବାକୁ କୋର୍ଟକୁ ଯିବା ବଦଳରେ ତୃତୀୟ ପକ୍ଷ ଦ୍ୱାରସ୍ଥ ହୋଇଥାନ୍ତି। ଏହି ତୃତୀୟ ପକ୍ଷକୁ ଆର୍ବିଟ୍ରେଟର କୁହାଯାଇଥାଏ। ୨୦୧୦ରେ ଆରଏସ୍‌ଡବ୍ଲ୍ୟୁ ୧୫୫୫ କୋଟି ଟଙ୍କାରେ କୋଚି ଟସ୍କର୍ସ ଫ୍ରାଞ୍ଚାଇଜ୍ କିଣିଥିଲା।

ବାରବାଟୀରେ ଟି-୨୦

## ବନ୍ଦ ହୋଇପାରେ କାଉଣ୍ଟର ଟିକଟ୍ ବିକ୍ରି

କଟକ,୧୭।୬(ସମିସ): ଆସନ୍ତା ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣଆଫ୍ରିକା ମଧ୍ୟରେ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳାଯିବ। ଏହି ପରିପ୍ରେକ୍ଷୀରେ ପୂର୍ବ ତ୍ରୁଟିରେ ସୁଧାର ଆଣିବାକୁ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପ୍ରାକ୍ ପ୍ରସ୍ତୁତି ଚଳାଇଛି। ଏକାଧିକ ତ୍ରୁଟି ଓ ଅବ୍ୟବସ୍ଥା ଯୋଗୁଁ ଓସିଏ ଯେଉଁ ସବୁ ନିନ୍ଦା ମୁଣ୍ଡାଇଥିଲା ତାହାର ପୁନଃରାବୃତ୍ତି କିପରି ନଘଟିବ ସେ ନେଇ ଯୋଜନା ଚାଲିଛି। ଆଜି ସନ୍ଧ୍ୟାରେ କଟକ ଜିଲ୍ଲା କ୍ରୀଡ଼ା ସଂଘର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ପ୍ରସ୍ତୁତି ସମ୍ପର୍କରେ ମତ ଦେଇଛନ୍ତି। ଆଗାମୀ ଦିନରେ କାଉଣ୍ଟର ଟିକଟ ବିକ୍ରି ବନ୍ଦ କରାଯିବା ସହ ଦର୍ଶକଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ଟିକଟ ଅନଲାଇନରେ ଉପଲବ୍ଧ ହେବ। ମାତ୍ର ଏହା ଚୂଡ଼ାନ୍ତ ନିଷ୍ପତ୍ତି ନୁହେଁ। ଏ ବାବଦରେ ଆଗାମୀ ଏଜିଏମ୍‌ରେ ଆଲୋଚନା କରାଯିବ ବୋଲି ସମ୍ପାଦକ ସଞ୍ଜୟ କହିଛନ୍ତି। ଗତ ଫେବୃୟାରୀରେ ଏଠାରେ ଖେଳାଯାଇଥିବା ଭାରତ-ଇଂଲଣ୍ଡ ଏକଦିବସୀୟରେ କାଉଣ୍ଟର ଟିକଟ ବିକ୍ରି ସମୟରେ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। କ୍ରିକେଟପ୍ରେମୀଙ୍କ ଭିତରେ ଦଳଚକଟା ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଥିଲା।

## ପାକିସ୍ତାନ ବିପକ୍ଷରୁ ଭାରତର ଅଭିଯାନ ଆରମ୍ଭ

ICC WOMEN'S T20 WORLD CUP ENGLAND & WALES 2026

ଲଣ୍ଡନ, ୧୮।୬ (ଏଜେନ୍ସି)

ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ୨୦୨୬ ଜୁନ ୧୨ରୁ ଇଂଲଣ୍ଡରେ ଆରମ୍ଭ ହେବ। ଏଥିଲାଗି ଆୟୋଜକ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ବର୍ଷକ ପୂର୍ବରୁ ବୁଧବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଆୟୋଜକ ଇଂଲଣ୍ଡ ଓ ଶ୍ରୀଲଙ୍କା ମହିଳା କ୍ରିକେଟ୍ ଦଳ ମଧ୍ୟରେ ଜୁନ ୧୨ରେ ଏହି ମେଗା ଇଭେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଏଜ୍‌ବାଷ୍ଟନରେ ଖେଳାଯିବ। ସେହିଭଳି ଭାରତୀୟ ମହିଳା କ୍ରିକେଟ୍ ଦଳ ଜୁନ ୧୪ରେ (ରବିବାର) ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଖେଳି ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ମଧ୍ୟ ଏଜ୍‌ବାଷ୍ଟନରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଡିଫେଣ୍ଡିଂ ଚାମ୍ପିଅନ ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ୍ ଦଳ ଜୁନ ୧୩ରେ ପ୍ରଥମ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ଭେଟିବ।

ମହିଳା ଟି-୨୦ ବିଶ୍ୱକପ୍‌ର ଏହି ସଂସ୍କରଣ ଜୁନ ୧୨ରୁ ଆରମ୍ଭ ହୋଇ ୨୪ ଦିନ ଧରି ଚାଲିବ। ଜୁଲାଇ ୫ରେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଖେଳାଯିବ। ଫାଇନାଲକୁ ମିଶାଇ ମୋଟ୍ ୩୩ଟି ମ୍ୟାଚ୍ ଏହି ବିଶ୍ୱକପ୍‌ରେ ଅନୁଷ୍ଠିତ ହେବ। ବିଶ୍ୱର ୧୨ ଗୋଟି ଦଳ ଏଥର ଟାଇଟଲ୍ ପାଇଁ ଲଢ଼େଇକୁ ଅବତୀର୍ଣ୍ଣ ହେବେ। ସେଥିମଧ୍ୟରୁ ବିଶ୍ୱ ମାନ୍ୟତାର ଶ୍ରେଷ୍ଠ-୮ ଗୋଟି ଦଳ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା ଓ ପାକିସ୍ତାନ ସିଧାସଳଖ ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟ ଦେଇ ଆଉ ୪ ଗୋଟି ଦଳ ବିଶ୍ୱକପ୍ ଖେଳିବେ। ମୋଟ୍ ୧୨ ଗୋଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍-୧ରେ ଭାରତ ସମେତ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଓ ଦୁଇଟି ଯୋଗ୍ୟତା ଅର୍ଜନକାରୀ ଦଳ ରହିଛନ୍ତି। ସେହିଭଳି ଗ୍ରୁପ୍-୨ରେ ଦୁଇଥରର ବିଜେତା ୱେଷ୍ଟଇଣ୍ଡିଜ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା ଓ ୨ଟି ଯୋଗ୍ୟତା ଅର୍ଜନକାରୀ ଦଳ ସ୍ଥାନ ପାଇଛନ୍ତି। ପ୍ରତି ଗ୍ରୁପ୍‌ର ଦୁଇଟି ଶ୍ରେଷ୍ଠ ଦଳକୁ ସେମିଫାଇନାଲ ଟିକଟ୍ ମିଳିବ। ଜୁନ ୩୦ ଓ ଜୁଲାଇ ୨ରେ ଯଥାକ୍ରମେ ଦୁଇଟିଯାକ ସେମିଫାଇନାଲ ଦି ଓଭାଲ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡ ସମେତ ଓଭାଲ, ଏଜ୍‌ବାଷ୍ଟନ, ଓଲ୍ଡ ଟ୍ରାଫୋର୍ଡ କ୍ରିକେଟ୍ ଗ୍ରାଉଣ୍ଡ, ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡ ଓ ହାମ୍ପଶାୟର ବାଓଲ୍‌ରେ ବିଶ୍ୱକପ୍‌ର ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ସ୍ଥାନୀୟ ସମୟ ସକାଳ ୧୦ଟା ୩୦, ଅପରାହ୍ଣ ୨ଟା ୩୦ ଓ ସନ୍ଧ୍ୟା ୬ଟା ୩୦ରେ ମ୍ୟାଚ୍ ଆରମ୍ଭ ହେବାର ସମୟ ଧାର୍ଯ୍ୟ କରାଯାଇଛି।

### ୨୦୨୬ ମହିଳା ଟି-୨୦ ବିଶ୍ୱକପ୍

ଭାରତର କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ | ସମୟ |
|---|---|---|---|
| ଜୁନ ୧୪ | ଭାରତ-ପାକିସ୍ତାନ | ଏଜ୍‌ବାଷ୍ଟନ | ଅପରାହ୍ଣ ୨ଟା ୩୦ |
| ଜୁନ ୧୭ | ଭାରତ-କ୍ୱାଲିଫାୟର | ହେଡିଂଲି | ଅପରାହ୍ଣ ୨ଟା ୩୦ |
| ଜୁନ ୨୧ | ଭାରତ-ଦକ୍ଷିଣ ଆଫ୍ରିକା | ଓଲ୍ଡ ଟ୍ରାଫୋର୍ଡ | ଅପରାହ୍ଣ ୨ଟା ୩୦ |
| ଜୁନ ୨୫ | ଭାରତ-କ୍ୱାଲିଫାୟର | ଓଲ୍ଡ ଟ୍ରାଫୋର୍ଡ | ଅପରାହ୍ଣ ୨ଟା ୩୦ |
| ଜୁନ ୨୮ | ଭାରତ-ଅଷ୍ଟ୍ରେଲିଆ | ଲର୍ଡ୍ସ | ଅପରାହ୍ଣ ୨ଟା ୩୦ |

ଗ୍ରୁପ୍-୧: ଭାରତ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ, କ୍ୱାଲିଫାୟର-୧, କ୍ୱାଲିଫାୟର-୨
ଗ୍ରୁପ୍-୨: ୱେଷ୍ଟଇଣ୍ଡିଜ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ଶ୍ରୀଲଙ୍କା, କ୍ୱାଲିଫାୟର-୧, କ୍ୱାଲିଫାୟର-୨

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS